


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-186 THURSDAY 1 JANUARY 2026 PAGE-12 ₹ 7.00 | PANIKOILI | ବର୍ଷ-୪୩ ସଂଖ୍ୟା-୧୮୬ ଗୁରୁବାର ୧ ଜାନୁଆରୀ ୨୦୨୬ ପୃଷ୍ଠା-୧୨ ଟ.୭.୦୦

## ପିୟୁସିସି କଟକଣା ମାର୍ଚ୍ଚ ୩୧ ଯାଏଁ କୋହଳ

■ ଭୁବନେଶ୍ୱର, ୩୧।୧୨ (ସମିସ): ରାଜ୍ୟରେ ଲାଗୁ ହୋଇଥିବା ପ୍ରଦୂଷଣ ସାର୍ଟିଫିକେଟ୍ ପିୟୁସିସି ଲାଗୁ କଟକଣା ଅବଧି ଆଉ ୨ ମାସ ବଢ଼ିଛି। ଅର୍ଥାତ ଆସନ୍ତା ମାର୍ଚ୍ଚ ୩୧ ଯାଏଁ ଏହି ନିୟମ ଲାଗୁ ହେବ ନାହିଁ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ପୂର୍ବରୁ ଜାନୁଆରୀରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଏହି କୋହଳ ଅବଧି ବୃଦ୍ଧି ହୋଇଥିଲା। ତେବେ ରାଜ୍ୟରେ ଏହି କଟକଣାକୁ ଓ ଏଥିପାଇଁ ଜରିମାନା ରାଶି ପେଠକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ସରକାର ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ବୁଧବାର ପରିବହନ ମନ୍ତ୍ରୀଙ୍କ ବାସଭବନରେ ବିଭାଗୀୟ ସଚିବଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଗ୍ରୀନ୍ ଷ୍ଟିକର୍‌କୁ ନେଇ ଥିବା ଦ୍ୱନ୍ଦ୍ୱକୁ ନେଇ ଆଲୋଚନା ହୋଇଛି। ବୈଠକ ପରେ ଗାଡ଼ିଗୁଡ଼ିକରେ ଗ୍ରୀନ୍ ଷ୍ଟିକର୍ ଲଗାଇବା ବାଧ୍ୟତାମୂଳକ ନୁହେଁ ବୋଲି ▶ପୃଷ୍ଠା-୭

**ବାଧ୍ୟତାମୂଳକ ହେବନାହିଁ ଗ୍ରୀନ୍ ଷ୍ଟିକର**


# ଆର୍ଥିକ ଚାପ: ଘର ବୁଡ଼ି ପାଣି ଆଣ୍ଟୁଏ

## ଦରମା, ଭତ୍ତା, ମାଗଣା ଯୋଜନାରେ ଯାଉଛି ରାଜସ୍ୱର ୮୦ ପ୍ରତିଶତ

- ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ନାହିଁ
- ମହାରାଷ୍ଟ୍ରରେ ୯୦୩ ପ୍ରକଳ୍ପ ରଦ୍ଦ
- ଋଣ ପରିଶୋଧ ପାଇଁ ଋଣ କରୁଛନ୍ତି ରାଜସ୍ଥାନ, ପଞ୍ଜାବ, ହରିୟାଣା
- ବିହାରକୁ ଦେବାଳିଆ କରିପାରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ

■ ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି): ମାଗଣା ଯୋଜନା ତଥା ଫ୍ରିବିଜ ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରିଦେଉଛି। ସୁପ୍ରିମକୋର୍ଟ ଏହାକୁ ଭୁଲ୍ କହିବା ସତ୍ତ୍ୱେ ରାଜନୈତିକ ଦଳଗୁଡ଼ିକ ମାନୁନାହାନ୍ତି। ନିର୍ବାଚନରେ ଜିତିବା ପାଇଁ ମାଗଣା ଘୋଷଣା ଏକ ସରଳ ଏବଂ ସହଜ ଅସ୍ତ୍ର ପାଲଟି ଯାଇଛି। ଏହା ଦ୍ୱାରା ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ବହୁଳ ଭାବେ ପ୍ରଭାବିତ ହେଉଛି। ରିଆତି, ମାଗଣା ବଣ୍ଟନ ଆଦି ଯୋଜନାଗୁଡ଼ିକର ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ରାଜ୍ୟଗୁଡ଼ିକର ଅର୍ଥନୀତି ଭୁଶୁଡ଼ିବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ ଏବେ ବିଦ୍ୟୁତ, ରାସ୍ତାଘାଟ, ଗୃହ ନିର୍ମାଣ ଭଳି ବିକାଶମୂଳକ ଯୋଜନା ପାଇଁ ଅର୍ଥାଭାବ ଦେଖାଯାଇଛି। ରିପୋର୍ଟ ଅନୁଯାୟୀ, ରିଆତି, ଭତ୍ତା, ଦରମା ଏବଂ ସୁଧ ଦେବାରେ ରାଜ୍ୟଗୁଡ଼ିକର ପ୍ରାୟ ୮୦ ପ୍ରତିଶତ ଆୟ ଚାଲି ଯାଉଛି। ଆଉ ବଳକା ୨୦-୨୫ ପ୍ରତିଶତରେ ଅନ୍ୟାନ୍ୟ ବ୍ୟୟ କରିବାକୁ ପଡୁଛି। କିଛି ରାଜ୍ୟଙ୍କୁ ନିଜ ଋଣ ପରିଶୋଧ ପାଇଁ ଋଣ ନେବାକୁ ବି ପଡୁଛି।

ପଞ୍ଜାବ ଅର୍ଥନୀତି ଏବେ ରସାତଳଗାମୀ ହୋଇଗଲାଣି। ଏହି ରାଜ୍ୟ ପାଖରେ ଆୟର ମାତ୍ର ୭ ପ୍ରତିଶତ ରାଶି ବଳୁଛି। ଚଳିତ ବର୍ଷ ପଞ୍ଜାବକୁ ୯୦ ହଜାର କୋଟିର ମୂଳଧନ ପରିଶୋଧ କରିବାର ଅଛି। ଏଥିପାଇଁ ବଳକା ରାଶି ସହିତ ଋଣ ପରିଶୋଧ କରିବା ପାଇଁ ବିପୁଳ ପରିମାଣର ଋଣ ନେବାକୁ ପଡ଼ିବ। ଗତ ଅକ୍ଟୋବରରେ ପଞ୍ଜାବ ସରକାର ବଜାରରୁ ୨୦ ହଜାର କୋଟିର ଋଣ ନେଇଥିଲେ। ସେହିପରି ରାଜସ୍ଥାନକୁ ଚଳିତ ଥର ୧.୫୦ ଲକ୍ଷ କୋଟିର ଋଣ ପରିଶୋଧ କରିବାକୁ ହେବ। ଏହି ରାଜ୍ୟ ୩୨ ହଜାର କୋଟିର ଋଣ ନେଇ ସାରିଛି। କିନ୍ତୁ ଋଣ ସୀମାଠାରୁ ବକେୟା ସୀମା ▶ପୃଷ୍ଠା-୭



## ଦୁଇଟି 'ପ୍ରଳୟ'ର ସଫଳ ପରୀକ୍ଷଣ

■ ବାଲେଶ୍ୱର, ୩୧।୧୨ (ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଏକା ଥରକେ ଦ୍ୱରିତ କ୍ରମାନ୍ୱୟରେ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ଦୁଇଟି ସର୍ଟରେଞ୍ଜ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ପରୀକ୍ଷଣ ହୋଇଯାଇଛି। ଏହି ଅବସରରେ 'ପ୍ରଳୟ' କ୍ଷେପଣାସ୍ତ୍ର ଅତ୍ୟନ୍ତ ସଠିକ ଢଙ୍ଗରେ ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ନିର୍ଭୁଲ ଭାବେ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହିତ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ପ୍ରତିରକ୍ଷା ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏକ ମୋବାଇଲ ଲଂଚ୍‌ର ବା କ୍ୟାନିଷ୍ଟର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି କ୍ଷେପଣାସ୍ତ୍ର ବୁଧବାର ପୂର୍ବାହ୍ନ ପ୍ରାୟ ୧୦.୩୦ରେ ଗୋଟିଏ ପରେ ଗୋଟିଏ ▶ପୃଷ୍ଠା-୭

**୧ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କ୍ଷମତା**

**୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ**

# ପୁରୀ ହେଲା ମହାନଗର ନିଗମ

## ବୃଦ୍ଧି ହେଲା ବ୍ରହ୍ମପୁର ମହାନଗର ନିଗମ କଳେବର

## ଚଣ୍ଡିଖୋଲ, ଯଶୀପୁର, ବସ୍ତା, ଲୋଇସିଂହା ଏନ୍‌ଏସି

■ ଭୁବନେଶ୍ୱର, ୩୧।୧୨ (ସମିସ): ପୁରୀ ପୌରପାଳିକାକୁ ମିଳିଛି ମହାନଗର ନିଗମ ମାନ୍ୟତା। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଜୁଲାଇ ୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀକୁ ମହାନଗର ନିଗମ ମାନ୍ୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଆଧାରରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ବୀଜ୍ଞପ୍ତି ପ୍ରକାଶ ପାଇଛି। ମହାନଗର ଗଠନ ହେବା ଦ୍ୱାରା ପୁରୀ ଓ ଆଖପାଖ ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହ ଏକ ବୃହତ୍ ସହରାଞ୍ଚଳ ଗଠନ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଓ ବାଲେଶ୍ୱର ଜିଲ୍ଲାର ବସ୍ତାକୁ ଏନ୍‌ଏସି ମାନ୍ୟତା ମିଳିଛି। ଏହା ସହିତ ବ୍ରହ୍ମପୁର ମହାନଗର ନିଗମର କଳେବର ବୃଦ୍ଧି ସମ୍ପର୍କରେ ମଧ୍ୟ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି।




### ୧୩ ଲକ୍ଷ ହିତାଧିକାରୀଙ୍କୁ ଆଶ୍ୱସ୍ତି

## ଇ-କେୱାଇସି ଅବଧି ୨ ମାସ ବଢ଼ିଲା

■ ଭୁବନେଶ୍ୱର, ୩୧।୧୨ (ସମିସ): ରାସନ କାର୍ଡ ଇ-କେୱାଇସି ଅବଧି ଆଉ ୨ ମାସ ବୃଦ୍ଧି କରିଛନ୍ତି ସରକାର। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୬ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରି ସାରିଛନ୍ତି। ବାକି ଯେଉଁ ୪ ପ୍ରତିଶତ ବାକି ରହିଛନ୍ତି, ସେମାନଙ୍କ ପାଇଁ ଆଉ ୨ ମାସ ଏହି ଅବଧି ବୃଦ୍ଧି କରାଯାଇଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ମନ୍ତ୍ରୀ କହିଛନ୍ତି ଯେ ଇ-କେୱାସି ଯୋଗୁଁ ରାସନ ପାଇବାରୁ ବଞ୍ଚିତ ନ ରୁହନ୍ତୁ ବୋଲି ସରକାର ଚାହୁଁଛନ୍ତି। ତେଣୁ ଏହି ଦୁଇ ମାସ ମଧ୍ୟରେ ବାକି ଲୋକମାନେ ଇ-କେୱାଇସି କରାଇନେବେ ବୋଲି ସରକାର ଆଶା ରଖିଥିବା ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ୩ କୋଟି ୨୫ ଲକ୍ଷ ୫୧ ହଜାର ୭୭୩ ଜଣ ହିତାଧିକାରୀଙ୍କ ଇ-କେୱାଇସି ଲାଗି ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହା ଭିତରେ ୩ କୋଟି ୧୨ ଲକ୍ଷ ଲୋକ ▶ପୃଷ୍ଠା-୭



# ଭାରତ ପୂର୍ବରୁ ୨୯ ଦେଶରେ ନୂଆବର୍ଷର ଆଗମନ



ନୂଆଦିଲ୍ଲୀ, ୩୧ ।୧୨(ଏଜେନ୍ସି): ନୂଆବର୍ଷ ୨୦୨୬ର ଆଗମନକୁ ସାରା ବିଶ୍ୱ ଧୂମ୍‌ଧାମ୍‌ରେ ପାଳନ କରିଛି। ତେବେ ପୃଥିବୀର ବିଭିନ୍ନ ସ୍ଥାନରେ ଦେଶଗୁଡିକ ଅବସ୍ଥିତ ହୋଇଥିବାରୁ ରାତି ୧୨ଟା ତଥା ଜିରୋ ନାଇଟ୍ ଏବଂ ସୂର୍ଯ୍ୟୋଦୟ ବିଭିନ୍ନ ଦେଶରେ ଭିନ୍ନ ସମୟରେ ହୋଇଥାଏ। ଅନ୍ୟ ଦେଶଗୁଡିକଠାରୁ ଭାରତରେ ଜିରୋ ନାଇଟ୍ ସେଲିବ୍ରେସନ ତଥା ନୂଆବର୍ଷର ଆଗମନର ସମୟ ଭିନ୍ନ। ପୃଥିବୀର ସବୁଠାରୁ ପୂର୍ବରେ ରହିଥିବା କରିବାଟି ଗଣରାଜ୍ୟରେ ନୂଆବର୍ଷ ଭାରତୀୟ ସମୟର ଅପରାହ୍ନ ୩ଟାରେ ପଦାର୍ପଣ କରିଥାଏ। ଏହି ଦେଶରେ ଭାରତର ୮ ଘଣ୍ଟା ୩୦ ମିନିଟ ପୂର୍ବରୁ ନୂଆବର୍ଷ ଆସିଛି। ଏହାପରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଏସିଆ ମହାଦେଶର ବିଭିନ୍ନ ଦେଶରେ ନୂଆବର୍ଷ ଗୋଟିଏ ପରେ ଗୋଟିଏ ଆସିଥାଏ। ଭାରତରେ ଡିସେମ୍ବର ୩୧ ଅର୍ଥାତ ବୁଧବାର ରାତି ୧୨ରେ ହିଁ ପଦାର୍ପଣ କରିବ। କିନ୍ତୁ ସେତେବେଳେକୁ ୨୯ଟି ଦେଶରେ ନୂଆବର୍ଷ ଆସି ସାରିଛି। ଭାରତରେ ନୂଆ ବର୍ଷ ବେଳକୁ ୟୁରୋପ ଓ ଆମେରିକାରେ ଡିସେମ୍ବର ୩୧ ସନ୍ଧ୍ୟା ହୋଇଥିବ। ଏହିପରି ଭାବେ ନୂଆବର୍ଷ ବିଭିନ୍ନ ଟାଇମ ଜୋନ ଅର୍ଥାତ ସମୟ କ୍ଷେତ୍ର ଦେଇ ୨୬ ଘଣ୍ଟା ପାଇଁ ଯାତ୍ରା କରିବ। ଟାଇମ୍ ଜୋନ ହେଉଛି, ସମଗ୍ର ପୃଥିବୀକୁ ବିଭାଜିତ କରିବାର ଏକ ଉପାୟ। ପୃଥିବୀ ପ୍ରତି ୨୪ ଘଣ୍ଟାରେ ୩୬୦ ଡିଗ୍ରୀ ଘୂରିଥାଏ। ଅର୍ଥାତ ପ୍ରତି ଘଣ୍ଟାରେ ୧୫ ଡିଗ୍ରୀ ଘୂରିଥାଏ। ଏହି ୧୫ ଡିଗ୍ରୀକୁ ହିଁ ଗୋଟିଏ ଟାଇମ ଜୋନ ବୋଲି କୁହାଯାଇଥାଏ। ଫଳରେ ସାରା ପୃଥିବୀ ମଧ୍ୟ ୨୪ଟି ଟାଇମ ଜୋନରେ ବିଭକ୍ତ ହୋଇଥାଏ। ପ୍ରତ୍ୟେକ ଟାଇମ ଜୋନ ଅନ୍ୟଠାରୁ ଗୋଟିଏ ଘଣ୍ଟା ଭିନ୍ନ। ଏହି କାରଣରୁ ପୃଥିବୀରେ କେଉଁଠି ସକାଳ ତ କେଉଁଠି ରାତି ହୋଇଥାଏ।

## ଖାଲେଦା ଜିଆଙ୍କ ଶେଷକୃତ୍ୟ ସଂପନ୍ନ



ଢାକା, ୩୧ ।୧୨ (ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ମୁଖ୍ୟ ଖା।।ଦେ ଜିଆଙ୍କ ଶେଷକୃତ୍ୟ ବୁଧବାର ସମ୍ପନ୍ନ ହୋଇଛି। ଖା।।ଲେଦାଙ୍କୁ ସଂସଦ ପରିସରରେ ଥିବା ତାଙ୍କ ସ୍ୱାମୀ ତଥା ପୂର୍ବତନ ବାଂଲାଦେଶ ରାଷ୍ଟ୍ରପତି ଜିଆଉର ରହମାନଙ୍କ କବର ନିକଟରେ ଜିଆ ଉଦ୍ୟାନରେ କବର ଦିଆଯାଇଛି। ଏହି ଅନ୍ତିମ ଯାତ୍ରାରେ ପ୍ରାୟ ୧୦ ଲକ୍ଷ ଲୋକ ସାମିଲ ହୋଇଥିଲେ। ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ। ଅନ୍ତିମ ସଂସ୍କାରରେ ଅନ୍ତରୀଣ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସ, ସବୁ ରାଜନୈତିକ ଦଳର ମୁଖ୍ୟ ଓ ଭିନ୍ନ ଭିନ୍ନ ଦେଶର ପ୍ରତିନିଧି ଯୋଗ ଦେଇଥିଲେ। ପାକିସ୍ତାନ ସଂସଦର ବାଚସ୍ପତି ସଦାର ଆୟାଜ ସାଦିକ ମଧ୍ୟ ଢାକାରେ ଉପସ୍ଥିତ ଥିଲେ। ୮୦ ବର୍ଷ ବୟସରେ ଖାଲିଦା ଗତକାଲି ପରଲୋକ ଗମନ କରିଥିଲେ।ଖାଲିଦାଙ୍କ ଅନ୍ତିମ ସଂସ୍କାର ଅବସରରେ ଏସ. ଜୟଶଙ୍କର ଢାକାରେ ପାକିସ୍ତାନ ସଂସଦର ବାଚସ୍ପତି ଅୟାଜ ସାଦିକଙ୍କୁ ଭେଟିଛନ୍ତି। ଉଭୟ ନେତା ପରସ୍ପରକୁ ହାତ ମିଳାଇଛନ୍ତି। ଗତ ବର୍ଷ ମେ'ରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା 'ଅପରେସନ ସିନ୍ଦୂର' ପରେ ପ୍ରଥମ ଥର ପାଇଁ ଦୁଇ ଦେଶର ବଡ଼ ନେତା ମୁହାଁମୁହିଁ ହୋଇ ହାତ ମିଳାଇଛନ୍ତି। ଏହି ଦୃଷ୍ଟିରୁ ସାକ୍ଷାତକୁ କୂଟନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

**ଯୋଗଦେଲେ ଜୟଶଙ୍କର**

## ଶୀତରେ ଥରୁଛି ସମଗ୍ର ଉତ୍ତର ଭାରତ

ନୂଆଦିଲ୍ଲୀ, ୩୧ ।୧୨(ଏଜେନ୍ସି): ଘନ କୁହୁଡ଼ି ଓ ଦୃଶ୍ୟମାନ କ୍ଷମତା ହ୍ରାସ କାରଣରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର (ଆଇଜିଆଇଏ)ରେ ବୁଧବାର ବିମାନ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁଁ ଅତିକମ୍‌ରେ ୧୪୮ଟି ବିମାନକୁ ବାତିଲ କରାଯାଇଛି। ୧୫୦ରୁ ଅଧିକ ବିମାନ ବିଳମ୍ବିତ ହୋଇଛି। ଏହା ବ୍ୟତୀତ ଦିଲ୍ଲୀରୁ ଦୁଇଟି ବିମାନ ସ୍ଥାନାନ୍ତର ହୋଇଥିଲା। ଦିଲ୍ଲୀ ଅନ୍ତର୍ଜାତୀୟ ବିମାନ ବନ୍ଦର ଲିମିଟେଡ (ଡିଆଇଏଏଲ୍) ଦ୍ୱାରା ପରିଚାଳିତ ଆଇଜିଆଇଏରେ ପ୍ରତିଦିନ ୧୩୦୦ ବିମାନ ଚଳାଚଳ କରିଥାଏ। ଡିଆଇଏଏଲ ପକ୍ଷରୁ କୁହାଯାଇଛି ଯେ, କାର୍ଯ୍ୟ କରୁଥିବା ଆମର ଟିମ୍‌ଗୁଡ଼ିକ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବିଭିନ୍ନ ଟର୍ମିନାଲଗୁଡିକରେ କାର୍ଯ୍ୟ କରୁଛନ୍ତି। ସେହିପରି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମଧ୍ୟ ଏକ ପରାମର୍ଶ ଜାରି କରି ଚେତାବନୀ ଦେଇଛି। ଉତ୍ତର ଭାରତରେ ବିଭିନ୍ନ ସ୍ଥାନରେ କୁହୁଡି ସ୍ଥିତି କିଛି ନିର୍ଦ୍ଦିଷ୍ଟ ବିମାନ ବନ୍ଦରରେ ବିମାନ ଚଳାଚଳକୁ ପ୍ରଭାବିତ କରିପାରେ ବୋଲି କୁହାଯାଇଛି।

## ଚୀନ୍‌ର ଦାବି: ଭାରତ-ପାକ୍ ଯୁଦ୍ଧ ବନ୍ଦ କରାଇଛୁ

ବେଜିଂ, ୩୧ ।୧୨(ଏଜେନ୍ସି): ୨୦୨୫ ମେ'ରେ ଭାରତ- ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ରୋକିବା ନେଇ ବିଶ୍ୱର ଆଉ ଏକ ଶକ୍ତିଶାଳୀ ଦେଶ ଦାବି କରିଛି। ପ୍ରଥମେ ଆମେରିକା ଦାବି କରି ଆସୁଥିବା ବେଳେ ଏବେ ଚୀନ୍ ମଧ୍ୟ ଏନେଇ ତା'ର ଦାବି ଉପସ୍ଥାପନ କରିଛି। ମଙ୍ଗଳବାର ଆୟୋଜିତ ଅନ୍ତର୍ଜାତୀୟ ପରିସ୍ଥିତି ଓ ଚୀନ୍‌ର ବୈଦେଶିକ ସମ୍ପର୍କ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଚୀନ୍ ବିଦେଶ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ, ଭାରତ- ପାକିସ୍ତାନ ବିବାଦ ସମେତ ବିଶ୍ୱସ୍ତରରେ ଅନେକ ବିବାଦରେ ଚୀନ୍ ମଧ୍ୟସ୍ଥତା ଭୂମିକା ଗ୍ରହଣ କରିଆସିଛି। ଚୀନ୍ ବିଦେଶ ମନ୍ତ୍ରଣାଳୟ ଦ୍ୱାରା ସାମାଜିକ ଗଣମାଧ୍ୟମ ଏକ୍ସରେ ସେୟାର କରାଯାଇଥିଲା ଏକ ବିବୃତ୍ତିରେ କୁହଯାଇଛି। ୱାଙ୍ଗ ୟି କହିଛନ୍ତି ଯେ, ସ୍ଥାୟୀ ଶାନ୍ତି ସ୍ଥାପନ ପାଇଁ, ଆମେ ଏକ ଉଦ୍ଦେଶ୍ୟମୂଳକ ଓ ନ୍ୟାୟପୂର୍ଣ୍ଣ ମତାମତ ଦେଇଆସିଛୁ ଓ ବିବାଦର ମୂଳ କାରଣର ସମାଧାନ ପାଇଁ ବରାବର ଧ୍ୟାନ ଦେଇ ଆସିଛୁ। ଏହି କ୍ରମରେ ଚୀନ୍ ଉତ୍ତର ମ୍ୟାଁମାର, ଇରାନ ପରମାଣୁ ସମସ୍ୟା, ଭାରତ- ପାକିସ୍ତାନ ମଧ୍ୟରେ ଉତ୍ତେଜନା, ପାଲେଷ୍ଟାଇନ- ଇସ୍ରାଏଲ ସମସ୍ୟା ଏବଂ କାମ୍ବୋଡିଆ- ଥାଇଲାଣ୍ଡ ମଧ୍ୟରେ ଚାଲିଥିବା ସାମ୍ପ୍ରତିକ ବିବାଦରେ ମଧ୍ୟସ୍ଥତା କରିଛୁ। ତେବେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ଗତ ମେ ମାସରେ ଭାରତ- ପାକିସ୍ତାନ ମଧ୍ୟରେ ହୋଇଥିବା ଏକ ଛୋଟ ତଥା ତୀବ୍ର ସାମରିକ ସଂଘର୍ଷର ୮ ମାସ ପରେ ଚୀନ୍ ଏହି ଦାବି କରିଛି। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ- ପାକିସ୍ତାନ ଯୁଦ୍ଧ ରୋକିବାର ନେଇ ୫୦ଥର ଦାବି କରି ଶ୍ରେୟ ନେବାକୁ ପ୍ରୟସା କରିଛନ୍ତି। କିନ୍ତୁ ଭାରତ ସରକାର ବାରମ୍ବାର ଏହି ଦାବିକୁ ପ୍ରତ୍ୟାଖାନ କରି ଆସିଛନ୍ତି। ଯୁଦ୍ଧ ରୋକିବାରେ ଅର୍ଥାତ ଅସ୍ତ୍ରବିରତିରେ ତୃତୀୟ ପକ୍ଷର କୌଣସି ଭୂମିକା ନାହିଁ ବୋଲି ଭାରତ ସରକାର କହିଆସିଛନ୍ତି।

## ନିଷିଦ୍ଧ ହେଲା ୧୦୦ ଏମ୍‌ଜିରୁ ଅଧିକ ନିମୁସ୍ଲାଇଡ୍ ଔଷଧ

ନୂଆଦିଲ୍ଲୀ, ୩୧ ।୧୨(ଏଜେନ୍ସି): କେନ୍ଦ୍ର ସରକାର ୧୦୦ ମିଲିଗ୍ରାମ୍‌ରୁ ଅଧିକ ମାତ୍ରାରେ ନିମୁସ୍ଲାଇଡ ଔଷଧ ଉତ୍ପାଦନ ଓ ବିକ୍ରୟ ଉପରେ ତୁରନ୍ତ ନିଷେଧାଦେଶ ଲଗାଇଛନ୍ତି। ଏହି ଔଷଧ ସେବନ ଦ୍ୱାରା ଜ୍ୱର ଓ ଯନ୍ତ୍ରଣାରୁ ଶୀଘ୍ର ମୁକ୍ତି ମିଳିଥାଏ। ମାତ୍ର ଏହାର ଅଧିକ ବ୍ୟବହାର ଯକୃତକୁ ବହୁତ କ୍ଷତି ପହଞ୍ଚାଇଥାଏ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନିମସୁଲାଇଡ ଏକ ନନ୍ ଷ୍ଟେରୋଇଡାଲ ଆଣ୍ଟି ଇନଫ୍ଲାମାଟୋରୀ ଔଷଧ। କିନ୍ତୁ ଏହି କଟକଣା କେବଳ ୧୦୦ ଏମଜିରୁ ନିମୁସ୍ଲାଇଡ୍ ଥିବା ଔଷଧ ପାଇଁ ପ୍ରଯୁଜ୍ୟ। ତେବେ ଏହା କମ୍ ଡୋଜରେ ଉପଲବ୍ଧ ରହିବ।

## ଚଳନ୍ତା ଗାଡ଼ିରେ ମହିଳାଙ୍କୁ ଗଣଦୁଷ୍କର୍ମ

ଫରିଦାବାଦ୍, ୩୧ ।୧୨(ଏଜେନ୍ସି): ହରିୟାଣା ଫରିଦାବାଦ୍‌ରେ ଜଣେ ୨୮ ବର୍ଷୀୟା ମହିଳାଙ୍କୁ ଚଳନ୍ତା ଗାଡ଼ିରେ ଗଣଦୁଷ୍କର୍ମ କରାଯିବା ଘଟଣା ସାମ୍ନାକୁ ଆସିଛି। ଦୁଇଜଣ ଯୁବକ ସମ୍ପୃକ୍ତ ମହିଳାଙ୍କୁ ସହରର ସଡ଼କ ଉପରେ ୩ ଘଣ୍ଟା ପର୍ଯ୍ୟନ୍ତ ବୁଲାଇଥିଲେ। ଗଣଦୁଷ୍କର୍ମ କରିବା ପରେ ତାଙ୍କୁ ରାସ୍ତାରେ ଫୋପାଡି ଦେଇ ପଳାଇ ଯାଇଥିଲେ। ମହିଳାଙ୍କ ମୁହଁ ଓ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ମୁହଁରେ ୧୨ଟି ଷ୍ଟିଚ୍ ପଡ଼ିଛି। ସୋମବାର ରାତିରେ ହିଁ ଏହି ଘଟଣା ଘଟିଥିଲା ବୋଲି ପୀଡ଼ିତାଙ୍କ ଭଉଣୀ କହିଛନ୍ତି। ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଏହି ବିବାହିତ ମହିଳା ରାତିରେ ଘରକୁ ଫେରିବା ପାଇଁ ଅପେକ୍ଷା କରିଥିଲେ। ସେତିକି ବେଳେ ଦୁଇଜଣ ଯୁବକ ତାଙ୍କୁ ଘରେ ଛାଡିଦେବାକୁ କହି ଗାଡ଼ିରେ ବସାଇଥିଲେ। ଗାଡିଟି ଗୁରଗାଓଁ ଆଡକୁ ଯାଇଥିଲା। ଗାଡ଼ିରେ ୩ ଘଣ୍ଟା ବୁଲାଇବା ବେଳେ ଦୁଇ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିଲେ। ଶେଷରେ ରାତି ୩ଟାରେ ଏସ୍‌ଜିଏମ୍ ନଗରର ରାଜା ଛକଠାରେ ତାଙ୍କୁ ଚଳନ୍ତା ଗାଡ଼ି ବାହାରକୁ ଫୋପାଡି ଦେଇଥିଲେ।

**ଲିଫ୍ଟ ଦେବା ବାହାନରେ ଉଠାଇ ୩ ଘଣ୍ଟା ବୁଲାଇଥିଲେ**

## ରାଜସ୍ଥାନରେ ୧୫୦କେଜି ବିସ୍ଫୋରକ ଜବତ

ଜୟପୁର, ୩୧ ।୧୨(ଏଜେନ୍ସି): ରାଜସ୍ଥାନ ଟୋଙ୍କରୁ ପୁଲିସ ବିପୁଳ ପରିମାଣର ବିସ୍ଫୋରକ ପଦାର୍ଥ ଜବତ କରିଛି। ଏକ ବସ୍ତାରେ ୧୫୦ କେଜି ଆମୋନିୟମ ନାଇଟ୍ରେଟ୍ ରଖା ଯାଇଥିଲା। ଏହାକୁ ଲୁଚାଇବା ପାଇଁ ୟୁରିଆ ସାର ସହିତ ଛପା ଯାଇଥିଲା। ଏଥିସହ ପୁଲିସ ୨୦୦ ବିସ୍ଫୋରକ ବ୍ୟାଟେରୀ ଓ ୬ ବଣ୍ଡଲର ସେଫ୍ଟି ଫ୍ୟୁଜ ତାର ମଧ୍ୟ ଉଦ୍ଧାର କରିଛି। ପ୍ରତ୍ୟେକ ବଣ୍ଡଲରେ ୧୮୩ ମିଟର ତାର ଥିଲା। ଅପରେସନ ସମୟରେ ଏକ ମାରୁତି ସିଆଜ କାର୍‌ରୁ ଏହି ବିସ୍ଫୋରକ ଓ ସାମଗ୍ରୀ ଜବତ କରାଯାଇଥିଲା ବୋଲି ଟୋଙ୍କ ଡିଏସ୍‌ପି ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି। ଏହି ମାମଲାରେ ବୁନ୍ଦି ଜିଲ୍ଲାର ଦୁଇ ଅଭିଯୁକ୍ତ ସୁରେନ୍ଦ୍ର ପଟୱା ଓ ସୁରେନ୍ଦ୍ର ମୋଚିଙ୍କୁ ଗିରଫ କରାଯାଇଛି। ଏହି ଦୁଇଜଣ ବୁନ୍ଦିରୁ ଟୋଙ୍କକୁ ଏହି ବିସ୍ଫୋରକ ପଦାର୍ଥ ଚାଲାଣ କରୁଥିଲେ। ବାରୋନୀ ଥାନା କ୍ଷେତ୍ରରେ ଗାଡ଼ିକୁ ଅଟକା ଯାଇ ତଲାସି କରାଯାଉଥିବା ସମୟରେ ବିସ୍ଫୋରକ ମିଳିଥିଲା। ଏହି ମାମଲାର ଅଧିକ ଖୋଳତାଡ଼ ପାଇଁ ତଦନ୍ତ ପ୍ରକ୍ରିୟାକୁ ଆହୁରି କଡ଼ା କରାଯାଇଛି।

**କାରରେ ୨୦୦ ବିସ୍ଫୋରକ ବ୍ୟାଟେରୀ ଲୁଚାଯାଇଥିଲା**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ
ODISHA UNIVERSITY OF TECHNOLOGY AND RESEARCH
(Formerly College of Engineering & Technology, Bhubaneswar)

Where every faculty, staff, and student strives to realise the full potential in a caring environment to meet the changing demands of the society

OUTR Offers the following programmes of studies

B.Tech.
- Civil Engineering
- Mechanical Engineering
- Electronics & Instrumentation Engineering
- Metallurgical & Materials Engineering
- Aerospace Engineering
- Electrical Engineering
- Computer Engineering
- Mechanical Engineering(AI & Robotics)
- Electronics & Communication Engineering
- Textile Engineering
- Biotechnology
- Computer Science Engineering
- Computer Science Engineering (AI & ML)
- Information Technology
- Fashion & Apparel Technology
- B.Plan
- B.Arch





M.Tech.
- Electronics & Communication Engineering
- Semiconductor Technology
- Energy System and Management
- Instrumentation and Control Engineering
- Mechanical Systems Design
- Mechatronics & Machine Learning
- Power System Engineering
- Mechatronics and Machine Learning
- Textile Engineering
- Textile Chemical Engineering
- Power Electronics & Drives
- Thermal engineering
- VLSI Design & Embedded System
- Water Resources Engineering
- Biotechnology
- Computer Science & Engineering
- Industrial Engineering & Management
- Information Technology
- Structural Engineering
- Industrial Engineering & Management(Part Time)
- Information Technology( Part time)
- Instrumentation & Control Engineering(Part Time)
- Water Resources Engineering(Part time)

Integrated M. Sc
- Chemistry
- Mathematics & Computing
- Physics

M. Sc
- Chemistry
- Mathematics & Computing
- Physics
- Industrial Chemistry (Part Time)

MBA
MCA
M. Plan
M.Tech./M.Sc (Research)
Post Graduate Diploma in Management (PGDM)

School of Mechanical Sciences(MBA)
- Logistics and Supply Chain Management

Ph. D.
- All Branches of Science, Technology and Humanities

Industry Collaboration
KFINTECH PHILIPS Nitkal SIEMENS Ansys HUBSECT valnizen TECH mahindra

Our USP
- Highly qualified faculty
- Visiting Faculty from reputed industries/organizations
- Adjunct Faculty from abroad
- Professor of Practice
- Multiple CoEs
- Advanced Lab and Computing facilities
- Innovation and Incubation Centre
- Support for Start-ups
- Updated Curriculum in the light of NEP-2020

OFFERING PROGRAMS
01 REGULAR PROGRAMS
02 PART TIME PROGRAMS
03 EXECUTIVE PROGRAMS
04 SELF SUSTAINING PROGRAMS

Techno Campus, Ghatikia, Bhubaneswar – 751 029 | www.outr.ac.in



ବାଲୁକା କଳାରେ ଇଂରାଜୀ ନବବର୍ଷକୁ ସ୍ୱାଗତ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-186 ◆THURSDAY ◆1 JANUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୧୮୬ ◆ଗୁରୁବାର ◆୧ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ଗଞ୍ଜାମରୁ କୋରାପୁଟ ଜାତୀୟ ରାଜପଥ ସମ୍ପ୍ରସାରଣ

## କେନ୍ଦ୍ର କ୍ୟାବିନେଟରେ ୧୫୨୬ କୋଟି ମଞ୍ଜୁର

ଭୁବନେଶ୍ୱର,୩୧।୧୨(ସମିସ): ଓଡ଼ିଶା ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ କରାଯିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ଏହି ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଟି ଗଞ୍ଜାମ ଜିଲ୍ଲାର ମୋହନାଠାରୁ ରାୟଗଡା, ଲକ୍ଷ୍ମୀପୁର ଦେଇ କୋରାପୁଟ ପର୍ଯ୍ୟନ୍ତ ଲମ୍ବିଛି। ଅନୁମୋଦନ ଅନୁଯାୟୀ ବର୍ତ୍ତମାନର

### ଓଡ଼ିଶାର ପ୍ରଗତି ପାଇଁ ପ୍ରୋତ୍ସାହନ: ପ୍ରଧାନମନ୍ତ୍ରୀ

୨ ଲେନ୍ ବିଶିଷ୍ଟ ଏହି ଏନ୍ଏଚ୍‌ର ୬୮.୬ କିମିରୁ ୩୧୧.୭କିମି ପର୍ଯ୍ୟନ୍ତ ସେକ୍ସନକୁ ଇପିସି ମୋଡ୍‌ରେ ପେଭ୍ଡ ଶୋଲଡର ସହିତ ଉନ୍ନତିକରଣ କରାଯିବ। ଏହି ପ୍ରକଳ୍ପ ପାଇଁ ମୋଟ୍ ୧,୫୨୬.୨୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ରାଜପଥର ଉନ୍ନତିକରଣ ଦ୍ୱାରା ଗଜପତି, ରାୟଗଡା ଏବଂ କୋରାପୁଟ ଜିଲ୍ଲାଗୁଡ଼ିକ ଉପକୃତ ହେବେ। ଏହା ମଧ୍ୟ ଏନଏଚ -୨୬, ଏନଏଚ -୫୯, ଏନଏଚ-୧୬ ଏବଂ ରାୟପୁର-ବିଶାଖାପାଟଣା କରିଡର ସହିତ ସଂଯୋଗୀକରଣ ଏବଂ ଗୋପାଳପୁର ବନ୍ଦର, ଜୟପୁର ବିମାନବନ୍ଦର ଏବଂ ଅନେକ ରେଳ ଷ୍ଟେସନକୁ ଶେଷ ମାଇଲ ସଂଯୋଗକୁ ଉନ୍ନତ କରିବ। ଏହି ରାଜପଥ ଓଡ଼ିଶାରେ ଆସିକା ନିକଟବର୍ତ୍ତୀ ଏନଏଚ୍ ୫୯ରୁ ଜଙ୍କସନରୁ ଆରମ୍ଭ ହୋଇ ମୋହନା, ରାଇପଙ୍କା, ଅମଲାଭଟା, ରାୟଗଡ଼ା, ଲକ୍ଷ୍ମୀପୁର ଦେଇ ଯାଇଛି ଏବଂ ଚିଣ୍ଟୁରୁ ନିକଟରେ ଥିବା ଏନଏଚ-୩୦ ଜଙ୍କସନରେ ଶେଷ ହୋଇଛି।

ଏହି ନୂତନ ପ୍ରକଳ୍ପ ଓଡ଼ିଶାର ପ୍ରଗତି ପାଇଁ ଏକ ପ୍ରୋତ୍ସାହନ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍ ଓଡ଼ିଶାରେ ଜାତୀୟ ରାଜପଥ-୩୨୬ର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣକୁ ଅନୁମୋଦନ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗଜପତି, ରାୟଗଡା ଏବଂ କୋରାପୁଟରେ ଯାତାୟାତକୁ ସୁଗମ କରିବ ଏବଂ ସଂଯୋଗୀକରଣକୁ ଉନ୍ନତ କରିବ। ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିବ, ପର୍ଯ୍ୟଟନ ଓ ଶିଳ୍ପକୁ ପ୍ରୋତ୍ସାହିତ କରିବ, ଏବଂ ଆଦିବାସୀ ଅଞ୍ଚଳରେ ସମାବେଶୀ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ଏହି ସମ୍ପ୍ରସାରଣକୁ ଅନୁମୋଦନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପ୍ରଦୂଷଣ ପ୍ରମାଣପତ୍ର ବିନା ପେଟ୍ରୋଲ, ଡିଜେଲ ନ ମିଳିବା ନିର୍ଦ୍ଦେଶ

# ସୁପ୍ରିମକୋର୍ଟଙ୍କଠାରୁ ଊର୍ଦ୍ଧ୍ୱରେ ପରିବହନ ବିଭାଗ!

ଭୁବନେଶ୍ୱର,୩୧।୧୨(ସମିସ): ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଗାଡ଼ି ଚାଳକଙ୍କୁ ପେଟ୍ରୋଲ, ଡିଜେଲ ଦିଆନଯିବା ନେଇ ରାଜ୍ୟ ପରିବହନ ବିଭାଗର ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ପ୍ରଦୂଷଣ ରୋକିବା ନୁହେଁ; ବରଂ ଏହି ଆଳରେ ପୂର୍ବରୁ ପରିବହନ ବିଭାଗର ବକେୟା ଜରିମାନା ରାଶି ଆଦାୟ ଷଡ଼ଯନ୍ତ୍ର କରାଯାଇଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ କଡ଼ା ସମାଲୋଚନା କରୁଥିବା ବେଳେ ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ବୋଲି କହିଛନ୍ତି ବରିଷ୍ଠ ଆଇନଜୀବୀ। ୨୦୨୦ ମସିହାରେ ଏକ ମମାଲାର ଶୁଣାଣି କରି ସୁପ୍ରିମକୋର୍ଟ ପ୍ରଦୂଷଣ ପ୍ରମାଣପତ୍ର ବାହାନାରେ ଗାଡ଼ି ମାଲିକଙ୍କୁ ପେଟ୍ରୋଲ, ଡିଜେଲ ପ୍ରଦାନରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ମାତ୍ର ରାଜ୍ୟ ପରିବହନ ବିଭାଗ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅମାନ୍ୟ ଓ ଉଲ୍ଲଂଘନ କରିଥିବା ଆଇନଜୀବୀମାନେ ଅଭିଯୋଗ କରିଛନ୍ତି।

ରାଜ୍ୟ ପରିବହନ କମିଶନର ଓଡ଼ିଶାରେ ତୈଳ ବିତରଣ କରୁଥିବା କମ୍ପାନୀମାନଙ୍କ ପାଇଁ ନିର୍ଦ୍ଦେଶନାମା ଜାରି କରି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଗାଡ଼ିକୁ ପେଟ୍ରୋଲ, ଡ଼ିଜେଲ ପ୍ରଦାନ ନ କରିବାକୁ ଚିଠି ଲେଖିଛନ୍ତି। ୨୦୧୫ ମସିହାରେ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ପେଟ୍ରୋଲ ଡ଼ିଜେଲ ନ ଦେବାକୁ ମଧ୍ୟପ୍ରଦେଶରେ ଏକ ମାମଲା ରୁଜୁ ହୋଇଥିଲା ଓ ଏହି ମାମଲାକୁ ସେତେବେଳେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)କୁ ପ୍ରେରଣ କରିଥିଲେ। ଏହା ଉପରେ ଶୁଣାଣି କରି ଏନ୍‌ଜିଟି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେଉଁମାନେ

■ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଆଇନଜୀବୀଙ୍କ ବିରୋଧ
■ ସର୍ବୋଚ୍ଚ ଅଦାଲତଙ୍କ ରାୟର ଖୋଲାଖୋଲି ଉଲ୍ଲଂଘନ
■ ଗୋଟିଏ ଆଇନର ଉଲ୍ଲଂଘନ ପାଇଁ ଅତିରିକ୍ତ ଦଣ୍ଡ କାହିଁକି?

ବୈଧ ପ୍ରଦୂଷଣ ପ୍ରମାଣପତ୍ର କରିନଥିବେ, ସେମାନଙ୍କୁ ପେଟ୍ରୋଲପମ୍ପରେ ପେଟ୍ରୋଲ, ଡିଜେଲ ଦିଆଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହା ସହ ମଧ୍ୟପ୍ରଦେଶ ସରକାର ଏହି ନିର୍ଦ୍ଦେଶନାମାର ଅନୁପାଳନ କରି ନ ଥିବାରୁ ଏନ୍‌ଜିଟି ୨୫ କୋଟି ଟଙ୍କାର ଜରିମାନା ମଧ୍ୟ ଲଗାଇଥିଲେ। ଏହି ରାୟ ବିରୋଧରେ ସେତେବେଳେ ମଧ୍ୟପ୍ରଦେଶ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ମୋଟର ଯାନ ଆଇନ ୧୯୮୯ କିମ୍ବା ଏନ୍‌ଜିଟି ଆଇନ ୨୦୧୦ ରେ କେଉଁଠାରେ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଗାଡ଼ିକୁ ପେଟ୍ରୋଲ, ଡିଜେଲ ପ୍ରଦାନ ନ କରିବା ନେଇ କୌଣସି ବ୍ୟବସ୍ଥା ନାହିଁ। ଅତଏବ ଯାହା ପାଖରେ ପ୍ରଦୂଷଣ ପ୍ରମାଣ ପତ୍ର ନାହିଁ; ସେମାନଙ୍କୁ ପେଟ୍ରୋଲ, ଡିଜେଲ ପ୍ରଦାନ ଦିଗରେ କୌଣସି ପ୍ରତିବନ୍ଧକ ରଖିହେବ ନାହିଁ। ସେହିପରି କୌଣସି ଆଇନର ଅମାନ୍ୟ ପାଇଁ ଗୋଟିଏ ଦଣ୍ଡବିଧାନ ଥିଲାବେଳେ, ସମାନ ଭାବେ ଆଉ ଏକ ଅତିରିକ୍ତ ଦଣ୍ଡବିଧାନ/ଜରିମାନା କରାଯାଇପାରିବ ନାହିଁ। ତେଣୁ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଗାଡିଗୁଡ଼ିକୁ ଇନ୍ଧନ ଯୋଗାଣ ବନ୍ଦ ସଂକ୍ରାନ୍ତରେ ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ରଦ୍ଦ କରି ଦେଇଥିଲେ।

ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଯେଉଁ ନିଷ୍ପତ୍ତି ନେଇଛି ତାହା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିର ଖୋଲା ଉଲ୍ଲଂଘନ କରିଛି। ପୂର୍ବରୁ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ, ମୋଟର ଯାନ ଆଇନରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ୧୦ ହଜାର ଜରିମାନା ସହ ରେଜିଷ୍ଟ୍ରେସନ ସାର୍ଟିଫିକେଟ ବାତିଲ ପରି ବ୍ୟବସ୍ଥା ଏଥିରେ ରହିଛି। ମାତ୍ର ସରକାର ଏବେ ସମାନ ଆଇନର ଉଲ୍ଲଂଘନ ପାଇଁ ଏବେ ନିଜର ଏକ ନିୟମ ଆଣିବାକୁ ଉଦ୍ୟମ କରୁଛନ୍ତି। ପେଟ୍ରୋଲ, ଡିଜେଲ ଯୋଗାଣ ବନ୍ଦ କରିବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଅଗଣତାନ୍ତ୍ରିକ ଏବଂ ବେଆଇନ ବୋଲି କୁହାଯାଉଛି। ପେଟ୍ରୋଲ, ଡିଜେଲ ଅତ୍ୟନ୍ତ ଦରକାରୀ ଇନ୍ଧନ ଅଟେ। ଏହାର କୌଣସି ପରିସ୍ଥିତିରେ ସାମାନ୍ୟ ସମୟ ପାଇଁ ଯୋଗାଣ ବନ୍ଦ ହେଲେ, ଏହା ରାଜ୍ୟ କିମ୍ବା ଦେଶର ଅର୍ଥନୀତି ଉପରେ କୁପ୍ରଭାବ ପକାଇଥାଏ। ଏପରିସ୍ଥଳେ ରାଜ୍ୟ ସରକାର ଏକ ବେଆଇନ ନିୟମ ଆଣି ସାଧାରଣ ଲୋକଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଅନ୍ୟପକ୍ଷରେ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଯୋଗୁଁ ଗୋଟିଏ ଗୋଟିଏ ଗାଡ଼ିକୁ ଗୋଟିଏ ଦିନରେ ୩/୪ଟି ଟୋଲ୍ ଗେଟ୍‌ରେ ୧୦ ହଜାର ଟଙ୍କା ଲେଖାଏଁ ୩୦ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଚାଲାଣକୁ ଆଇନଜୀବୀମାନେ ଅନ୍ୟାୟ ଓ ଅଯୌକ୍ତିକ ବୋଲି କହିଛନ୍ତି ।

## ଶ୍ରୀମନ୍ଦିର କ୍ୟାଲେଣ୍ଡରରେ ବଡ଼ ତ୍ରୁଟି

ପୁରୀ,୩୧।୧୨(ସମିସ): ବର୍ଷ ଶେଷରେ ବଡ଼ ଭୁଲ୍ କରିଦେଇଛି ଶ୍ରୀମନ୍ଦିର ପ୍ରଶାସନ। ଆଉ ସବୁଠୁ ଦୁର୍ଭାଗ୍ୟର ବିଷୟ ହେଉଛି ତାହା ପୁଣି ମହାପ୍ରଭୁଙ୍କୁ ନେଇ। ପ୍ରତିବର୍ଷ ଭଳି ଏଥର ମଧ୍ୟ ମନ୍ଦିର ପ୍ରଶାସନ ପ୍ରସ୍ତୁତ କରିଛି ଇଂରାଜୀ ନବବର୍ଷ ୨୦୨୬ କ୍ୟାଲେଣ୍ଡର। ଏହି କ୍ୟାଲେଣ୍ଡରରେ ମହାପ୍ରଭୁଙ୍କର ଯେଉଁ ଚିତ୍ର ସ୍ଥାନିତ କରାଯାଇଛି ସେଥିରେ ଗୁରୁତର ତ୍ରୁଟି ଥିବା ପରିଲକ୍ଷିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଭାଇ ଶ୍ରୀବଳଭଦ୍ରଙ୍କ ସ୍ଥାନ ଅଦଳବଦଳ କରିଦିଆଯାଇଛି। ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀବଳଭଦ୍ର ଏବଂ ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଚିତ୍ର ଥିବା ଫଟୋ କ୍ୟାଲେଣ୍ଡରରେ ସ୍ଥାନ ପାଇଛି। କେବଳ ଏହି ଗୋଟିଏ ତ୍ରୁଟି ନୁହେଁ ଏକାଧିକ ଭୁଲ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଶରବ୍ୟ ହୋଇଛି ମନ୍ଦିର ପ୍ରଶାସନ। ଚତୁର୍ଦ୍ଧାବିଗ୍ରହଙ୍କ ଫଟୋରେ ଶ୍ରୀସୁଦର୍ଶନଙ୍କୁ ମଧ୍ୟ ସ୍ଥାନ ଦିଆଯାଇ ନାହିଁ। ସେହିପରି କ୍ୟାଲେଣ୍ଡରରେ ରହିଥିବା ତିନିରଥରେ ମଧ୍ୟ ତ୍ରୁଟି ଦେଖିବାକୁ ମିଳିଛି। ରଥଟଣା ହେଉ କି ରଥ ଖଳାରେ ନିର୍ମାଅବା ସିଂହଦ୍ୱାର ସମ୍ମୁଖରେ ସବୁବେଳେ ଭଉଣୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମଝିରେ ଥାଏ। ହେଲେ ଏଥିରେ ବ୍ୟତିକ୍ରମ ଘଟିଛି। ପ୍ରଥମେ ଦର୍ପଦଳନ ରଥ ରହିଥିବାବେଳେ ପରେ ଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ସ୍ଥାନ ପାଇଛି। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା ଶ୍ରୀମନ୍ଦିର ପ୍ରଶାସନ ନିଜେ କିପରି ଏଭଳି ଅକ୍ଷମଣୀୟ ତ୍ରୁଟି କଲା ତାହାକୁ ନେଇ ସମସ୍ତେ ପ୍ରଶ୍ନ ଉଠାଇଥିବା ବେଳେ ଏଭଳି ତ୍ରୁଟି ପାଇଁ ମନ୍ଦିର ପ୍ରଶାସନ କ୍ଷମା ପ୍ରାର୍ଥନା କରିଛି।



■ କ୍ଷୋଭ ପ୍ରକାଶ କଲେ ଭକ୍ତ, ସେବାୟତ
■ ପ୍ରୋଜେକ୍ଟ କଲ୍‌ଚରାଲ ସବ୍ କମିଟି ଜାଣିଥିଲା ନା ନାହିଁ?
■ କ୍ଷମା ପ୍ରାର୍ଥନା କଲା ଶ୍ରୀମନ୍ଦିର ପ୍ରଶାସନ
■ ସ୍ଥଗିତ ରହିଲା କ୍ୟାଲେଣ୍ଡର ବିକ୍ରି

ତେବେ ଏଭଳି ତ୍ରୁଟିକୁ ଜଗନ୍ନାଥପ୍ରେମୀ ଭକ୍ତ ଓ ଶ୍ରୀମନ୍ଦିର ସେବାୟତ ସମାଲୋଚନା କରିଛନ୍ତି। କାହା ପରାମର୍ଶରେ ଶ୍ରୀମନ୍ଦିର ପ୍ରଶାସନ ଏଭଳି ତ୍ରୁଟିପୂର୍ଣ୍ଣ ଫଟୋ କ୍ୟାଲେଣ୍ଡରରେ ସ୍ଥାନ ଦେଇଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବି ପ୍ରୋଜେକ୍ଟ କଲ୍‌ଚରାଲ ସବ୍ କମିଟି ରହିଛି। ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ବହୁ ବିଦ୍ୱାନ, ଜ୍ଞାନୀଗୁଣି ବ୍ୟକ୍ତି ଏହାର ସଦସ୍ୟ ଅଛନ୍ତି। ମନ୍ଦିର ପ୍ରଶାସନର ଏହି କ୍ୟାଲେଣ୍ଡର ଛାପିବା ପୂର୍ବରୁ କ'ଣ ସେମାନଙ୍କୁ ଏହା ଦେଖାଇ ନ ଥିଲା? ଯଦି ଦେଖାଥିଲା ତା'ହେଲେ ଏଭଳି ତ୍ରୁଟି ଖସିଗଲା ▶ପୃଷ୍ଠା-୭

## ବସ୍ ଦୁର୍ଘଟଣାରେ ଦୁଇ ମୃତ

ଆଠଗଡ଼,୩୧।୧୨(ସମିସ): ବର୍ଷର ଶେଷ ଦିନରେ ଆଠଗଡ଼ ରଥଗଡା ଛକ ଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଗୁରୁବାର ସକାଳ ପ୍ରାୟ ୧୦ଟା ସମୟରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ୪ନଂ ୱାର୍ଡ ହରିଜନ ସାହିର ବସନ୍ତ ନାଏକଙ୍କ ପୁଅ ରାମ ନାଏକ (୩୮) ଏବଂ କଟକ ମାଲଗୋଦାମ

### କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଥାନା ଅନ୍ତର୍ଗତ ମୁରାଦଖାଁ ପାଟଣାର ସ୍ୱର୍ଗତ ଅଚ୍ୟୁତାନନ୍ଦ ନାଏକଙ୍କ ପୁଅ ତାପସ କୁମାର ନାଏକ ଏକ ମୋଟର ସାଇକଲ ନଂ ଓଡି -୦୫-ସିଇ-୯୮୭୨ ରେ ସାପୁଆ ନଦୀ ଆଡ଼କୁ ଯାଉଥିବା ସମୟରେ କଟକ ଆଡୁ ଆସୁଥିବା ଯାତ୍ରୀବାହୀ ବସ୍ ନୟନା ନଂ ଓଡି -୦୫-ଏଏଚ-୯୯୪୧ର ଚକ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ▶ପୃଷ୍ଠା-୭

## ଗ୍ୟାରେଜରେ ୨ ଯୁବକଙ୍କୁ ପିଟିପିଟି ହତ୍ୟା

କଟକ/ଟାଙ୍ଗୀ,୩୧।୧୨(ସମିସ): କଟକ ଜିଲ୍ଲାର ଟାଙ୍ଗୀ ଅଞ୍ଚଳରେ ବର୍ଷ ଶେଷରେ ଏକ ହୃଦୟବିଦାରକ ଡବଲ ମର୍ଡର ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ୨୦୨୫କୁ ବିଦାୟ ଦେଇ ୨୦୨୬କୁ ସ୍ୱାଗତ କରିବା ପାଇଁ ସମସ୍ତେ ପ୍ରସ୍ତୁତ ହେଉଥିବା ବେଳେ ଏହି ନିର୍ମମ କାଣ୍ଡ ଲୋକଙ୍କ ଛାତି ଥରାଇ ଦେଇଛି। ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ରେଳଷ୍ଟେସନ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା 'ଓମ୍ ନମଃ ନାରାୟଣୀ' ପୋକଲିନ୍ ଗ୍ୟାରେଜରେ ମଙ୍ଗଳବାର

### ଗ୍ୟାରେଜ ମାଲିକ ଓ ଜଣେ କର୍ମଚାରୀ ଥାନାରେ ଅଟକ

ବିଳମ୍ବିତ ରାତିରେ ଏକ ବର୍ବରୋଚିତ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଦୁଇଜଣ ଯୁବକଙ୍କୁ ଅତି ଅମାନୁଷିକ ଭାବେ ପିଟି ପିଟି ମାରିଦେଇଥିବା ବେଳେ ବୁଧବାର ସକାଳେ ସେମାନଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଦ୍ୱୟ ହେଲେ ଟାଙ୍ଗୀ ବିଲତେରୁଆଁ ଗ୍ରାମର ମହମ୍ମଦ ସୋଏବ (୨୦) ଏବଂ ଚୌଦ୍ୱାର ଯାତ୍ରାପଡ଼ିଆ ଅଞ୍ଚଳର ପ୍ରଶାନ୍ତ ଜେନା (୨୨) ଉଭୟ ସ୍ଥାନୀୟ ଅଞ୍ଚଳରେ ଥିବା ମେଡିସିନ ଗୋଦାମରେ କାମ କରୁଥିଲେ।

ପୁଲିସର ପ୍ରାଥମିକ ଅନୁସନ୍ଧାନରୁ ହତ୍ୟାକାଣ୍ଡର ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ଅତ୍ୟନ୍ତ ଭୟାବହ। ହତ୍ୟା ପୂର୍ବରୁ ଦୁଇ ଯୁବକଙ୍କୁ ପ୍ରବଳ ନିର୍ଯାତନା ଦିଆଯାଇଥିଲା। ଦୁର୍ବୃତ୍ତମାନେ ସେମାନଙ୍କ ପୋଷାକ କାଢ଼ି ଗ୍ୟାରେଜ୍ ଭିତରେ ଥିବା ଏକ ଖମ୍ବରେ ବାନ୍ଧି ଦେଇଥିଲେ। ଏହାପରେ ସେମାନଙ୍କ ଉପରେ ଥଣ୍ଡା ପାଣି ଢାଳି ନିର୍ଦ୍ଦୟଭାବେ ପିଟିପିଟି ସେମାନଙ୍କୁ ହତ୍ୟା କରିଥିଲେ। ସକାଳେ ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଦୋକାନ ମାଲିକଙ୍କୁ ଜଣାଇବା ପରେ ସେ ପହଞ୍ଚି ଟାଙ୍ଗୀ ଥାନାକୁ ଖବର ଦେଇଥିଲେ।

ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଟାଙ୍ଗୀ ଥାନା ଅଧିକାରୀ ଡ. ବିକାଶ ସେଠି, ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ, ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଏବଂ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡ ପରଠାରୁ ଗ୍ୟାରେଜର କର୍ମଚାରୀମାନେ ଫେରାର ଥିବାରୁ ସେମାନଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଗ୍ୟାରେଜରେ କାମ କରୁଥିବା ବାଲେଶ୍ୱର ସୋର ଅଞ୍ଚଳର ଜଣେ କର୍ମଚାରୀଙ୍କୁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବାଲେଶ୍ୱରରୁ ଧରିଥିବା ସୂଚନା ମିଳିଛି। ଗ୍ୟାରେଜ ମାଲିକ ଦିଲ୍ଲୀପ ନାୟକ ଓ ବାଲେଶ୍ୱରରୁ ଧରା ପଡ଼ିଥିବା ଜଣେ କର୍ମଚାରୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ପୁଲିସ ▶ପୃଷ୍ଠା-୭


DADLS-73




ନବ ବର୍ଷ-୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

### ଇଂରାଜୀ ନୂଆବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆବର୍ଷ ୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ । ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ । ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-

## ରାଇରଙ୍ଗପୁର ମହାବିଦ୍ୟାଳୟ

# ୬୩ ବର୍ଷ ପରେ ବି ମିଳୁନି ସରକାରୀ ମାନ୍ୟତା



● ଭିତ୍ତିଭୂମିରେ ହୋଇପାରୁନି ବିକାଶ, ଶିକ୍ଷାଦାନ ବାଧାପ୍ରାପ୍ତ

● ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ

ରାଇରଙ୍ଗପୁର,୩୧।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ଉଚ୍ଚଶିକ୍ଷାର ମୁଖ୍ୟ ମାଧ୍ୟମ ରାଇରଙ୍ଗପୁର ମହାବିଦ୍ୟାଳୟକୁ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିପାରିନାହିଁ। ବାରମ୍ବାର ଦାବି ଜଣାଇବା ସତ୍ତ୍ୱେ ୬୩ ବର୍ଷ ପରେ ବି ମାନ୍ୟତା ଅଭାବରୁ ଭିତ୍ତିଭୂମିର ଉନ୍ନତି ସାଧିତ ହୋଇପାରୁନାହିଁ। ଯାହାକୁ ନେଇ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। ସରକାରୀ ମାନ୍ୟତା ପାଇଁ ମାସା ପକ୍ଷରୁ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ରାଷ୍ଟ୍ରପତିଙ୍କ ଅଞ୍ଚଳରେ ରାଇରଙ୍ଗପୁର ମହାବିଦ୍ୟାଳୟ ଥିବାବେଳେ ସରକାରୀ ମାନ୍ୟତା ପାଇବାରୁ ବଞ୍ଚିତ ରହିଛି। ସରକାରୀ ମାନ୍ୟତା ପାଇଁ ମହାବିଦ୍ୟାଳୟ ପ୍ରତି ଏପର୍ଯ୍ୟନ୍ତ କୌଣସି ସରକାରଙ୍କ ଶୁଭଦୃଷ୍ଟି ପଡ଼ିନାହିଁ। ଫଳରେ ଶିକ୍ଷା ଗ୍ରହଣ କ୍ଷେତ୍ରରେ ଆଦିବାସୀ ଅଧ୍ୟୁଷିତ ସମଗ୍ର ବାମନଘାଟି ଉପଖଣ୍ଡ ଓ ଆଖପାଖ ଅଞ୍ଚଳର ବିଦ୍ୟାର୍ଥୀଙ୍କ ପାଇଁ ବହୁ ଅସୁବିଧାର କାରଣ ସାଜିଛି। ଛାତ୍ରାବାସ ଅଭାବ ଥିବାରୁ ୨୦-୨୫ କିମି ଦୂର ଅଞ୍ଚଳରୁ ନିୟମିତ ଭାବେ ଛାତ୍ରଛାତ୍ରୀ ଯିବାଆସିବା କରୁଛନ୍ତି। ଅଧ୍ୟାପକଙ୍କ ସଂଖ୍ୟା କମ୍ ହେତୁ ଶିକ୍ଷାଦାନରେ ସମସ୍ୟା ହେଉଛି। କଲେଜ ସମ୍ମୁଖରେ ଭଲ ଫାଟକ ବି ନାହିଁ। ସାଇକଲ ଷ୍ଟାଣ୍ଡ, ଉନ୍ନତ ପାଠାଗାର, ବିଜ୍ଞାନାଗାର ଭଳି ମୌଳିକ ସୁବିଧା ମଧ୍ୟ ଉପଲବ୍ଧ ନାହିଁ। ନିଜସ୍ୱ ଖେଳ ପଡିଆ ମଧ୍ୟ ନାହିଁ। ପିଜି, ବିଇଡି, ବିଏ ଏଲଏଲବି ପାଠ୍ୟକ୍ରମ ନ ଥିବାରୁ ଛାତ୍ରଛାତ୍ରୀଙ୍କୁ ଦୂରକୁ ଯିବାକୁ ପଡୁଛି। ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦପୂର୍ଣ୍ଣ ଅବସ୍ଥାରେ ପୁରୁଣା ଅଜବେଷ୍ଟର କ୍ଲାସ୍‌ରୁମରେ ଶିକ୍ଷାଦାନ ହେଉଥିବାବେଳେ ସ୍ମାର୍ଟ୍ କ୍ଲାସରୁମ ନାହିଁ। ମହାବିଦ୍ୟାଳୟରେ ଲାଇବ୍ରେରୀ ଓ ଇ-ଲାଇବ୍ରେରୀ ନ ଥିବାରୁ ଛାତ୍ରଛାତ୍ରୀଙ୍କ ଅନେକ ସମସ୍ୟା ହେଉଛି। ପ୍ରାୟ ୨୦୦ଜଣ ଛାତ୍ରଛାତ୍ରୀ ସରକାରୀ ମାନ୍ୟତା ପାଇଁ ଦାବିରେ ଚିଠି ଲେଖିଛନ୍ତି। ରାଇରଙ୍ଗପୁର ମହାବିଦ୍ୟାଳୟ ସରକାରୀ ମାନ୍ୟତା ନ ପାଇବା ଅତ୍ୟନ୍ତ ଦୁଃଖର ବିଷୟ ଅଟେ। ମାନ୍ୟତା ଅଭାବରୁ ସରକାରୀ ଅନୁଦାନ ମିଳିପାରୁ ନ ଥିବାରୁ ଭିତ୍ତିଭୂମିର ଉନ୍ନତି ହେଉନାହିଁ। ଗରିବ ଛାତ୍ରଛାତ୍ରୀ ପାଠ ପଢିବାରେ ବାଧକ ସାଜିଛି।

ରାଇରଙ୍ଗପୁରର ଅଧିକାଂଶ ଲୋକେ ଗରିବ ଶ୍ରେଣୀର ଅଟନ୍ତି। ଅନୁଦାନ ନ ମିଳିବାରୁ ଛାତ୍ରଛାତ୍ରୀ ଅଧିକ ଫି' ଦେଇ ପଢୁଛନ୍ତି। ଫଳରେ ଟଙ୍କା ଅଭାବରୁ ଅନେକଙ୍କ ପାଠପଢ଼ାରେ ଡୋରି ବନ୍ଧା ହେଉଛି। ମହାବିଦ୍ୟାଳୟ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ପାଇଲେ ଆଡ଼ମିଶନ ଓ ପରୀକ୍ଷା ଫର୍ମ ପୂରଣ ଟଙ୍କା ଛାତ୍ରଛାତ୍ରୀଙ୍କୁ ଅଧିକ ଦେବାକୁ ପଡିବ ନାହିଁ। ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳିଲେ ଅନେକ ଗରିବ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଛାତ୍ରଛାତ୍ରୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜମିଲା ଜିରୋ ନାଇଟ୍; ଝୁମିଲେ ଯୁବଗୋଷ୍ଠୀ

ରାଇରଙ୍ଗପୁର, ୩୧।୧୨ (ସମିସ): ହାଡ଼ଭଙ୍ଗା ଶୀତୁଆ ରାତିରେ ହର୍ଷଉଲ୍ଲାସରେ ନବବର୍ଷ ୨୦୨୬କୁ ସ୍ୱାଗତ କରିଛନ୍ତି ଯୁବଗୋଷ୍ଠୀ। ରାଇରଙ୍ଗପୁର ସହରରେ ଉତ୍ସବ ମାହୋଲ ସବୁଠି ଦେଖିବାକୁ ମିଳିଛି। ଜିରୋ ନାଇଟ୍ ପାଇଁ କ୍ଲବ୍, ହୋଟେଲ ଆଦିରେ ଯୁବଗୋଷ୍ଠୀ ସେଲିବ୍ରେଶନ କରି ନବବର୍ଷକୁ ସ୍ୱାଗତ ଜଣାଇଛନ୍ତି। ବୁଧବାର ସନ୍ଧ୍ୟାରୁ ନୂଆ ବର୍ଷର କାଉଣ୍ଟଡାଉନ ସହିତ ରାଇରଙ୍ଗପୁର ସହର ଦୁଲୁକିଥିଲା। ବିଭିନ୍ନ ରଙ୍ଗବେରଙ୍ଗର ଲାଇଟର ସାଜସଜ୍ଜା ସହିତ ଖାଦ୍ୟପେୟ ମଧ୍ୟ ଆସର ଜମିଥିଲା। ନାଚ ଗୀତର ତାଳେ ତାଳେ ଯୁବଗୋଷ୍ଠୀ ଝୁମିଥିଲେ। ସମସ୍ତେ ମତୁଆଲା ହୋଇ ନବ ବର୍ଷକୁ ସ୍ୱାଗତ କରିଛନ୍ତି। ସମସ୍ତେ ଉତ୍କଣ୍ଠା ସହ ନବବର୍ଷକୁ ସ୍ୱାଗତ ଜଣାଇବାକୁ ରାତି ୧୨କୁ ଅପେକ୍ଷା କରି ରହିଥିଲେ। ଜିରୋ ନାଇଟ୍ ହେବା କ୍ଷଣି ପରସ୍ପରକୁ ଶୁଭେଚ୍ଛା ଜଣାଇ ସେଲିବ୍ରେଶନକୁ କରିଥିଲେ। ଭଳି କି ଭଳି ଖାଦ୍ୟପେୟ ସହ ବାଣ ଫୁଟାଇବା ମନୋରଞ୍ଜନର ସହିତ ନବବର୍ଷକୁ ସ୍ୱାଗତ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ରାତିତମାମ ନାଇଟ ପାଟ୍ରୋଲିଂ କରାଯାଇଥିଲା। ସ୍ଥାନେ ସ୍ଥାନେ ପୁଲିସ ମୁତୟନ କରାଯାଇଥିଲା। ମଦ୍ୟପ ଓ ଦୁର୍ବୃତ୍ତଙ୍କ ଉପଦ୍ରବକୁ ରୋକିବା, ମଦୁଆ ଧରପଗଡ଼ ଲାଗି ଗାଡ଼ି ମଧ୍ୟ ବୁଲିଥିଲା। ଜିରୋ ନାଇଟକୁ ସୁରୁଖୁରୁରେ ପାଳନ କରିବା ପାଇଁ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରିଥିଲେ।

# ଉଦଳା ଲ୍ୟାମ୍ପ୍‌ସ ପକ୍ଷରୁ ଧାନମଣ୍ଡି ଉଦଘାଟିତ



ଉଦଳା, ୩୧।୧୨(ସମିସ): ଉଦଳା ଲ୍ୟାମ୍ପ୍‌ସ ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଉଦଳା ଏନ୍‌ଏସି ଅଧକ୍ଷା ପ୍ରମିଳା ପଣ୍ଡା, କାଉନସିଲର ଶରତ ଦାସ, ଉର୍ମିଳା ନାୟକ, ଉପଖଣ୍ଡ ଯୋଗାଣ ଅଧିକାରୀ ଶରତ ବେହେରା, ସହକାରୀ ନିବନ୍ଧକ ସମବାୟ ସମିତି ସୁକ୍ରାମ ସିଂ, କାର୍ଯ୍ୟାଳୟର ଉପସହକାରୀ ନିବନ୍ଧକ ବିଭୂତି ଭୂଷଣ ବେହେରା, ଲ୍ୟାମ୍ପ୍‌ସର ଚେୟାରମ୍ୟାନ ହରଗୋବିନ୍ଦ ଦଳେଇ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ପୂର୍ବ ବର୍ଷମାନଙ୍କରେ ମଣ୍ଡିକୁ ନେଇ ଉପୁଜିଥିବା ସମସ୍ୟା ଚଳିତ ବର୍ଷ ଯେଭଳି ନ ଉପୁଜିବ, ତାହା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ ଉପସ୍ଥିତ କୃଷକ କମିଟି ମେମ୍ବର ଅଧିକାରୀଙ୍କୁ କହିଥିଲେ। ବିଶେଷକରି ଧାନ କଟ୍‌ନି ଛଟ୍‌ନି, ମିଲରଙ୍କ ମନମାନି ଏସବୁ ଦିଗ ଉପରେ ନଜର ଦେବାକୁ ଟାସ୍କଫୋର୍ସ ଗଠନ କରାଯାଇଛି, ଯାହାକି ଚଳିତ ବର୍ଷ ମଣ୍ଡିରେ ଧାନ କିଣାରେ କୌଣସି ସମସ୍ୟା ହେବ ନାହିଁ ବୋଲି ନଗରପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିବେକାନନ୍ଦ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟି ନିର୍ଦ୍ଦେଶକ ହାଡିବନ୍ଧୁ ପୋଥାଳ, ବନମାଳୀ ବେହେରା, ସନାତନ ପରିଡା, କୃଷକ ପ୍ରଭାତ ପରିଡ଼ା, ଗୌରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ


ବାରିପଦା,୩୧।୧୨(ସମିସ): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍‌ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ୍‌ର ଶୀତକାଳୀନ ସ୍ୱତନ୍ତ୍ର ଶିବିରର ପଞ୍ଚମ ଦିବସର ଦୁଇଟି ଅଧିବେଶନରେ ସ୍ୱେଚ୍ଛାସେବୀଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ପ୍ରଥମ ଅଧିବେଶନରେ ଓଡ଼ିଶା ସ୍ପେଶାଲ ଆର୍ମଡ ପୁଲିସ (ପଞ୍ଚମ ବାଟାଲିୟନ)ର କମାଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ବିଶେଷଜ୍ଞ ଭାବେ ଯୋଗଦେଇ ବିପର୍ଯ୍ୟୟ ପ୍ରଶମନ ପାଇଁ ପ୍ରସ୍ତୁତିର ତରିକା, କ୍ରିଟିକାଲ ସ୍କିଲ୍ ଏବଂ ଅନ୍ୟକୁ ରକ୍ଷା କରିବାର ପ୍ରଣାଳୀ ସବୁ ଶିଖାଇଥିଲେ। ସେ ଓସ୍‌ଡମାର ଡେପୁଟି ଜେନେରାଲ ମ୍ୟାନେଜର ଥିବା ସମୟରେ ତାଙ୍କର ଅନୁଭୂତି ସ୍ୱେଚ୍ଛାସେବୀଙ୍କ ସହ ବାଣ୍ଟିଥିଲେ। ପ୍ରଥମ ଅଧିବେଶନରେ ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ରା ରାଉତ ଅଧକ୍ଷତା କରିଥିବାବେଳେ ଜାତୀୟ ସେବା ଅଧିକାରିଣୀ ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ସ୍ପେଶାଲ ଆର୍ମେଡ ପୁଲିସ ପଞ୍ଚମ ବାଟାଲିୟନର ଅରୁଣ କୁମାର ମହାନ୍ତ ଏବଂ ଆଶିଷ କୁମାର ମହାନ୍ତ ବିଶେଷଜ୍ଞ ଭାବେ ଯୋଗଦେଇ ବିପର୍ଯ୍ୟୟ ସମୟରେ ଜୀବନ ରକ୍ଷା ଶୈଳୀ, ଆପଦା ବେଳେ ତ୍ୱରିତ ସାହାଯ୍ୟ କରିବାର ତରିକାକୁ ଡେମୋନଷ୍ଟ୍ରେସନ କ୍ଲାସ ମାଧ୍ୟମରେ ସ୍ୱେଚ୍ଛାସେବୀଙ୍କୁ ଶିଖାଇଥିଲେ। ଦ୍ୱିତୀୟ ଅଧିବେଶନରେ ପଦାର୍ଥ ବିଜ୍ଞାନର ବିଭାଗୀୟ ମୁଖ୍ୟ ଦେବଶ୍ରିତା ବିଶ୍ୱାଳ ଅଧକ୍ଷତା କରିଥିବାବେଳେ ସ୍ୱେଚ୍ଛାସେବୀ ଅବିନାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିର ଆହୁରି ଦୁଇଦିନ ଧରି ଚାଲିବାକୁ ଥିବାବେଳେ ଆହୁରି ଅନେକ କାର୍ଯ୍ୟକ୍ରମ ରହିଛି ବୋଲି ମହାବିଦ୍ୟାଳୟର ଜାତୀୟ ସେବା ଅଧିକାରିଣୀ ସୁଶ୍ରୀ ନାୟକ ସୂଚନା ଦେଇଛନ୍ତି।



# ପଣ୍ଡିତ ରହିଦାସ ସିଂ ନାଗଙ୍କ ପୁଣ୍ୟତିଥି ପାଳିତ

ବାରିପଦା,୩୧।୧୨(ସମିସ): ମୁଣ୍ଡା ଜାତିର ଗୌରବ ତଥା ମୁଣ୍ଡାରୀ ବାନି ଲିପିର ଆବିଷ୍କାରକ ପଣ୍ଡିତ ରହିଦାସ ସିଂ ନାଗଙ୍କ ୧୩ତମ ପୁଣ୍ୟତିଥି ଅବସରରେ ମଙ୍ଗଳବାର ମୁଣ୍ଡା ଯୁବ ସଂଗଠନ ଆନୁକୂଲ୍ୟରେ ବାରିପଦା ନିକଟସ୍ଥ ମଧୁବନରେ ଥିବା ତାଙ୍କ ପ୍ରତିମୂର୍ତ୍ତି, କର୍ମଭୂମିଠାରେ ଥିବା ସମାଧିପୀଠ ଓ ରଙ୍ଗାମାଟିଆ ନିକଟସ୍ଥ ଶାଳବଣି ଗ୍ରାମରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏ ଅବସରରେ ତାଙ୍କର ଅବଦାନ, ଆଦର୍ଶ ଓ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତାଙ୍କ ପୁଣ୍ୟତିଥି ଅବସରରେ ସମାଜସେବୀ ତଥା ମୁଣ୍ଡା ଯୁବ ସଂଗଠନର ଉପଦେଷ୍ଟା ରାକେଶ ସିଂ, ମୁଣ୍ଡା ଯୁବ ସଂଗଠନର କାର୍ଯ୍ୟକାରୀ ସମ୍ପାଦକ ଛାଟିଆ ସିଂ, ମୁଣ୍ଡାରୀ ସମାଜ ସାୱାଁର ଜାମଡାର ସଭାପତି ନନ୍ଦଲାଲ ସିଂ, ଅବସରପ୍ରାପ୍ତ ରେଳ ବିଭାଗ କର୍ମଚାରୀ ଜେନା ପ୍ରସାଦ ସିଂ, ମୁଣ୍ଡାରୀ ସମାଜ ସାୱାଁର ଜାମଡାର ଉପଦେଷ୍ଟା ରାଜେନ୍ଦ୍ର ସିଂ, ଏମଏଲସିସିର ଜିଲ୍ଲା ସମ୍ପାଦକ ଇଂ. ସୁନାରାମ ସିଂ, ମୁଣ୍ଡା ଯୁବ ସଂଗଠନର କାର୍ଯ୍ୟକାରୀ ସଂପାଦକ ମନୋରଞ୍ଜନ ସିଂ, ମୁଣ୍ଡା ଯୁବ ସଂଗଠନର ଜିଲ୍ଲା ସମ୍ପାଦକ ରାଜେଶ ସିଂ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।











































# ଶିମିଳିପାଳ ପ୍ରବେଶ ମନା; ପର୍ଯ୍ୟଟକ ନିରାଶ

ବାରିପଦା, ୩୧।୧୨(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ଭ୍ରମଣ ନିମନ୍ତେ ବାରିପଦାର ପିଠାବଟା ଗେଟ ପଟୁ ୨୫ଟି ଓ ଯଶିପୁରର କାଳିଆଣି ପଟୁ ୩୫ଟି ପର୍ଯ୍ୟଟକଙ୍କ ନିଜସ୍ୱ/ଭଡ଼ା ଯାନ ଛଡ଼ାଯିବାର ଅନୁମତି ବନବିଭାଗ ପକ୍ଷରୁ ଦିଆଯାଇଛି। ଏଥିପାଇଁ ପର୍ଯ୍ୟଟକ ପୂର୍ବରୁ ଅନଲାଇନ୍ ସ୍ଲଟ ମାଧ୍ୟମରେ ବୁକିଙ୍ଗ କରିବାକୁ ପଡୁଛି। ଅନ୍ୟଥା ଅନ୍ୟମାନଙ୍କୁ ଭିତରକୁ ଛଡା ଯାଉନାହିଁ। ବଡ଼ଦିନ ପାଖରୁ ଜାନୁଆରୀ ୭ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍ଲଟ ବୁକ୍ ଥିବାରୁ ବହୁ ପର୍ଯ୍ୟଟକ ନିରାଶ ହେବା ସହିତ ଅନେକ ଉଭୟ ଗେଟ୍ ପାଖରେ ପହଞ୍ଚି ନିରାଶରେ ଫେରୁଛନ୍ତି। ଶାମାଖୁଣ୍ଟା ବ୍ଲକ ଅଧୀନ କୁଚିଲାଘାଟି ପଞ୍ଚାୟତ ସରପଞ୍ଚ ମମତା ସିଂଙ୍କ କହିବା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ସଦରମହାକୁମା ବାରିପଦା ହୋଇଥିବା ବେଳେ ବିଶେଷ କରି ପଶ୍ଚିମବଙ୍ଗ ଓ ଅନ୍ୟ ଅଞ୍ଚଳର ସିଂହଭାଗ ପର୍ଯ୍ୟଟକ ବାରିପଦା ହୋଇ ପିଠାବଟା ରାସ୍ତାରେ ଶିମିଳିପାଳକୁ ପ୍ରବେଶ କରିଥାନ୍ତି। ତେଣୁ ବନବିଭାଗ ଭିଡ଼ ବା ସ୍ୱତନ୍ତ୍ର ଦିନମାନଙ୍କ ଏହି ନିଷ୍ପତ୍ତି ଉପରେ ପୁନର୍ବିଚାର କରି ଆଉ କିଛି ଅଧିକ ଗାଡ଼ି ଛାଡ଼ିଲେ ପର୍ଯ୍ୟଟକଙ୍କୁ ନିରାଶ ହେବାକୁ ପଡ଼ନ୍ତା ନାହିଁ।




ଭଦ୍ରକର ପ୍ରଶାନ୍ତ କୁମାର ଭୂୟାଁ ଓ ଯାଜପୁରରୁ ଚିନ୍ତାମଣି ପରିଡ଼ା ସେମାନଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ଶିମିଳିପାଳ ବୁଲିବାକୁ ଆସିଥିଲେ। କିନ୍ତୁ ଏଠାରେ ଅନ୍‌ଲାଇନ୍ ବୁକିଂ ସମ୍ବନ୍ଧରେ ଅବଗତ ନ ଥିବାରୁ ତାଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ସେମାନଙ୍କ କହିବା ଅନୁଯାୟୀ ତାଙ୍କପରି ଅନେକ ପର୍ଯ୍ୟଟକ ଆସୁଛନ୍ତି, ଯେଉଁମାନେ ଏ ସମ୍ବନ୍ଧରେ ଅବଗତ ନ ଥିବାରୁ ଫେରି ଯାଉଛନ୍ତି, ତେଣୁ ବନବିଭାଗ କିଛି ଅଫଲାଇନ୍ ଟିକଟର ବ୍ୟବସ୍ଥା ସହିତ ସ୍ୱତନ୍ତ୍ର ଦିନମାନଙ୍କରେ ଅଧିକ ଗାଡ଼ି ପ୍ରବେଶ ଅନୁମତି ଦେଲେ ପର୍ଯ୍ୟଟକ ଉପକୃତ ହେବା ସାଙ୍ଗକୁ ପରୋକ୍ଷରେ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳର ଯୁବକଯୁବତୀ ବ୍ୟବସାୟୀ ପରୋକ୍ଷରେ ଲାଭବାନ ହୁଅନ୍ତେ।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ ପ୍ରାଣୀ, ପକ୍ଷୀ ଓ ସରୀସୃପଙ୍କ ପାଇଁ ଆବଶ୍ୟକୀୟ ବାତାବରଣ, ସନ୍ତୁଳିତ ପରିବେଶ, ଭୌଗଳିକ ସ୍ଥିତିର ଭିନ୍ନତାରେ ପର୍ଯ୍ୟାପ୍ତ ସବୁଜିମା ବୃକ୍ଷରାଜି ରହିଛି। ଯେଉଁଥିପାଇଁ ଏହା ଭାରତର ବାଘ, ଏସୀୟ ହାତୀ ଓ ଗୟଳ ପରି ତିନି ପ୍ରଜାତି ପ୍ରାଣୀର ବୃହତ୍ତ ବାସସ୍ଥଳୀ ହୋଇପାରିଛି। ଫଳରେ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ମାତ୍ର ସେହି ଅନୁଯାୟୀ ବିକଳ୍ପ ବ୍ୟବସ୍ଥା କରାଯାଉନଥିବାରୁ ପର୍ଯ୍ୟଟକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୩୧।୧୨(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବାଦାମପାହାଡ଼ ଥାନା ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଥିବାବେଳେ ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ରହିଥିଲା। ପାଟ୍ରୋଲିଂବେଳେ ଜାତୀୟ ରାଜପଥ ୨୨୦ର ଦଲକି ଛକ ଅଞ୍ଚଳରେ ଚଢ଼ଉ କରି ଏହି ଟ୍ରାକ୍ଟର ଜବତ କରିଥିବା ଜଣାପଡ଼ିଛି। କାହ୍ନୁ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଟ୍ରାକ୍ଟର ଅଟକାଇ ପଚରାଉଚରା ପରେ କୌଣସି ବୈଧ କାଗଜପତ୍ର ନଥିବା ବେଳେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ଜାଣି ଗାଡ଼ିକୁ ଜବତ କରାଯାଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଖେଜୁରୀପଡ଼ା ଗ୍ରାମର ରଣ ପିଙ୍ଗୁଆ ଟ୍ରାକ୍ଟର ଚାଳକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରହିଛି।

## ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ଚୋରି

ରାଇରଙ୍ଗପୁର/କରଞ୍ଜିଆ, ୩୧।୧୨(ସମିସ): ଯାମୁକେଶ୍ୱର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ଚୋରି ହୋଇଛି। ଏ ନେଇ ରାଜସ୍ୱ ନିରୀକ୍ଷକ ରୀନା ମହାଳି ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ଦୁର୍ବୃତ୍ତମାନେ ଫାଟକ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ସମଗ୍ରୀ ଚୋରି କରିଥିବା ଜଣାପଡ଼ିଛି। ଏ ନେଇ ଜଣାପଡ଼ିବା ପରେ ସକାଳୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଜଙ୍ଗଲରୁ ୩ବର୍ଷର ଶିଶୁ ଉଦ୍ଧାର

● ପାଣି ପିଇବାକୁ ଆସି ହୋଇଥିଲା ବାଟବଣା

ମୋରଡ଼ା, ୩୧।୧୨(ସମିସ): ଏକ ତିନି ବର୍ଷର ଶିଶୁକୁ ଜଙ୍ଗଲରୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଛନ୍ତି ଗ୍ରାମବାସୀ। ଗାଁଅମର୍ଦା ଫାଣ୍ଡି ଅନ୍ତର୍ଗତ ଡିଲାଜଗତପୁର ଗ୍ରାମ ନିକଟରେ ଥିବା ଜଙ୍ଗଲରେ ମଙ୍ଗଳବାର ସନ୍ଧ୍ୟାରେ ନାବାଳିକାଟି ଜଙ୍ଗଲରେ ଏକୁଟିଆ କାନ୍ଦୁଥିବା ଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ଖାଇବାକୁ ଦେବା ସହିତ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଶିଶୁଟିକୁ ଆଣିବା ପରେ ତା'ର ଘର ବସ୍ତା ଥାନା ଅଧୀନ କରଞ୍ଜିଆ ଗ୍ରାମର ବୋଲି ଚିହ୍ନଟ କରାଯାଇଛି। ଶିଶୁଟି ତା' ମା' ସହିତ ଆସିଥିବାବେଳେ ଜଙ୍ଗଲରେ ତା'ର ମା' ଶୋଇପଡ଼ିଥିଲା। ଏହି ସମୟରେ ଶିଶୁଟିକୁ ଶୋଷ ଲାଗିବାରୁ ପାଣି ପିଇବାକୁ ଅନ୍ୟଆଡ଼େ ଚାଲିଯାଇ ବାଟବଣା ହୋଇଯାଇଥିଲା ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## ମେଗା କ୍ରେଡିଟ୍ ଆଉଟରିଚ କାର୍ଯ୍ୟକ୍ରମ


ବାରିପଦା, ୩୧।୧୨(ସମିସ): ମୟୂରଭଞ୍ଜରେ ପ୍ରଥମଥର ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବାରିପଦା ଅଞ୍ଚଳ ଓ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ମିଳିତ ପ୍ରୟାସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମେଗା କ୍ରେଡିଟ ଆଉଟରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସତ୍ୟବତୀ ସାହୁ (ମହାପ୍ରବନ୍ଧକ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ), ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ନାବାର୍ଡର ଉନ୍ନୟନ ପରିଚାଳକ ସ୍ୱାରକ ମହାନ୍ତି ଓ ଏଲଡିଏମ ସୂର୍ଯ୍ୟନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବାରିପଦା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ କବିତା ଜ୍ୟୋତିଷୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିରଜା କର ନିମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଏହି କ୍ରେଡିଟ ଆଉଟରିଚ୍ ପ୍ରୋଗ୍ରାମର ଆଭିମୁଖ୍ୟ ହେଉଛି ସମାବେଶୀ ଉନ୍ନତି, ଆର୍ଥିକ ସଶକ୍ତୀକରଣ ଓ ସାମାଜିକ-ଆର୍ଥିକ ବିକାଶ ପ୍ରତି ତାହାର ଦୃଢ ସଂକଳ୍ପକୁ ସୁନିଶ୍ଚିତ କରିବା, ଏହି ପ୍ରୋଗ୍ରାମ ମାଧ୍ୟମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀ ଓ କୃଷି ବିଭାଗର କିଷାନ କ୍ରେଡିଟ କାର୍ଡ ହିତାଧିକାରୀଙ୍କୁ ୨୦୧ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ ସ୍ୱରୂପ ଚେକ ପ୍ରଦାନ କରାଯାଇଥିବାବେଳେ ଶ୍ରେଷ୍ଠ ବ୍ୟାଙ୍କମିତ୍ରଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପୂରଣ ହେଉନି ଡାକ୍ତରଙ୍କ ଦାବି, ୫ରୁ ତୀବ୍ର ହେବ ଆନ୍ଦୋଳନ

ରାଇରଙ୍ଗପୁର, ୩୧।୧୨(ସମିସ): ଡାକ୍ତରମାନେ ବିଭିନ୍ନ ସମସ୍ୟା ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବା ବେଳେ ରାଜ୍ୟ ସରକାର ସେ ଦିଗରେ ଧ୍ୟାନ ଦେଉନଥିବା ଡାକ୍ତରମାନେ କହିଛନ୍ତି। ତେଣୁ ଆଗକୁ ଆନ୍ଦୋଳନ ତୀବ୍ର କରିବାକୁ ଡାକ୍ତରମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ପରିପ୍ରେକ୍ଷୀରେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଗତ ଶୁକ୍ରବାର ଠାରୁ ଡାକ୍ତରମାନେ ସମୂହ ପ୍ରତିବାଦ ଆରମ୍ଭ କରିଛନ୍ତି। ଏହାପରେ ବି ରାଜ୍ୟ ସରକାର ଦାବି ପୂରଣ ନେଇ ପଦକ୍ଷେପ ନନେବାରୁ ଓମ୍‌ସା ସଂଘର ରାଇରଙ୍ଗପୁର ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି। ଗତ ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘଣ୍ଟାଏ ଓପିଡି ସେବା ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି। ଜାନୁଆରୀ ୫ତାରିଖରୁ ତାହାକୁ ବୃଦ୍ଧି କରି ସକାଳ ୯ରୁ ୧୧ ପର୍ଯ୍ୟନ୍ତ ଦୁଇ ଘଣ୍ଟା ଓପିଡି ସେବା ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରିବେ। ଏହାସହିତ ସ୍ୱାସ୍ଥ୍ୟ ବିଭାଗ ଅଧୀନ ସମସ୍ତ କାର୍ଯ୍ୟକ୍ରମରେ ଅସହଯୋଗ କରିବେ ବୋଲି କହିଛନ୍ତି। ରାଜ୍ୟ ସରକାର ଡାକ୍ତରଙ୍କ ଦାବି ଉପରେ ଆଲୋଚନା ଆରମ୍ଭ କରିନାହାନ୍ତି। ଜାନୁଆରୀ ୫ ସୁଦ୍ଧା ଦାବି ବାବଦରେ ଆଲୋଚନା ନ କରିଲେ ଦୈନିକ ଏକ ଘଣ୍ଟା ପରିବର୍ତ୍ତେ ୨ ଘଣ୍ଟା ଓପିଡି ସେବା ବନ୍ଦ ରଖାଯିବ। ପ୍ରତି ପରବର୍ତ୍ତୀ ସପ୍ତାହ ଗୁଡ଼ିକରେ ଏକ ଘଣ୍ଟା ଲେଖାଏଁ ଓପିଡି ବନ୍ଦ ସମୟସୀମା ବୃଦ୍ଧି ପାଇବ। ଏହାସହିତ ସ୍ୱାସ୍ଥ୍ୟ ବିଭାଗର କୌଣସି ବୈଠକ, ତାଲିମ କାର୍ଯ୍ୟକ୍ରମ, କନ୍‌ଫରେନ୍ସ ଆଦିରେ ଯୋଗ ନଦେଇ ରାଜ୍ୟ ସରକାରଙ୍କୁ ଅସହଯୋଗ କରିବେ। ଏହାସହିତ ରାଜ୍ୟ ସରକାରଙ୍କ କୌଣସି ଫାଇଲରେ ଡାକ୍ତରମାନେ ଦସ୍ତଖତ ମଧ୍ୟ କରିବେ ନାହିଁ ବୋଲି କହିଛନ୍ତି। ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର କରି ଚରମ ପଦକ୍ଷେପ ଗ୍ରହଣ କରିବେ ବୋଲି ଓମ୍‌ସା ଶାଖା ସମ୍ପାଦକ ଡା ସୌମେଶ କୁମାର ମହାନ୍ତ କହିଛନ୍ତି। ଓମ୍‌ସା ଡାକରାକ୍ରମେ ଦାବି ପୂରଣ ନେଇ ଡାକ୍ତରମାନେ ପ୍ରତିବାଦ କରିଥିବାରୁ ରୋଗୀ ସେବା ପ୍ରଭାବିତ ହୋଇଛି। ଉକ୍ତ ଆନ୍ଦୋଳନରେ ଶତାଧିକ ଡାକ୍ତର ସାମିଲ ହୋଇଛନ୍ତି। କିନ୍ତୁ ରାଜ୍ୟ ସରକାର ସେମାନଙ୍କୁ ସୁରକ୍ଷା, ସେବା ଓ ମର୍ଯ୍ୟାଦା ପ୍ରଦାନ କରିବାରେ ନିରବଦ୍ରଷ୍ଟା ସାଜିଛନ୍ତି। ଉକ୍ତ ଧର୍ମଘଟ ତୀବ୍ରତର ହେଲେ ରୋଗୀ ସେବା ବ୍ୟାଘାତ ହେବ। ଡାକ୍ତରଙ୍କ ୧୮ ଦଫା ଦାବି ମଧ୍ୟରେ କେନ୍ଦ୍ରୀୟ ହାରରେ ଡାକ୍ତର ଓ ଦନ୍ତ ଚିକିତ୍ସକ ମାନଙ୍କୁ ଡିଏସିପି ବିନା ସର୍ତାବଳିରେ ଲାଗୁ କରିବା, କ୍ୟାଡର ପୁନର୍ବିନ୍ୟାଶ, ପେ' ଷ୍ଟ୍ରକଚର ଓ ଡିଏସିପିରେ ଲେଭଲ ୧୫ ବାଦ କରିବା, କେବିକେ ଅଞ୍ଚଳରେ ୫ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଡାକ୍ତରଙ୍କ ଉପକୂଳ ବର୍ତି ଜିଲ୍ଲାକୁ ବଦଳି, ଡାକ୍ତର ଦୂର କରିବା ପାଇଁ ବିଶେଷଜ୍ଞ ଓ ଡିପ୍ଲୋମା ଧାରୀ ବୃଦ୍ଧି, ଡାକ୍ତରଙ୍କୁ ପ୍ରଶାସନିକ ଭତ୍ତା ଓ ଦନ୍ତ ଚିକିତ୍ସକଙ୍କୁ ବିଶେଷଜ୍ଞ ଭତ୍ତା ପ୍ରଦାନ, ପୋଷ୍ଟ ମୋର୍ଟମ ଭତ୍ତା ବୃଦ୍ଧି, ତୁରନ୍ତ ଖାଲି ଡାକ୍ତରୀ ପଦବୀ ପୂରଣ କରିବା, ପ୍ରତିବର୍ଷ ବିଭାଗୀୟ ପଦୋନ୍ନତି, କାର୍ଯ୍ୟରତ ଡାକ୍ତରଙ୍କୁ କଡା ସୁରକ୍ଷା, ସ୍ୱାସ୍ଥ୍ୟ ବୀମା ପ୍ରଦାନ ଆଦି ଦାବି ରହିଛି।





■ ଏଣିକି ଘଣ୍ଟାଏ ବଦଳରେ ଦୁଇ ଘଣ୍ଟା ବନ୍ଦ ହେବ ଓପିଡି ସେବା
■ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମରେ କରିବେ ଅସହଯୋଗ
■ ପ୍ରଭାବିତ ହେବ ରୋଗୀ ସେବା




ସକାଳ
THE SAKALA

# ସମ୍ପାଦକୀୟ



ନବ ଆଶା ନବ ଭାବ ସଞ୍ଚାରି ପରାଣେ, ଫିଟାଇ ଦିଅ ହେ ନବ କଲ୍ୟାଣର ପଥ
ପୁଣ୍ୟ ଉତ୍ସାହର ମନ୍ତ୍ର ଉଚ୍ଚାରି ସଘନେ, ଉଦ୍ଧାର ଉଦ୍ଧାର ଏହି ଦୀନହୀନ ଜନେ।
-ଭକ୍ତକବି ମଧୁସୂଦନ ରାଓ

## ଶୁଭମ୍ ଭବତୁ

ଆମ ଦେଶରେ ପ୍ରଚଳିତ ବିଭିନ୍ନ ଭାଷା, ପରମ୍ପରା ଓ ଚଳଣି ଆଧାରରେ ନୂଆବର୍ଷ ପାଳନ ନେଇ ପାର୍ଥକ୍ୟ ଥିଲେ ମଧ୍ୟ ଇଂରାଜୀ କ୍ୟାଲେଣ୍ଡର ଓ ତାରିଖର ଗ୍ରହଣୀୟତା ଏବଂ ଜନଜୀବନରେ ପାଳିତ ହେଉଥିବା ତିଥି, ନକ୍ଷତ୍ର ଓ ପର୍ବପର୍ବାଣିକୁ ସେହି ତାରିଖ ଅନୁଯାୟୀ ସୂଚିବାଦି କରାଯାଉଥିବାରୁ ବର୍ଷାରମ୍ଭ ଜାନୁଆରୀ ୧ ତାରିଖକୁ ଆମେ ଏକପ୍ରକାର ମାନିନେଇଛେ। ତେଣୁ ତ ବର୍ଷାନ୍ତ ଓ ବର୍ଷାରମ୍ଭ ନେଇ ସବୁସ୍ତରରେ ବିଶଦ ଆଲୋଚନା ଓ ବିତର୍କର ସୁଯୋଗ ରହିଛି। କେଉଁ ଦୃଷ୍ଟିରୁ ଗଲା ବର୍ଷଟି ସ୍ମରଣୀୟ, ତାହାର ତର୍ଜମା କରି ଆମେ ପାଦ ଥାପିଥିବା ନୂଆବର୍ଷଟି କିପରି ହେବ ସେ ସଂପର୍କରେ ଆଲୋକପାତ କରୁଛେ। ବର୍ଷର ଶେଷ ପ୍ରାନ୍ତରେ ଏମିତି କିଛି ନିଷ୍ପତ୍ତି ବା ନିର୍ଣ୍ଣୟ ନିଆଯାଇଛି, ଯାହାର ସକାରାତ୍ମକ ଦୃଷ୍ଟିଭଙ୍ଗୀରୁ ବିଚାର କଲେ ମନେ ହେବ ଆଗକୁ ଆମେ କ'ଣ ଭଲ ସମୟ ସମ୍ମୁଖୀନ ହେବାକୁ ଯାଉଛେ। ପ୍ରତିକୂଳ ପରିସ୍ଥିତିରେ ଆମେ ବର୍ଷ ତମାମ ସମୟ ସହ ଲଢ଼ିଛେ ନିଜର ମର୍ଯ୍ୟାଦା ଓ ଆତ୍ମସମ୍ମାନର ସୁରକ୍ଷା ପାଇଁ, ଯାହାର ସୁଫଳ ରାଷ୍ଟ୍ରୀୟ ଜୀବନର ସବୁ ବିଭବରେ ଏବେ ଅନୁଭୂତ ହେବା ଆରମ୍ଭ ହୋଇଛି। ତେଣୁ ନୂଆବର୍ଷକୁ ଆମେ ଏକ ସମ୍ଭାବନା ବର୍ଷ ରୂପେ ଗ୍ରହଣ କରିପାରିବା।

ଆମେରିକାର ନୂତନ ରାଷ୍ଟ୍ରପତି ରୂପେ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ବିଶ୍ୱରେ ବାଣିଜ୍ୟକୁ ନେଇ ଯେଉଁ ଶୀତଳ ଯୁଦ୍ଧ ଆରମ୍ଭ ହୋଇଗଲା ତାହାର ଗୁରୁତର ପ୍ରତିକୂଳ ପ୍ରଭାବ ଆମ ଉପରେ ପଡ଼ିଥିଲେ ହେଁ ଆମେ ହାର ମାନିନେ। ଆର୍ଥିକ ଦୃଷ୍ଟିରୁ ଭାରତ କ୍ଷତିଗ୍ରସ୍ତ ହୋଇଛି ସତ, ନୂଆବଜାର ଓ ନୂଆ ସଂପର୍କ ମାଧ୍ୟମରେ ସେହି କ୍ଷତିଭରଣା କରି ଅଗ୍ରଗତିର ନୂଆ ଦିଗ ହାସଲ କରିବାର ପ୍ରୟାସ ଜାରି ରହିଛି। ଏଥି ମଧ୍ୟରେ ୭ଟି ରାଷ୍ଟ୍ର ସହ ଶୁଳ୍କମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କାନାଡ଼ା ସହ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବାକୁ ଯାଉଛି। ଜୋହାନ୍ସବର୍ଗ ଜି-୨୦ ଶିଖର ସମ୍ମିଳନୀରେ ଦୁଇ ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରାରମ୍ଭିକ ଆଲୋଚନା ଖୁବ୍‌ଶୀଘ୍ର ରାଜିନାମାର ରୂପ ନେବାକୁ ଯାଉଛି। ଅନ୍ୟପକ୍ଷରେ ଟ୍ରମ୍ପ – ଜେଲେନ୍‌ସ୍କି – ପୁଟିନଙ୍କ କଥାବାର୍ତ୍ତାର ସକାରାତ୍ମକ ଦିଗରୁ ବିଚାର କଲେ ସେମାନେ ଏକ ପୂର୍ଣ୍ଣଚ୍ଛେଦର ନିକଟବର୍ତ୍ତୀ ହେଉଥିବା ସ୍ପଷ୍ଟ ହେଉଛି। ଯୁଦ୍ଧ ବନ୍ଦ ହିଁ ବିଶ୍ୱ ଭୂ-ରାଜନୈତିକ ଦୃଶ୍ୟପଟରେ ବ୍ୟବସ୍ଥା ସୁଧାରିବାରେ ନିର୍ଣ୍ଣାୟକ ହେବ।

ଆମ ଗଣତନ୍ତ୍ରର ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକା ଆରାବଳୀ ପର୍ବତମାଳା ଓ ଉନ୍ନାଓ ଦୁଷ୍କର୍ମ ମାମଲାରେ ହସ୍ତକ୍ଷେପ କରି ବ୍ୟବସ୍ଥା ପ୍ରତି ସାଧାରଣରେ ଯେଉଁ ଆସ୍ଥା ସ୍ଥାପନ କରିଛନ୍ତି ତାହାର ସୁଫଳ ଏକାଧିକ କ୍ଷେତ୍ରରେ ଅନୁଭୂତ ହେବ। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ଅଭ୍ୟୁଦୟ ସୁଦୂରପ୍ରସାରୀ ହେବ। ଓଡ଼ିଶାର ସିଲିକନ୍ କାର୍ବାଇଡ ଫ୍ୟାବ୍ ସେହି ପ୍ରୟାସର ଅଂଶବିଶେଷ। ଆମ ରାଜ୍ୟରେ ୯ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ୪ଟି ନୂଆ ରେଳ ଲାଇନକୁ ବୋର୍ଡର ଅନୁମୋଦନ ଏକ ସକାରାତ୍ମକ ଦିଗ। ଆଗକୁ ଯାହା ହେବ, ତାହା ନିଶ୍ଚୟ ଭଲ ହେବ।

## ଚାଷୀଙ୍କୁ ଧୋକା

ଆମ ରାଜ୍ୟର ଚାଷୀଙ୍କ ଦୁଃଖ ଦିନକୁ ଦିନ ବଢ଼ିବାରେ ଲାଗିଛି। ବୋନସ ଓ ରିହାତି ଘୋଷଣା କାର୍ଯ୍ୟକାରିତାରେ ଯେ ଏତେ ବ୍ୟବଧାନ ତାହା ବୁଝିବା ବେଳକୁ ସେମାନେ କରଜରେ ବୁଡ଼ିଗଲେଣି। ବ୍ୟବସ୍ଥାଗତ ପେଞ୍ଚରୁ ମୁକୁଳି ସୁବିଧା ହାସଲ କରିବା ସେଭଳି ସହଜ ନୁହେଁ। ତେଣିକି ସେ ଧାନ ଚାଷୀ ହେଉକି କପା ଚାଷୀ କେହି ଭଲରେ ନାହାନ୍ତି। ଏବେ ଦୁଗ୍ଧଚାଷୀଙ୍କ ଦୁଃଖ ବୁକେଇ ପଡ଼ିଛି। ସମସ୍ତଙ୍କୁ ଏବେ ଋଣବୋଝ ନୟାନ୍ତ କରିଛି। ପରିଲକ୍ଷିତ ସଂକଟ ଦୂର କରିବାରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ନପାଇଲେ ସେମାନଙ୍କ ସଂସାର ଉଚ୍ଛନ୍ନ ହୋଇଯିବ। ତେଣିକି ଯାହା ଉପୁଜିବ ସେ ସଂପର୍କରେ ଆଗୁଆ କିଛି ମତାମତ ନଦେବା ଭଲ।

ସମନ୍ୱୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମନେ ହେଉଥିଲା, ଧାନ ସଂଗ୍ରହରେ ପରିଲକ୍ଷିତ ସମସ୍ୟା ଶୀଘ୍ର ଦୂର ହୋଇଯିବ। ମଣ୍ଡି ଓ ମିଲରଙ୍କୁ ନେଇ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ଅପରିବର୍ତ୍ତିତ ରହିଥିବାରୁ ସ୍ୱାଭାବିକ ଭାବେ ଚାଷୀ ଆନ୍ଦୋଳନ କରିବାକୁ ସଜବାଜ ହେଲେଣି। ବିଭିନ୍ନ ଜିଲ୍ଲାରେ ରାସ୍ତା ଅବରୋଧଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରରେ ବିକ୍ଷୋଭ ସରକାରଙ୍କୁ ଅଡୁଆରେ ପକାଇଛି। ଘଟଣାକ୍ରମଠାରୁ ନିଜକୁ ଦୂରେଇ ରଖି କର୍ତ୍ତୃପକ୍ଷ ସରକାରଙ୍କୁ ତ୍ରୁଟିପୂର୍ଣ୍ଣ ତଥ୍ୟ ଦେଇଥିବାରୁ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗିଡ଼ିବା ଆରମ୍ଭ କରିଛି। ସରକାରଙ୍କ ପକ୍ଷରୁ ପାଲଟା ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ଦୁଇପକ୍ଷ ଏବେ ମୁହାଁମୁହିଁ ଅବସ୍ଥାକୁ ଆସିଯାଇଛନ୍ତି। ଧାନ ବିକ୍ରି ପାଇଁ ଯେଉଁ ଚାଷ ଜମିକୁ ଦର୍ଶାଇ ଚାଷୀ ପଞ୍ଜୀକରଣ କରିଛନ୍ତି ତାହାର ଯାଞ୍ଚ ସକାଶେ ସମବାୟ ବିଭାଗ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଥ୍ୟା ସତ୍ୟପାଠ କ୍ଷେତ୍ରରେ ଚାଷୀଙ୍କ ନାମରେ ପଞ୍ଚାୟତ କାନ୍ଥରେ ନୋଟିସ ଲାଗିବ ବୋଲି ଚେତାବନୀ ଦିଆଯାଇଛି। କିନ୍ତୁ ଆମର ଏଠାରେ କହିବାର କଥା ହେଲା, ଜାଲିଆତି ଯାଞ୍ଚ ନାଁରେ ଧାନ ସଂଗ୍ରହକୁ ବିଳମ୍ବିତ କରାନଯାଉ। ଆଗ କାମକୁ ପଛରେ ପକାଇ ରାଗ ସାଧିବାର ସମୟ ଇଏ ନୁହେଁ। ସରକାର ଧାନ କିଣିବେ, ଅନୁଦାନ ବାଣ୍ଟୁ ନାହାନ୍ତି, ତେବେ ଏତେ ହରବର କାହିଁକି? ଏହା ପଛକୁ କପାଚାଷୀଙ୍କ ଦୁର୍ଦ୍ଦଶା କହିଲେ ନସରେ। ବିକଳ୍ପ ଚାଷକୁ ପ୍ରୋତ୍ସାହନ ଦେଇ ରାୟଗଡ଼ା ବାଲାଙ୍ଗୀର ଓ କଳାହାଣ୍ଡି ଭଳି ଜିଲ୍ଲାରେ କପା ଚାଷକୁ ପ୍ରୋତ୍ସାହନ ଦିଆଯାଇଥିଲା। ଧଳା ସୁନା ରୂପେ ପରିଚିତ କପାଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଲା, ଭାରତୀୟ କପା ନିଗମ ନିମ୍ନମାନର କପାଦର୍ଶାଇ ଚାଷୀଙ୍କଠାରୁ କିଣୁନଥିବାରୁ ସେମାନଙ୍କ ଦୁଃଖ ବଢ଼ିଯାଇଛି। ଯେତେଦୂର ମନେ ହୁଏ, ନିଗମ ଓ ଘରୋଇ ଦଲାଲଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ ସରକାରୀ ଦର କୁଇଣ୍ଟାଲ ପିଛା ୮୧୧୦ ଟଙ୍କା ବଦଳରେ ଅଞ୍ଚଳରେ ପଇଁତରା ମାରୁଥିବା ଦଲାଲଙ୍କୁ ୬,୫୦୦ଟଙ୍କାରେ ଚାଷୀ ବିକିବାକୁ ବାଧ୍ୟ ହେଲେ। ଏକ୍ଷେତ୍ରରେ ରାଜ୍ୟ ସରକାର ହସ୍ତକ୍ଷେପ ନକଲେ କପା ଚାଷୀଙ୍କ ଭେଳା ବୁଡ଼ିଯିବ। ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ବଳଦେବା ସକାଶେ ସରକାର ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନା। ରିହାତି ମିଳିବା ଆଶାରେ ଚାଷୀ ସବୁ ସର୍ତ୍ତପୂରଣ କରି କାର୍ଯ୍ୟାରମ୍ଭ କରିଦେଲେ। ହେଲେ ରିହାତି ଅର୍ଥ ସେମିତି ଅଟକି ରହିଛି। ଚାଷୀ ଋଣ ବାବଦରେ ବ୍ୟାଙ୍କକୁ ସୁଧଦେଇ ଚାଲିଛନ୍ତି। ଶେଷରେ ଚାଷୀ ଗାଇ ବିକି ଋଣ ସୁଝିବାକୁ ବାଧ୍ୟ ହେବ।

ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ଜଣେ ନୋଡାଲ ଅଧିକାରୀଙ୍କ ମାଧ୍ୟମରେ ତାହାର କାର୍ଯ୍ୟକାରିତା ପ୍ରତି ସରକାର ଧ୍ୟାନ ଦେବା ଉଚିତ। ଏକ୍ଷେତ୍ରରେ କିନ୍ତୁ ତ୍ରୁଟିବିଚ୍ୟୁତି ହେଲେ ସବୁ ପ୍ରଶଂସା ଶେଷରେ ନିନ୍ଦାରେ ପରିଣତ ହେବ।

## ଓଡ଼ିଶାରେ 'ଜୀ ରାମ ଜୀ': କାର୍ଯ୍ୟାନ୍ୱୟନ ଓ ଆହ୍ୱାନ

ଜିତେନ୍ଦ୍ର ରଥ

ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) - 'ଜୀ ରାମ୍ ଜୀ' ଡିସେମ୍ବର ୨୧ ତାରିଖରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇ ଆଇନରେ ପରିଣତ ହୋଇଛି। ଏହାଦ୍ୱାରା ପ୍ରାୟ ଦୁଇଦଶନ୍ଧି ଧରି ଗ୍ରାମାଞ୍ଚଳର ଶ୍ରମିକମାନଙ୍କର ରୋଜଗାର ଅଧିକାରକୁ ସୁରକ୍ଷିତ କରୁଥିବା 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ' - 'ଏମ୍‌ନରେଗା' ଆଇନ ଇତିହାସ ପାଲଟିଛି। ଏହାକୁ ନେଇ ଦେଶସାରା ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ 'ଜୀ ରାମ୍ ଜୀ' ଏକ ଦୂରଦର୍ଶୀ ପଦକ୍ଷେପ ଏବଂ ଏହାଦ୍ୱାରା ଗ୍ରାମୀଣ ଭିତ୍ତିଭୂମି ବିକାଶ, ଆୟ ସୁରକ୍ଷା ସହ ସରକାରୀ ଉତ୍ତରଦାୟିତ୍ୱକୁ ପୂର୍ବ ଆଇନଠାରୁ ଅଧିକ ବଢ଼ାଇବ ବୋଲି ସରକାର ଓ ସପକ୍ଷବାଦୀମାନେ ମତ ଦେଉଥିବା ବେଳେ ରୋଜଗାର ଆଇନ ପାଇଁ ଲଢ଼ିଥିବା ବିଭିନ୍ନ ସାମାଜିକ ସଂଗଠନ ଓ ପ୍ରମୁଖ ବିରୋଧୀ ଦଳ ଏହାକୁ ମୂଳ ରୋଜଗାର ଗ୍ୟାରେଣ୍ଟିର ପରିପନ୍ଥୀ ବୋଲି ଦର୍ଶାଇଛନ୍ତି। ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ଏବଂ ଜଣେ ଶ୍ରମିକର କାମ ପାଇଁ ଦାବି କରିପାରୁଥିବାର ଅଧିକାରକୁ ଖୁବ ବିଚକ୍ଷଣତାର ସହ ନୂଆ ଆଇନରେ ପରିବର୍ତ୍ତନ କରିବାକୁ ନେଇ ମଧ୍ୟ ଅଭିଯୋଗ ହୋଇଛି। ଉଭୟ ସପକ୍ଷ ଓ ବିପକ୍ଷରେ ହେଉଥିବା ଏହି ଚର୍ଚ୍ଚାରୁ ଟିକେ ହଟି ଆମ ରାଜ୍ୟ ସନ୍ଦର୍ଭରେ ଏହାକୁ ଦେଖାଯିବାର ଆବଶ୍ୟକତା ରହିଛି।

ଯଦି ଏମ୍‌ନରେଗା ଆଇନକୁ ଦେଖାଯାଏ, ତେବେ ଏହା ଅନ୍ତର୍ଗତ ସମଗ୍ର ଭାରତ ବର୍ଷର ପ୍ରାୟ ୧୨ କୋଟି ୧୬ ଲକ୍ଷ ଶ୍ରମିକ ରହିଛନ୍ତି। ଆମ ରାଜ୍ୟରେ ଏହି ସଂଖ୍ୟା ପ୍ରାୟ ୧ କୋଟ ୯ ଲକ୍ଷ। ଅର୍ଥାତ ପ୍ରାୟ ୯ ପ୍ରତିଶତ ଶ୍ରମିକ ଓଡ଼ିଶାର ଏବଂ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୭ ପ୍ରତିଶତ ଲୋକ ଏହି ଆଇନ ମାଧ୍ୟମରେ ସୃଷ୍ଟି ହେଉଥିବା ରୋଜଗାର ଉପରେ ନିର୍ଭରଶୀଳ। ଏ ପରିସ୍ଥିତିରେ ଏକ ନୂତନ ଆଇନ ରାଜ୍ୟରେ କିଭଳି କାର୍ଯ୍ୟକାରୀ ହେବ ରାଜ୍ୟ ଏଥିପାଇଁ କେତେଦୂର ପ୍ରସ୍ତୁତ, ତାହା ଦେଖିବାର ଆବଶ୍ୟକତା ରହିଛି। ଏମ୍‌ନରେଗା ଅନ୍ତର୍ଗତ ପ୍ରତ୍ୟେକ ଶ୍ରମିକ ପରିବାର ୧୦୦ ଦିନ କାମ ପାଇବା ପାଇଁ ହକଦାର ଥିଲେ। ନୂତନ ଆଇନରେ ସରକାର ଏହାକୁ ବଢ଼ାଇ ୧୨୫ ଦିନ କରିଛନ୍ତି। ଆମ ରାଜ୍ୟରେ ପୁରୁଣା ଆଇନର କାର୍ଯ୍ୟାନ୍ୱୟନ ଅଭିଜ୍ଞତା ଆଧାରରେ ନୂଆ ଆଇନ କିପରି ଭାବେ କାର୍ଯ୍ୟ କରିବ, ତାହାର ଏକ ପୂର୍ବାନୁମାନ କରାଯାଇପାରେ।

ରାଜ୍ୟରେ ପ୍ରାୟ ୬୭ ଲକ୍ଷ ପରିବାର ପାଖରେ ଏହି ଆଇନ ଅନ୍ତର୍ଗତ କର୍ମନିଯୁକ୍ତି କାର୍ଡ ରହିଛି। ଯଦି ବିଗତ ପାଞ୍ଚ ବର୍ଷର ତଥ୍ୟକୁ ଦେଖାଯାଏ ତେବେ ହାରାହାରି ବାର୍ଷିକ କେବଳ ୫ ପ୍ରତିଶତ ପରିବାର ହିଁ ୧୦୦ ଦିନର କାର୍ଯ୍ୟ କରିପାରିଛନ୍ତି। ୨୦୨୧-୨୨ରେ ଏହି ସଂଖ୍ୟା ୪.୫୭ ଲକ୍ଷ ଥିବା ବେଳେ ୨୦୨୨-୨୩ରେ ୪.୧୬ ଲକ୍ଷ, ୨୦୨୩-୨୪ରେ ୩.୩୯ ଲକ୍ଷ ଓ ୨୦୨୪-୨୫ରେ ମାତ୍ର ୨ ଲକ୍ଷ ପରିବାର ସମ୍ପୂର୍ଣ୍ଣ ୧୦୦ଦିନ କାର୍ଯ୍ୟ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷର ଅର୍ଦ୍ଧାଧିକ ସମୟ ଅତିବାହିତ ହୋଇଥିଲେ ମଧ୍ୟ ମାତ୍ର ୯୫ ହଜାର ପରିବାର ୧୦୦ଦିନର କାର୍ଯ୍ୟ କରିଛନ୍ତି। ଦ୍ୱିତୀୟରେ, ପରିବାର ପିଛା ହାରାହାରି କାର୍ଯ୍ୟଦିବସ ଧାର୍ଯ୍ୟ ଅଧିକାରଠାରୁ ଅନେକ ତଳେ ରହିଛି। ୨୦୨୧-୨୨ରେ ଏହା ବାର୍ଷିକ ପ୍ରାୟ ୫୭ ଦିନ, ୨୦୨୨-୨୩ରେ ୫୫ ଦିନ, ୨୦୨୩-୨୪ରେ ୫୬ ଦିନ ଓ ୨୦୨୪-୨୫ରେ ମାତ୍ର ୫୧ ଦିନ ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ଆମେ ରାଜ୍ୟରେ ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କୁ ସମ୍ପୂର୍ଣ୍ଣ ୧୦୦ଦିନର କାର୍ଯ୍ୟ ଯୋଗାଇବାରେ ସଫଳ ହୋଇ ପାରିନାହୁଁ ଏବଂ ପରିବାର ପିଛା ହାରାହାରି କାର୍ଯ୍ୟ ଦିବସ ୬୦ ଦିନ ମଧ୍ୟ ଛୁଇଁ ପାରିନି। ରାଜ୍ୟ ସରକାର ଦାଦନପ୍ରବଣ ପ୍ରାୟ ୩୦ ଗୋଟି ବ୍ଲକରେ ପ୍ରଥମେ ୨୦୦ ଦିନ ଏବଂ ବର୍ତ୍ତମାନ ୩୦୦ ଦିନ କାର୍ଯ୍ୟ ଦିବସ ଧାର୍ଯ୍ୟ କରିଥିଲେ ମଧ୍ୟ ସେହି ଅଞ୍ଚଳରେ ମୋଟାମୋଟି ସ୍ଥିତି ଭିନ୍ନ ନୁହେଁ। ଏହାର ଅର୍ଥ ଆମ କାର୍ଯ୍ୟାନ୍ୱୟନ ବ୍ୟବସ୍ଥାରେ ଏମିତି କିଛି ସମସ୍ୟା ଅଛି, ଯାହାକୁ ସଜାଡ଼ିବା ବିନା ନୂତନ ଆଇନ ଅନ୍ତର୍ଗତ ୧୨୫ ଦିନର କାର୍ଯ୍ୟ ପ୍ରତିଶ୍ରୁତିର ପ୍ରତିଫଳନ କେବେ ବି ସହଜ ହେବନାହିଁ।

ଏବେ ଫେରିବା ଆଇନ କାର୍ଯ୍ୟାନ୍ୱୟନର ଆଉ ଏକ ମୌଳିକ ପ୍ରସଙ୍ଗକୁ। ତାହା ହେଉଛି ଏହାର କାର୍ଯ୍ୟକାରିତା ପାଇଁ ଧାର୍ଯ୍ୟ ହେଉଥିବା ଅର୍ଥରାଶି। ଏମ୍‌ନରେଗା ଆଇନର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାର ବଡ଼ ଆର୍ଥିକ ଭାର ନେଉଥିଲେ। ଅଣକୁଶଳୀ ଶ୍ରମିକ ମଜୁରୀର ଶତପ୍ରତିଶତ କେନ୍ଦ୍ର ସରକାର ବହନ କରୁଥିବା ବେଳେ ଅନ୍ୟ ଉପାଦାନ ଯଥା କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ, କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ, ପ୍ରଶାସନିକ ଖର୍ଚ୍ଚ ଓ ଟିକସ ଆଦିର ୭୫ ପ୍ରତିଶତ କେନ୍ଦ୍ର ସରକାର ବହନ କରୁଥିଲେ। ଏହା ଫଳରେ ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ଭାର କମ ରହୁଥିଲା। ନୂତନ ଆଇନରେ ସରକାର ଏହି ଅନୁପାତରେ ପରିବର୍ତ୍ତନ କରିଛନ୍ତି।

'ଜୀ ରାମ୍ ଜୀ' କାର୍ଯ୍ୟକାରିତା ପାଇଁ ପ୍ରତ୍ୟେକ ଉପାଦାନଗୁଡ଼ିକରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ପ୍ରଦାନ କରିବେ। ଅର୍ଥାତ, ରାଜ୍ୟ ସରକାରଙ୍କ ଉପରେ ଏହା ନିଶ୍ଚିତ ଭାବରେ ଏକ ଅତିରିକ୍ତ ବୋଝ ସୃଷ୍ଟି କରିବ। ଗୋଟିଏ ଆର୍ଥିକ ବର୍ଷକୁ ଉଦାହରଣ ଭାବେ ଧରି ଆମ ରାଜ୍ୟ ଉପରେ ପଡ଼ିବାକୁ ଥିବା ଅତିରିକ୍ତ ଭାରକୁ ବୁଝା ଯାଇପାରେ। ୨୦୨୪-୨୫ ଆର୍ଥିକ ବର୍ଷରେ ଏମ୍‌ନରେଗା ଆଇନ ପାଇଁ ରାଜ୍ୟରେ ପ୍ରାୟ ୪, ୬୩୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏଥିରେ ପ୍ରାୟ ୩, ୧୮୬ କୋଟି ଟଙ୍କା ଅଣକୁଶଳୀ ଶ୍ରମିକଙ୍କ ମଜୁରୀରେ ଖର୍ଚ୍ଚ ହୋଇଥିଲା। ଏହା ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ସରକାର ବହନ କରିଥିଲେ। ଅନ୍ୟ ଉପାଦାନଗୁଡ଼ିକରେ ୨୫ ପ୍ରତିଶତ ଅବଦାନ ହିସାବରେ ରାଜ୍ୟସରକାର ମାତ୍ର ୩୪୧ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ଅର୍ଥାତ ଏମ୍‌ନରେଗା ଆଇନର କାର୍ଯ୍ୟାନ୍ୱୟନରେ ରାଜ୍ୟରେ ଖର୍ଚ୍ଚ ହୋଇଥିବା ସମ୍ପୂର୍ଣ୍ଣ ଅର୍ଥର ମାତ୍ର ୭ ପ୍ରତିଶତ ରାଜ୍ୟ ସରକାର ବହନ କରିଥିଲେ। ବିଗତ ଅନେକ ବର୍ଷ ଧରି ପାଖାପାଖି ଏହି ଧାରା ରହି ଆସୁଥିଲା।

ଯଦି ଏହି ଖର୍ଚ୍ଚକୁ ଆଧାର ହିସାବରେ ନେଇ ଆକଳନ କରାଯାଏ, ତେବେ ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ୪୦ ପ୍ରତିଶତ ହାରରେ ରାଜ୍ୟ ସରକାରଙ୍କୁ ଏବେ ପ୍ରାୟ ୧, ୨୭୪ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଉପାଦାନଗୁଡ଼ିକରେ ୪୦ ପ୍ରତିଶତ ହାରରେ ପ୍ରାୟ ୫୮୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ମୋଟାମୋଟି ଭାବେ ରାଜ୍ୟ ସରକାରଙ୍କୁ ୩୪୧ କୋଟି ସ୍ଥାନରେ ପ୍ରାୟ ୧, ୮୫୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ। ଏହାଛଡ଼ା ରାଜ୍ୟ ତରଫରୁ ଚାଲୁଥିବା ଅତିରିକ୍ତ କାର୍ଯ୍ୟଦିବସର ଭାର ମଧ୍ୟ ରହିବ। ସରକାରଙ୍କ ପାଇଁ ଏହା ଏକ ବଡ଼ ଅର୍ଥରାଶି ହୋଇ ନଥିଲେ ମଧ୍ୟ ଏହାକୁ ଯୋଗାଡ଼ କରିବା ଏତେ ସହଜ ହେବ ନାହିଁ। ଯଦି ସରକାର ଏହି ଅର୍ଥ ଠିକ୍‌ସମୟରେ ବରାଦ ନକରି ପାରନ୍ତି, ତେବେ ନୂତନ ରୋଜଗାର ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ।

ଏମ୍‌ନରେଗା ତୁଳନାରେ ନୂତନ ଆଇନରେ ଅନେକଗୁଡ଼ିଏ ମୌଳିକ ପରିବର୍ତ୍ତନ ହୋଇଥିବାରୁ ଏହାର କାର୍ଯ୍ୟାନ୍ୱୟନରେ ରାଜ୍ୟ ସରକାରଙ୍କ ସାମ୍ନାରେ କାର୍ଯ୍ୟ ଦିବସ ଓ ବଜେଟ ଛଡ଼ା ଆହୁରି ଅନେକଗୁଡ଼ିଏ ଆହ୍ୱାନ ଆସିବାର ସମ୍ଭାବନା ରହିଛି। ଆଇନ ପାରିତ ହେବାର ଛଅ ମାସ ମଧ୍ୟରେ ନିୟମ ତିଆରି କରିବା ଆବଶ୍ୟକ ଥିବାରୁ ରାଜ୍ୟ ସରକାର ଏହାକୁ ନେଇ କାର୍ଯ୍ୟରତ ବିଭିନ୍ନ ସାମାଜିକ ସଂଗଠନ, ଗବେଷଣା ସଂସ୍ଥା, ଶ୍ରମିକ ସଂଗଠନ ଆଦିଙ୍କ ସହ ଏକ ବ୍ୟାପକ ଆଲୋଚନା କରିବା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୯୩୭୦୦୮୪୩୧

## ନୂତନତା: ଏକ ଭିନ୍ନ ଦୃଷ୍ଟିକୋଣ

ଡ. ଆଭାଞ୍ଜଳି ଶତପଥୀ

ନୂତନ ଓ ପୁରାତନ ହେଲା ମଣିଷ ନିର୍ମିତ ଶବ୍ଦକୋଷର ଏକ ବିଶେଷଣ ମାତ୍ର, ଯାହା ସେହି ଚିରନ୍ତନ ସତ୍ୟ ଓ ଶାଶ୍ୱତ ସମୟ ସହ ସଂଶ୍ଳିଷ୍ଟ। ପୁରାତନ ଓ ନୂତନ ଶବ୍ଦ ତ ମଣିଷ ଦ୍ୱାରା ନିର୍ମିତ କିଛି ସଂଜ୍ଞା ମାତ୍ର, ଯାହା ଚଳନ୍ତି ସମୟର ପ୍ରବାହରେ ଏକ ସୀମାରେଖା ଆଙ୍କିଥାଏ। ମଣିଷ ନିଜ ସୁବିଧା ଅନୁସାରେ ସେହି ଅଭଙ୍ଗା ସମୟକୁ ମୁହୂର୍ତ୍ତ, ଦିନ, ମାସ ଓ ବର୍ଷର ସଂଜ୍ଞାରେ ବିଭକ୍ତ କରିଥାଏ। ବିଗତ ମୁହୂର୍ତ୍ତର ସମାପ୍ତିରେ ଏକ ନୂତନ ମୁହୂର୍ତ୍ତର ଆରମ୍ଭ ହୁଏ; ଠିକ୍ ସେମିତି ବିଗତ ଦିନ, ମାସ ଓ ବର୍ଷର ଅନ୍ତରେ ନୂତନର ପ୍ରାରମ୍ଭ ହୋଇଥାଏ। ଯଦି ସମୟକୁ ଆମେ ସାଗର କହିବା, ତେବେ ନୂତନ ଓ ପୁରାତନ ବର୍ଷ ହେଲା ସେହି ସାଗରର ତରଙ୍ଗମାଳା, ଯାହା ସାଗରରେ ଜନ୍ମ ନେଇ ପୁଣି ସେହି ସାଗରରେ ହିଁ ବିଲୀନ ହୋଇଯାଏ।

ଏହି ନୂତନ ଓ ପୁରାତନ ଶବ୍ଦ କ'ଣ କେବଳ ଭାଷାର ଅଭିବୃଦ୍ଧିରେ ସୀମିତ? ନା, ଏହା ଜୀବନ ଦର୍ଶନ ପାଇଁ ଏକ ମହାର୍ଘ ତଥ୍ୟ। ଏହି ଶବ୍ଦଗୁଡ଼ିକ କେବଳ ବିପରୀତମୁଖୀ ନୁହନ୍ତି, ବରଂ ପରସ୍ପରର ଅନୁପୂରକ। ଏହି ପ୍ରସଙ୍ଗକୁ ବିଭିନ୍ନ ପରିପ୍ରେକ୍ଷୀ ଓ ଦୃଷ୍ଟିକୋଣରୁ ଆଲୋଚନା କରାଯାଇପାରେ। ସାଂସାରିକ ଦୃଷ୍ଟିକୋଣରୁ ଦେଖିଲେ 'ନୂତନତା' ହେଉଛି ଏକ ଆଶା, ଉତ୍ସାହ ଓ ଉନ୍ମାଦନା। କୁହାଯାଏ ଯେ, ପୁରାତନ ଯେତେ ଆକର୍ଷଣୀୟ ହୋଇଥିଲେ ମଧ୍ୟ ତାହା 'ନୂତନ'ର ସ୍ଥାନ ନେଇପାରିବ ନାହିଁ। କାରଣ ନୂତନତା ମଧ୍ୟରେ ଥାଏ ଏକ ଅଜଣା ଉଦ୍‌ବେଗ ଓ ଆକର୍ଷଣ। ଉଦାହରଣ ସ୍ୱରୂପ ନୂତନ ବସ୍ତ୍ର, ନୂତନ ଗୃହ, ନୂତନ ବନ୍ଧୁ, ନୂତନ କାର୍ଯ୍ୟ, ନୂତନ ପରିବେଶ ଓ ନୂତନ ବର୍ଷର ନବୀନତା ମଣିଷକୁ ଆନନ୍ଦିତ କରିବା ସହ ଅନେକ ଆବେଗ ଭରିଦେଇଥାଏ।

ନବୀନତାକୁ ଅଭିନନ୍ଦନ ଜଣାଇବାର ପ୍ରକ୍ରିୟା ମଧ୍ୟ ଅନନ୍ୟ। ଯେପରି ଏକ ନୂତନ ଗୃହକୁ ସ୍ୱାଗତ କଲା ବେଳେ ଦେବତାଙ୍କୁ ଆରାଧନା, ଗୃହ ପ୍ରତିଷ୍ଠା ଓ ସମଷ୍ଟି ଭୋଜନର ଆୟୋଜନ କରାଯାଏ; କିନ୍ତୁ ସେହି ନୂଆ ଘରେ ପୁରୁଣା ଆସବାବପତ୍ର ବ୍ୟବହାର ନ କରିବା ପାଇଁ କୌଣସି ନିୟମ ନଥାଏ। ସେହିପରି ନୂତନ ବର୍ଷକୁ ସ୍ୱାଗତ କଲାବେଳେ ସାରା ବିଶ୍ୱରେ ମହୋତ୍ସବର ପରିବେଶ ସୃଷ୍ଟି ହୁଏ। କେଉଁଠି ରଙ୍ଗବେରଙ୍ଗର ଆଲୋକ ଓ ନୃତ୍ୟ-ଗୀତର ଉଲ୍ଲାସ ତ କେଉଁଠି ସାଂସ୍କୃତିକ ସଭାର ସମ୍ଭାର। କେଉଁଠି ବଣଭୋଜି ଓ ବନ୍ଧୁମିଳନର ଆସର ଜମେ ତ ପୁଣି କେହି କେହି ଦୀପ ଜାଳି ଓ ମନ୍ଦିର ଦର୍ଶନ କରି ଜୀବନକୁ ଶୃଙ୍ଖଳିତ କରିବାର ଶପଥ ନିଅନ୍ତି। ତେବେ ନବବର୍ଷର କିଛିଦିନ ଅତିକ୍ରମ କରିବା ପରେ ସେହି ଉଲ୍ଲାସ ଓ ଉନ୍ମାଦନା ଧୀରେ ଧୀରେ ହ୍ରାସ ପାଇଥାଏ। ଆମେ ନୂତନ ବର୍ଷର ଶପଥକୁ ଭୁଲିଯାଉ ଏବଂ ପୁରାତନ ବର୍ଷର ସ୍ମୃତି ବନ୍ଧନରୁ ମୁକ୍ତି ପାଇପାରୁ ନାହିଁ। ବିଗତ ଦିନର ସ୍ମୃତିରେ ବୁଡ଼ି ରହି ବର୍ତ୍ତମାନର ନୂତନତାକୁ ଅଣଦେଖା କରିଦେଉ। ଫଳରେ ନୂତନତାର ମାଦକତା କ୍ଷଣଭଙ୍ଗୁର ହୋଇଯାଏ। ଏଠାରେ 'ନୂତନ' ଶବ୍ଦଟି କେବଳ ଏକ ଉତ୍ସବର ଉନ୍ମାଦନା ହୋଇ ରହିଯାଏ।

ବୌଦ୍ଧିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନୂତନର ଅର୍ଥ କ'ଣ କେବଳ ଉତ୍ସାହ ଓ ଉତ୍ସବର ଉନ୍ମାଦନା? ନୂତନର ସ୍ଥିତି କ'ଣ ସାମୟିକ? ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କଲେ 'ନୂତନ' ଶବ୍ଦରେ ବୌଦ୍ଧିକ ଗାମ୍ଭୀର୍ଯ୍ୟ ରହିଛି। ଏହା କେବଳ ଉତ୍ସାହ ଓ ଉଲ୍ଲାସ ନୁହେଁ, ବରଂ ଏକ ସୁସ୍ଥ ଓ ସୁନ୍ଦର ଜୀବନଚର୍ଯ୍ୟାର ମହାନ ଉପାଦାନ। ନୂତନର ପ୍ରକୃତ ଅର୍ଥ ହେଲା ବିଗତକୁ ସମ୍ପୂର୍ଣ୍ଣ ଭାବେ ପରିତ୍ୟାଗ କରି ଜୀବନର ଏକ ନୂଆ ପର୍ଯ୍ୟାୟକୁ ଉନ୍ମେଷ କରିବା। ବିଗତ ବର୍ଷ, ଦିନ ଓ ମୁହୂର୍ତ୍ତର ନକାରାତ୍ମକ ଭାବନାକୁ ତ୍ୟାଗ କରିବା ମଧ୍ୟରେ ହିଁ ନୂତନତାର ସ୍ୱର୍ଶ ରହିଛି। ଗ୍ଳାନି, ଅବସାଦ, ଦୁଃଖ, ବିଷାଦ ଓ ମାନ-ଅଭିମାନ ପରି ନକାରାତ୍ମକ ଚିନ୍ତାଧାରାକୁ ପରିତ୍ୟାଗ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଯେପରି ନୂତନ ବସ୍ତ୍ର ପରିଧାନ କଲା ପରେ ଅନାବଶ୍ୟକ ପୁରୁଣା ବସ୍ତ୍ରକୁ ସାଇତି ନ ରଖି ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରାଯାଏ, ଏଠାରେ ସେହି 'ପରିତ୍ୟାଗ'ର ବିଶେଷ ମର୍ମ ରହିଛି।

'ଗତସ୍ୟ ଶୋଚନମ୍ ନାସ୍ତି'। ଜ୍ଞାନୀମାନେ ଅତୀତକୁ ନେଇ ଅନୁଶୋଚନା କରନ୍ତି ନାହିଁ। ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି: 'ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ। ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ?' ଅର୍ଥାତ୍ ଯେଉଁ ପୁରୁଣା ସ୍ମୃତି ଆମକୁ କଷ୍ଟ ଦେଉଛି, ତା'କୁ ପୂର୍ଣ୍ଣାହୁତି ଦେଇ ବିଷାଦର ଅନୁଭୂତିକୁ ଅନ୍ତ କରି ଆଗକୁ ବଢ଼ିବା ହିଁ ଶ୍ରେଷ୍ଠ ବୌଦ୍ଧିକ ବିଚାର। ନୂତନତାର ଆଉ ଏକ ଅଙ୍ଗ ହେଲା ପ୍ରତିଟି ମୁହୂର୍ତ୍ତକୁ 'ବର୍ତ୍ତମାନ' ସହ ସଂଯୋଗ କରିବା। ପ୍ରତିଟି ବର୍ତ୍ତମାନରେ ନବୀନତା ଉପଲବ୍ଧି କରିବା ଏବଂ ତାକୁ ଚିରସ୍ଥାୟୀ କରିବାର ପ୍ରୟାସ କରିବା। ଅତୀତର ଅନୁଭୂତି ନିଶ୍ଚିତ ଭାବେ ସ୍ମରଣୀୟ ଏବଂ ଶିକ୍ଷଣୀୟ, କିନ୍ତୁ ଅତୀତରେ ବୁଡ଼ି ରହିବା ଅର୍ଥ ହେଉଛି ବର୍ତ୍ତମାନର ନୂତନତାକୁ ଅଣଦେଖା କରିବା। ଆମେ ପ୍ରତି ମୁହୂର୍ତ୍ତକୁ ବର୍ତ୍ତମାନରେ ସଜେଇ ପାରିବା ଏବଂ ବର୍ତ୍ତମାନ ସହ ସଦା ସଂଶ୍ଳିଷ୍ଟ ହୋଇ ରହିପାରିବା।

ପୁଣି ନୂତନର ଅନ୍ୟ ଏକ ଅର୍ଥ ହେଉଛି ଜୀବନର ପ୍ରତି ମୁହୂର୍ତ୍ତକୁ ଏକ ସକାରାତ୍ମକ ଭାବରେ ପରିପୋଷିତ କରିବା। ସକାରାତ୍ମକ ଭାବର ଉନ୍ମେଷରେ ହିଁ ପ୍ରତିଟି ମୁହୂର୍ତ୍ତ ନୂତନ ହୋଇପାରିବ। ଆମ ପାଇଁ ବିଗତ ସମୟ ସୁଖ-ଦୁଃଖର ଏକ ମିଶ୍ରିତ ଅନୁଭୂତି। ଇତିହାସର ପୃଷ୍ଠାରେ ଏହି କାଳଖଣ୍ଡ ଏକ ସ୍ମୃତି ହୋଇ ରହିଯିବ। ଆମ ଜୀବନ, ଜୀବିକା, ସମାଜ ଓ ସଂସ୍କୃତିରେ ଅନେକ ପରିବର୍ତ୍ତନ ଆସିଛି, ଯେଉଁଥିରେ କିଛି ମଧୁସ୍ମୃତି ଅଛି ତ କିଛି ବିଷାଦ। ତେବେ ମଧୁସ୍ମୃତିରେ ଅତ୍ୟଧିକ ହଜିଗଲେ ନୂତନତା ହଜିଯିବାର ଭୟ ଥାଏ; ତେଣୁ ସେହି ସ୍ମୃତିକୁ କେବଳ ପ୍ରେରଣା ଭାବେ ଗ୍ରହଣ କରି ବର୍ତ୍ତମାନକୁ ସକାରାତ୍ମକତାରେ ଭରିବାକୁ ହେବ। ବିଷାଦପୂର୍ଣ୍ଣ ସ୍ମୃତି ମନରେ ଭୟ ଓ ଅସହାୟତା ଆଣିଥାଏ ସତ, କିନ୍ତୁ ସକାରାତ୍ମକ ଦୃଷ୍ଟିକୋଣ ହିଁ ଏହାର ଏକମାତ୍ର ପ୍ରତିଷେଧକ।

'ଚରୈବେତି' ସମୟ ପରି ଆମ ସୁଖ-ଦୁଃଖର ମିଶ୍ରଣରେ ଜୀବନଯାତ୍ରା ଏକ ନିରନ୍ତର ଚକ୍ର। ଦୁଃଖ ସମୟରେ ମଧ୍ୟ ମନରେ ସକାରାତ୍ମକ ଭାବ ଆଣିବାକୁ ହେବ। ଗୀତାର ବ୍ୟାଖ୍ୟା ଅନୁସାରେ, ବିଷାଦ ଭିତରୁ ହିଁ ଜୀବନ ଦର୍ଶନର ଉତ୍ପତ୍ତି ହୋଇଥାଏ। ଅର୍ଜୁନଙ୍କ ବିଷାଦରୁ ହିଁ ଗୀତାର ଅମୃତ ବାଣୀ ସୃଷ୍ଟି ହୋଇଥିଲା। ନକାରାତ୍ମକ ବିଷାଦରୁ ଅର୍ଜୁନ ସକାରାତ୍ମକ 'ପ୍ରସାଦ'ରେ ରୂପାନ୍ତରିତ ହୋଇଥିଲେ। ସମାଜରେ ବ୍ୟାପିଥିବା ଦୁଃଖକୁ ଆମେ ଅର୍ଜୁନଙ୍କ ବିଷାଦ ସଦୃଶ ଗ୍ରହଣ କରି ତା'କୁ ସକାରାତ୍ମକ ଭାବନାରେ ପରିଣତ କରିପାରିବା। ସେହି ସକାରାତ୍ମକ ଭାବ ନେଇ ନୂତନ ବର୍ଷକୁ ଅଭିନନ୍ଦନ କଲେ ଜଗତବାସୀଙ୍କ ହୃଦୟ ସଦା ନୂତନତ୍ୱରେ ଉଜ୍ଜୀବିତ ରହିପାରିବ।

ଚେନ୍ନାଇ, ମୋ: ୯୮୮୪୧୪୪୯୮୧

## ଦୁଃସାହସିକ ଅଭିସାର: କବି ଖଗେଶ୍ୱର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଆମେ ସିନା ବାଗଦେବୀ ମା' ସରସ୍ୱତୀଙ୍କ ସୁଗଠିତ କଳେବର ନିର୍ମାଣ କରି ପୂଜା ମଣ୍ଡପରେ ପ୍ରତିଷ୍ଠା କରୁ। ତେଣେ ଦେବୀସତ୍ତା ଯେ କେତେବେଳେ କି ରୂପରେ କେଉଁଠିକୁ ଅବତରଣ କରି ଆସନ୍ତି ସେଇ ରହସ୍ୟ ଭେଦ କରିବାକୁ କିଏ ଅବା ସମର୍ଥ! ବରଗଡ଼ ଜିଲ୍ଲାର ସରସରା ଗ୍ରାମକୁ ଦିନେ ଓହ୍ଲାଇ ଆସନ୍ତି ଅଶିକ୍ଷିତ ଖଗେଶ୍ୱର ଶେଠ ନାଁ ଧାରଣ କରି। କିସ ପୁଣି ଦେଖା ନଯାଏ ବଂଚିଥିଲେ ଜୀବରେ! କବିର ରୂପ ହୋଇପାରେ ଏତେ ସାଧାରଣ! ମୁଖମଣ୍ଡଳରେ କେତେ ଧୂକା-ଗରଡ଼ିର ଚିହ୍ନ। ଅପରିଚିତ ମୂଲିଆ ବେଶ। ଖଟିଖିଆ। ଦୁଃସ୍ଥ। ଜମିରେ ହଳ କରନ୍ତି, ଜଙ୍ଗଲରୁ କାଠ ହାଣି ମୁଣ୍ଡରେ ବୋହି ହାଟକୁ ଯାଆନ୍ତି ବିକିବାକୁ, ଲିଆ ମୁଢ଼ି ଭାଜି ବିକ୍ରି କରନ୍ତି। ପାଠ ଶାଠ କିଛି ନାହିଁ। ସେ ପୁଣି ଲେଖନ୍ତି କାବ୍ୟ କବିତା! ଭଞ୍ଜୀୟ ଶୈଳୀରୁ ଆରମ୍ଭ କରି ଗଙ୍ଗାଧରୀୟ ଶୈଳୀ - ସବୁଥିରେ ନିପୁଣ! ଲୋକଭାଷାରେ ଲେଖନ୍ତି 'ପଏର୍ଚ୍ଛା ସତୀ' ପରି କାବ୍ୟ! ତାଙ୍କରି ହାତରେ କଲମ ଧରି ଯିଏ ଲେଖି ଚାଲୁଛନ୍ତି ସେ ତ ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ ବର୍ଣ୍ଣିତା 'ଜ୍ୟୋତିର୍ମୟୀ'। ପୃଥିବୀରେ ନୂତନ ଆଲୋକ ବିକିରଣ ପାଇଁ ତାଙ୍କର ଏଇ ଧରାବତରଣ। ବହୁ ଶ୍ରେଷ୍ଠ ସମାଲୋଚକ ତାଙ୍କୁ ଗଙ୍ଗାଧରଙ୍କ ଦ୍ୱିତୀୟ ଅବତାର ବୋଲି ବର୍ଣ୍ଣନା କରିଛନ୍ତି। କିନ୍ତୁ ଖଗେଶ୍ୱର ନିଜେ ନିଜର ସ୍ୱତନ୍ତ୍ର ପରିଚୟ।

ଭାଷା, ବିଷୟ, ଛନ୍ଦ ଅନ୍ତରାଳରେ ପ୍ରବାହିତ ହେଉଥାଏ କବିପ୍ରତିଭାର ଯେଉଁ ନିଜସ୍ୱ ନିଃଶ୍ୱାସ ତାହାକୁ ଶୁଣିବାକୁ ହେଲେ ତାଙ୍କ ଛାତି ପାଖରେ କାନ ଲଗାଇ ରଖିବାକୁ ହେବ। 'ସମାଜ', 'ସୁରଙ୍ଗୀ', 'ବିଷାଦ ନିଶା', 'କାନନ ଯାତ୍ରା', 'ଚଉତିଶା ଚନ୍ଦ୍ରକଳା', 'ଚଇତ-ଅମାସ୍ୟା' ପ୍ରଭୃତି ଅନେକ କାବ୍ୟ କବିତାର ସ୍ରଷ୍ଟା ସେ। ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏକଦା ତାଙ୍କର ଗ୍ରନ୍ଥାବଳୀ ପ୍ରକାଶ କରିବାରୁ ଲୋକଲୋଚନକୁ ସେ ଆସିପାରିଥିଲେ। କବି ସମାଜର ନିମ୍ନବର୍ଗରେ ଥିଲେ ବି କାବ୍ୟ କବିତା ସାର୍ବଜନୀନ ହେବାରେ ହିଁ ସାର୍ଥକ ହୁଏ ବୋଲି ବର୍ଣ୍ଣନା କରନ୍ତି। ଗଙ୍ଗାଧରଙ୍କୁ ସ୍ମରଣ କରିବାକୁ ଯାଇ ଲେଖିଛନ୍ତି 'ତାହା ସିନା କାବ୍ୟ ଥାଏ ଯହିଁ ସାର୍ବଜନୀନ ଉପାଦେୟତା।'

ତାଙ୍କୁ ଯେଉଁ ଜୀବନ ପ୍ରାପ୍ତ ହୋଇଛି, ସେଥିରେ ତାଙ୍କର ନାହିଁ ଅଭିମାନ, ଅଭିଯୋଗ, ଅସନ୍ତୋଷ। ବରଂ ସମଗ୍ର ମାନବ ସମାଜର ହିତ ଚିନ୍ତନରେ ସେ ଭାବାବିଷ୍ଟ। ଏକ ସୁସ୍ଥ, ସୁନ୍ଦର, ସାମଞ୍ଜସ୍ୟଯୁକ୍ତ ସମାଜ ପାଇଁ ତାଙ୍କ ଦିଗଦର୍ଶନ ଏକାନ୍ତ ବାସ୍ତବବାଦୀ। ସମାଜରେ ଜାତି, ଧର୍ମ, ବର୍ଣ୍ଣର ଭେଦଭାବ ବିଷୟରେ ପ୍ରଶ୍ନ ପଚାରିବାର ସାହସିକତା ସେ ପ୍ରଦର୍ଶନ କରିଛନ୍ତି। ଏପରିକି ନବାବିବାହିତା ସୁକନ୍ୟା ପ୍ରତି ବି ସେ ଉଚ୍ଚାରଣ କରନ୍ତି ଉପଦେଶାତ୍ମକ ବାଣୀ। କାହାକୁ ସୁଦ୍ଧା ନ୍ୟୂନ ଦୃଷ୍ଟିରେ ନ ଦେଖିବା ପାଇଁ ସେ ଦିଅନ୍ତି ପରାମର୍ଶ। ଏକ ନିଶାମୁକ୍ତ ସମାଜ ନିର୍ମାଣ ପାଇଁ ପ୍ରକାଶିତ ହୋଇଛି ତାଙ୍କର ଉଦ୍‌ବେଗ। ଯେଉଁମାନେ ଗଣତନ୍ତ୍ର ନାମରେ ଭୋଟ ଭିକ୍ଷା କରନ୍ତି, ଅଥଚ କ୍ଷମତାର ଅଧିକାରୀ ହେବା ପରେ ଗଣବିରୋଧୀର ଭୂମିକାରେ ହୁଅନ୍ତି ଅବତୀର୍ଣ୍ଣ, ସେମାନଙ୍କ ପ୍ରତି ତୀକ୍ଷଣ ବକ୍ଷଭେଦୀ ବର୍ଚ୍ଛା ନିକ୍ଷେପ କରିଛନ୍ତି ସେ।

କାବ୍ୟ କବିତା ରଚନା ତାଙ୍କର କେବଳ ଚିତ୍ତବିନୋଦନ ନଥିଲା। କିମ୍ବା ନିଜସ୍ୱ ପ୍ରତିଭା ପ୍ରଦର୍ଶନ ପାଇଁ ସେ କେବଳ ଉତ୍ସୁକ ନଥିଲେ। ସାହିତ୍ୟ ଥିଲା ତାଙ୍କ ପାଇଁ ସମାଜ ପୁନର୍ଗଠନର ଆୟୁଧ। ଆତ୍ମଶୋଧନର ସତମାର୍ଗ। ପ୍ରକୃତରେ ସେ ଥିଲେ ପରମାରାଧ୍ୟା ବୀଣାପାଣିଙ୍କ ଏକ ସଚେତନ, ଶକ୍ତିଶାଳୀ, ସୁନିର୍ମିତ ଏକ ସଂଯନ୍ତ୍ର। ଯେତେବେଳେ ସିଧାସଳଖ ସରସ୍ୱତୀ କବି କଣ୍ଠରେ ବା କବିର କଲମରେ ଅଭିବ୍ୟକ୍ତ ହୋଇଉଠନ୍ତି ସେତେବେଳେ ନିର୍ଭୟରେ କବି ଲେଖନୀ ଚାଳନା କରନ୍ତି।

କବି ଖଗେଶ୍ୱର ଶେଠ ଜନ୍ମ ନେଲେ ସିନା ଗୋଟିଏ ଗ୍ରାମରେ। କିନ୍ତୁ ତାଙ୍କ ମନଟି ଥିଲା ପକ୍ଷୀ ପରି। ଲୋକଚରିତ୍ରକୁ ନିକଟରୁ ନିରୀକ୍ଷଣ କରିବାର ପାଇଛନ୍ତି ଦୁର୍ଲଭ ସୁଯୋଗ। ଯେତିକି ଆନ୍ତରିକତାର ସହ ଢେଙ୍କିରେ ଧାନ କୁଟୁଥିଲେ, ମମତାମଗ୍ନ ହୋଇ ଭାଜୁଥିଲେ ମୁଢ଼ି, ସେତିକି ଧ୍ୟାନର ସହ ସହ ଲେଖୁଥିଲେ କବିତା। ଜଙ୍ଗଲ ଭିତରେ ବୁଲୁଥିବା ବେଳେ ଆପଣା ଛାଏଁ ମନକୁ ଆସିଯାଏ ଗୋଟିଏ ପରେ ଗୋଟିଏ ପଦ। ଘରକୁ ଫେରିଲେ କଲମ ଧରିବା ମାତ୍ରକେ ସ୍ୱତଃସ୍ଫୂର୍ତ୍ତ ଭାବରେ କାଗଜ ଉପରକୁ ଉତୁରି ଆସେ ସବୁ ପଦ ନିଖୁଣ ରୂପ ପରିଗ୍ରହ କରି।

ଶବ୍ଦ ସବୁ ଦେଖି କବି ଯେତିକି ଚମତ୍କୃତ, ଶବ୍ଦମାନେ କବିଙ୍କୁ ଦେଖି ତା'ଠାରୁ ଅଧିକ କୃତାର୍ଥ। ସେ କକ୍ଷମୁକ୍ତ; କିନ୍ତୁ ଲକ୍ଷ୍ୟଚ୍ୟୁତ ନୁହନ୍ତି। ସେ ଅମଡ଼ା ବାଟର ଯାତ୍ରୀ। ମାତ୍ର ଆତ୍ମଅନ୍ୱେଷଣ ଆଉ ସାମାଜିକ ପରିବର୍ତ୍ତନ ତାଙ୍କ ଜୀବନ ଓ ପ୍ରତିଭାର ଉଦ୍ଦେଶ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ: ବିଜେଡି

ଭୁବନେଶ୍ୱର,୩୧।୧୨(ସମିସ): ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହିତ ଓଡ଼ିଶା ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ ହୋଇଛି। ବିଶେଷକରି ୧୮ ମାସରେ ୪୦,୯୪୭ଟି ମହିଳାଙ୍କ ବିରୋଧରେ ଅପରାଧ ମାମଲା ରୁଜୁ ହୋଇଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟାରେ ଏହି ଅବଧିରେ ଅହେତୁକ ବୃଦ୍ଧି ପାଇଛି ବୋଲି ବିଜେଡି ତଥ୍ୟ ସହ ସରକାରଙ୍କୁ ଚଟୁ ସମାଲୋଚନା କରିଛି।



ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର ଓ ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଆଇନଶୃଙ୍ଖଳା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତାର ଲମ୍ବା ତାଲିକା ଉପସ୍ଥାପନ କରିଛନ୍ତି। ଡ. ସସ୍ମିତ ପାତ୍ର କହିଛନ୍ତି ଯେ ଜୁନ ୨୦୨୪ରେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରେ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଦ୍ୱାରା ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ମୂଳଦୁଆ ପଡିଥିଲା। ପୁରୀ ସ୍ଥିତରାଜ୍ୟପାଳଙ୍କ ବାସଭବନ ଭିତରେ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ସହିତ ଜୋତାରେ ଛେପ ପକାଇ ତାଙ୍କୁ ଚାଟିବାକୁ ବାଧ କରାଯାଇଥିଲା। ଏହି ନିନ୍ଦନୀୟ ଘଟଣାକୁ ରାଜ୍ୟ ବିଜେପି ସରକାର ଚାପି ଦେଇଥିଲେ। ସେହିପରି ବିଜେପି କର୍ମୀମାନଙ୍କ ଦ୍ୱାରା ବିଏମସି କମିସନରଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାଟି ମଧ୍ୟ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ନ୍ୟାୟ ପ୍ରଦାନ କରିବାରେ ବିଜେପି ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇ ଚାଲିଛି। ଗତ ୧୮ ମାସରେ

- ୧୮ ମାସରେ ୪୦,୯୪୭ଟି ମହିଳା ବିରୋଧୀ ଅପରାଧ
- ରାଜ୍ୟର ଅଭିବୃଦ୍ଧି ହ୍ରାସ କରିଛି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା
- ୧୮ ମାସରେ ସରକାର ବାତିଲ କରିଛନ୍ତି ୨୦ଟି ପରୀକ୍ଷା

ରାଜ୍ୟରେ ୪୦,୯୪୭ଟି ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଏହି ସଂଖ୍ୟାରୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି । ଗୋପାଳପୁର ଗଣଦୁଷ୍କର୍ମ, ରାଉରକେଲାରେ ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟା ମାମଲା, ବାଲିହରଚଣ୍ଡୀ ଗଣଦୁଷ୍କର୍ମ, ଧଉଳି ଗଣଦୁଷ୍କର୍ମ ସବୁ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚିତ ହୋଇ ଓଡ଼ିଶା ପାଇଁ ଲଜ୍ଜ୍ୟା ଓ ନିନ୍ଦା ଆଣିଛି । ଅପରାଧ କ୍ଷେତ୍ରରେ ଓଡ଼ିଶା ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ ଭାବେ ଚିହ୍ନିତ ହୋଇଛି। ଅନ୍ୟପକ୍ଷରେ ଗୁରୁ ଖଣିଜ ସମ୍ପଦରୁ ରାଜ୍ୟକୁ ମିଳୁଥିବା ରାଜସ୍ୱ ଯଥାକ୍ରମେ ୫୦,୦୦୦ କୋଟିରୁ ୩୪,୦୦୦ କୋଟିକୁ ଖସିଆସିଛି । ଲଘୁ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟିକୁ ହ୍ରାସ ପାଇଛି। ଗତ ୧୮ ମାସରେ ୨୦ଟି ପରୀକ୍ଷାକୁ ରାଜ୍ୟ ସରକାର ବାତିଲ କରିବାକୁ ବାଧ ହୋଇଛନ୍ତି। ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଦୁର୍ନୀତିକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ରାଜ୍ୟ ସରକାର ଏହାର ତଦନ୍ତ ଦାୟିତ୍ୱ ସିବିଆଇ ହାତରେ ଦେବା ପାଇଁ ବାଧ ହୋଇଥିଲେ। ରାଜ୍ୟର ଗୃହ ମନ୍ତ୍ରାଳୟର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଛି, କିନ୍ତୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଠିକ୍ ରଖିବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ଏକ ବର୍ଷଟି ଗଣଦୁଷ୍କର୍ମର ବର୍ଷ ହୋଇଛି। ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡିକ ମହିଳାମାନଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ଅନୁଭବ ହେଉଛି। ଏଥିଯୋଗୁଁ ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟାରେ ଅହେତୁକ ହ୍ରାସ ପାଇଛି। ସେହିପରି ବିଗତ ବର୍ଷଟି ମଧ୍ୟ ଦଙ୍ଗାର ବର୍ଷ ହୋଇଛି। ରାଜ୍ୟ ସରକାରଙ୍କ ବିବାଦୀୟ ନିଷ୍ପତ୍ତି ଯୋଗୁଁ କଟକ ଭଳି ଭାଇଚାରାର ସହରରେ ଦଙ୍ଗାର ଅଲୋଡ଼ା କୀର୍ତ୍ତିମାନ ସ୍ଥାପିତ ହୋଇଛି। ଆଶା କରିବା ଇଂରାଜୀ ନୂତନ ବର୍ଷ ଠାରୁ ରାଜ୍ୟରେ ଶାନ୍ତି ଫେରି ଆସୁ, ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସୁ, ରାଜ୍ୟବାସୀ ନିଜକୁ ସୁରକ୍ଷିତ ମଣନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

# କଲବଲ କରିବ ଘନ କୁହୁଡ଼ି

ଭୁବନେଶ୍ୱର,୩୧।୧୨(ସମିସ): ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି କଲବଲ କରିବ। ଏହି ସମୟରେ ଅନେକ ସ୍ଥାନରେ ଅତି ଘନ କୁହୁଡ଼ି ପାଇଁ ପାଗ ଅନୁକୂଳ ରହିଛି। ତେଣୁ କିଛି ଅଞ୍ଚଳରେ ଦୃଶ୍ୟମାନ କ୍ଷମତା ଅହେତୁକ ଭାବେ ହ୍ରାସ ପାଇବ। ଏଥିପାଇଁ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ କୁହୁଡ଼ି ଜନିତ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି ହୋଇଥିବା ବେଳେ ଗାଡ଼ି ଚାଳନା ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

ଉପଗ୍ରହରୁ ମିଳୁଥିବା ସୂଚନା ଅନୁଯାୟୀ, ଉପକୂଳ ତଥା ଉତ୍ତର ଓଡିଶାର ଅନେକ ସ୍ଥାନ ସହ ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ବୁଧବାର ଘନ କୁହୁଡ଼ି ଅନୁଭୂତ ହୋଇଛି। ଏହା ପ୍ରଭାବରେ ଏହି ଅଞ୍ଚଳଗୁଡ଼ିକରେ ଦୃଶ୍ୟମାନ କ୍ଷମତା ୨୦୦ ମିଟରରୁ କମକୁ ଖସି ଆସିଛି। ଅନ୍ୟପଟେ ଏହି ଘନକୁହୁଡ଼ି ପ୍ରଭାବରେ ଉତ୍ତର ଓଡିଶା ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡିକରେ ଦିନ ତାପମାତ୍ରାରେ ଦୁଇ ଦିନ ହେବ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହୋଇଥିବା ପରିଲକ୍ଷିତ ହୋଇଛି। ଉତ୍ତର ଓଡ଼ିଶାର ଦିନ ତାପମାତ୍ରା ସ୍ୱାଭାବିକ ଠାରୁ ୬ ରୁ ୭ ଡିଗ୍ରୀ କମ ରହୁଥିବାରୁ ଦିନ ସମୟରେ ଅଧିକ ଥଣ୍ଡା ଅନୁଭୂତ ହେଉଛି। ବୁଧବାର ଭୁବନେଶ୍ୱରରେ ମଧ୍ୟ ଦିନ ପ୍ରାୟ ୧୧ ଟା ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବା କାରଣରୁ ସକାଳୁ ପ୍ରବଳ ଶୀତ ଅନୁଭୂତ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ଜଗତସିଂହପୁର, ପୁରୀ ଓ କେନ୍ଦ୍ରାପଡ଼ାରେ ଅତି ଘନ କୁହୁଡ଼ି ଆଶଙ୍କା ରହିଛି। ତେଣୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଗଜପତି, ଗଞ୍ଜାମ, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଭଦ୍ରକ, ଅନୁଗୁଳ ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

ବର୍ତ୍ତମାନ ଉତ୍ତର ପାକିସ୍ତାନ ଏବଂ ପାର୍ଶ୍ୱବର୍ତ୍ତୀ ଆଫଗାନିସ୍ଥାନ ଅଞ୍ଚଳରେ ବାୟୁମଣ୍ଡଳର ନିମ୍ନ ଭାଗରେ ପଶ୍ଚିମା ଝଡ଼ ଏକ ଘୂର୍ଣ୍ଣିବଳୟ ରୂପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ୨ ତାରିଖରୁ ଶୀତର ପ୍ରଭାବ କମିବା ସହ ୧ ଏବଂ ୨ ତାରିଖରେ ରାଜ୍ୟ ଉପରେ ବାଦଲ ଆଚ୍ଛାଦନ ବୃଦ୍ଧି ସମ୍ଭାବନା ରହିଛି। ଅନ୍ୟପଟେ ପୂର୍ବାପେକ୍ଷା ତାପମାତ୍ରାରେ ବୃଦ୍ଧି ଘଟିଥିଲେ ମଧ୍ୟରେ ବୁଧବାର ରାଜ୍ୟର ୧୭ ସହରରେ

- ଦୁଇ ଦିନ କୋହଲା ପାଗ ଆଶଙ୍କା
- ତାପମାତ୍ରା ବଢ଼ିବ; କମିବନି ଶୀତ

ତାମପାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଛି। ୫.୬ ଡିଗ୍ରୀ ସହ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଫୁଲବାଣୀ ୬.୨, ଝାରସୁଗୁଡା ୬.୩, ଦାରିଙ୍ଗବାଡି ୭, ରାଉରକେଲା ଏବଂ ସେମିଳିଗୁଡା ୭.୧, ନବରଙ୍ଗପୁର ୭.୮, କିରେଇ ୮, ସୁନ୍ଦରଗଡ଼ ୮.୨, କୋରାପୁଟ ୮.୩, କେନ୍ଦୁଝର ୮.୮, ସୋନପୁର ୯.୪, ଭବାନୀପାଟଣା ୯.୫, ବୌଦ୍ଧ ୯.୮, ଚିପିଲିମା ୯.୯, ବାରିପଦା ଓ ବାଲେଶ୍ୱରରେ ପାରଦ ୧୦ ଡିଗ୍ରୀକୁ ଖସିଛି। ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟରେ ଆହୁରି ୩-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି।


**AFFIDAVIT**

I, Aswini Rekha Sahu, aged about 34 years, W/o- Samir Kumar Senapati, resident of At/Po- Gangaram Nuasahi, Ps- Kumbharapada, Dist- Puri, Odisha, PIN-752001, Odisha declared by this affidavit No. 2655, dtd- 31/12/2025 that now onwards I shall be known as **ASWINI SENAPATI** for all future purposes.

**AFFIDAVIT**

By virtue of an affidavit sworn before Notary Public **Bhubaneswar**, on dated **30.12.2025**, I **Mamina Sethi** resident **At/Po-Amrutamanohi, Sub Dist-Pattamundai, Dist-Kendrapara, Odisha, Pin-754218**, declare that I have changed the name of my Daughter from **Priya Darshinji Sethi** to **Priya Priyadarsini Sethi** . Henceforth, He shall be known as **Priya Priyadarsini** Sethi for all purposes.

**AFFIDAVIT**

By virtue of an affidavit sworn before Notary public **Bhubaneswar** on dated **30.12.2025**, I **Minu Sethi** resident of **At/Po-Amrutamanohi, Dist-Kendrapara, Odisha, Pin-754218** declare that I have changed my name from **Minu Malik** to **Minu Sethi**. Henceforth, I shall be known as **MINU SETHI** for all purposes.


# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ବିଦାୟୀ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା




ଭୁବନେଶ୍ୱର୩୧।୧୨(ସମିସ):ନିଜ କାର୍ଯ୍ୟକାଳର ଶେଷ କାର୍ଯ୍ୟ ଦିବସରେ ଓଡ଼ିଶାର ମୁଖ୍ୟ ଶାସନସଚିବ ମନୋଜ ଆହୁଜା ତାଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆରତୀ ଆହୁଜାଙ୍କ ସହିତ ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି, ରାଜ୍ୟପାଳଙ୍କ କମିଶନର ତଥା ଶାସନସଚିବ ରୂପା ରୋଶନ ସାହୁ ମଧ୍ୟ ଉପସ୍ଥିତ ଥିଲେ। ଏହି ସାକ୍ଷାତ ଅବସରରେ ରାଜ୍ୟର ପ୍ରଶାସନିକ ଅଗ୍ରଗତି ଏବଂ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳରେ ନିଆଯାଇଥିବା ପ୍ରମୁଖ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଶ୍ରୀ ଆହୁଜାଙ୍କ ଓଡ଼ିଶା ପ୍ରତି ସେବାମୂଳକ କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିବା ସହ ତାଙ୍କ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ। ମୁଖ୍ୟ ଶାସନସଚିବ ଭାବରେ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳରେ ଦକ୍ଷ ଶାସନ, କଲ୍ୟାଣକାରୀ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ବିଭାଗ ମଧ୍ୟରେ ତାଙ୍କର ସମନ୍ୱିତ ଆଭିମୁଖ୍ୟ ଏବଂ ଉନ୍ନତ ସେବା ଯୋଗାଣ ଉପରେ ଗୁରୁତ୍ୱ ସ୍ଥାୟୀ ଶାସନ ସଂସ୍କାର ଏବଂ ବିକାଶମୂଳକ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସହାୟକ ହୋଇଥିଲା।

### ମୁଖ୍ୟ ସଚିବ ଦାୟିତ୍ୱ ଗ୍ରହଣ କଲେ ଅନୁ ଗର୍ଗ



### ଅରବିନ୍ଦ ପାଢ଼ୀଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୩୧।୧୨(ସମିସ): ୧୯୯୬ ବ୍ୟାଚର ବରିଷ୍ଠ ଆଇଏଏସ ତଥା ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ତାଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ଯାଏଁ ସେ ବର୍ତ୍ତମାନ ଥିବା ପଦରେ ଦାୟିତ୍ୱ ଜାରି ରଖିବେ ବୋଲି କୁହାଯାଇଛି। ସେହିପରି ୧୯୯୫ ବ୍ୟାଚର ବରିଷ୍ଠ ଆଇଏସ ସୁଶୀଲ କୁମାର ଲୋହାନୀଙ୍କୁ ମଧ୍ୟ ପେ ମାଟ୍ରିକ୍ସର ଲେଭୁଲ-୧୭କୁ ପଦୋନ୍ନତି ଦିଆଯାଇଛି।

# ସାନ୍ତାଳୀ ସମ୍ବାଦ ପତ୍ରିକା 'ଫାଗୁନ୍'ର ସମ୍ପାଦିକା ମାଳତୀ ମୁର୍ମୁଙ୍କ ପରଲୋକ

ବାରିପଦା/କୁଳିଅଣା,୩୧।୧୨(ସମିସ): ଅଲଚିକି ଲିପି, ସାନ୍ତାଳୀ ଭାଷା ସାହିତ୍ୟର ବରିଷ୍ଠ ପ୍ରଚାରକ, ମିସନ ଅଲଚିକିର ଦୃଢ଼ ସଂଗଠକ ମାସିକ ସାନ୍ତାଳୀ ସମ୍ବାଦ ପତ୍ରିକା 'ଫାଗୁନ୍'ର ସମ୍ପାଦିକା ମାଳତୀ ମୁର୍ମୁଙ୍କ ମଙ୍ଗଳବାର ରାତିରେ ଭୁବନେଶ୍ୱର ୟୁନିଟ୍ ୬ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କ ସ୍ୱାମୀ ବିଶିଷ୍ଟ ସାନ୍ତାଳୀ ସାହିତ୍ୟିକ ମାଙ୍ଗାତ୍ ମୁର୍ମୁ ଓ ତାଙ୍କର ଦୁଇ ଝିଅ ଉପସ୍ଥିତ ଥିଲେ। ବୁଧବାର ମୟୂରଭଞ୍ଜ ଜିଲ୍ଲାସ୍ଥିତ ନିଜ ଗ୍ରାମ ଚାନ୍ଦୁଆଠାରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି।



ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ରାଇରଙ୍ଗପୁରଠାରେ ଅନୁଷ୍ଠିତ ହୋଇଥିବା ଅଲଚିକି ଲିପିର ଶତବାର୍ଷିକ ଏବଂ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀରେ ସେହିଭଳି ରାଷ୍ଟ୍ରପତି ମୁଖ୍ୟଅତିଥି ଥିବା ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘ ଦ୍ୱାରା ଆୟୋଜିତ ଅଲଚିକି ଲିପିର ଶତବାର୍ଷିକ ପାଳନ ଉତ୍ସବରେ ସାନ୍ତାଳୀ ଭାଷାରେ ଜୀବନ ବ୍ୟାପୀ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ବହୁ ମାନ୍ୟଗଣ୍ୟ ନେତୃବୃନ୍ଦ ପହଞ୍ଚି ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ଦେହାନ୍ତ ଖବର ପାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଃଖ ପ୍ରକାଶ କରିଛନ୍ତି। ତାଙ୍କ ଦ୍ୱାରା ସମ୍ପାଦିତ 'ସାଗୁନ' ପତ୍ରିକା ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମରେ ପ୍ରକାଶ ପାଉଥିଲା। ବୁଧବାର ତାଙ୍କ ମରଶରୀର କୁଳିଅଣା ଅଣାଯାଇଥିଲା। ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପୁଷ୍ପଗୁଚ୍ଛ ଦେଇ ଚାନ୍ଦୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର ମୁର୍ମୁଙ୍କ ସମେତ ବାବାଲୁ ହାଁସଦା ସମେତ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରିଥିଲେ। ବିଭିନ୍ନ ବର୍ଗର ଲୋକେ ଶୋକାକୁଳ ପରିବେଶରେ ତାଙ୍କର ଶେଷଦର୍ଶନ କରିଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 1135, dated 30.12.2025 I, GIRIJA MAJHI, W/o - Asamana Majhi , Residences of Village - Sindhigaon, Po- Sindhigaon, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Daughter from HINDU MAJHI to INDU MAJHI. Henceforth, She shall be known as **INDU MAJHI** for all purposes.

**Sd/- Girija Majhi**

**AFFIDAVIT**

By virtue of an affidavit before the Notary Public, Sambalpur, I, Sagarika Rath, W/o- Prakash Chandra Dash, resident of At - Laxminarayan Pur, Po – Mahajan Pur, Ps- Jagatpur, Dist- Cuttack, Pin – 754200 declare by this affidavit No – 22125, Dtd – 31/12/2025 that now onwards I shall be know as **Sagarika Dash** for all future purposes.

**NAME CORRECTION NOTICE**

I, GHANASHYAM HEMBRAM, S/O Late Phagu Hembram, resident of Village-Bahalda, P.O.- Bahalda, P.S.- Bahalda, Dist.- Mayurbhanj, hereby declare that my name is wrongly mentioned as GHANSHYAM HEMBRAM in my Aadhaar Card (No. 4600 1142 5409). Both names refer to one and the same person. I have applied for correction of my name to GHANASHYAM HEMBRAM.

**GHANASHYAM HEMBRAM**


## ଅବଶିଷ୍ଟାଂଶ...

### ପିୟୁସିସି କଟକଣା...

ମନ୍ତ୍ରୀ କହିଛନ୍ତି। ଆରଟିଓକୁ ଗ୍ରୀନ୍ ଷ୍ଟିକର୍ ଦିଆଯିବ, ଯେଉଁମାନେ ପିୟୁସିସି କରିଛନ୍ତି ସେମାନେ ଏହି ଷ୍ଟିକର ନେଇପାରିବେ ବୋଲି ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଏହି କଟକଣା ଭିତରେ ଜାଲ୍ ପିୟୁସି ସାର୍ଟିଫିକେଟ୍ ଭଳି ଅନିୟମିତତା ମଧ୍ୟ ସାମନାକୁ ଆସିଛି। ଏହି ଘଟଣା ସାମନାକୁ ଆସିବା ପରେ ୪୨ଟି ଏପିଟି ସେଣ୍ଟର ଲାଇସେନ୍ସ ବାତିଲ କରାଯାଇଛି। ନୂଆ ସେଣ୍ଟର ପାଇଁ ଆବେଦନ ଆସିଲେ ୨୪ ଘଣ୍ଟାରେ ଅନୁମୋଦନ ମିଳିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପିୟୁସିସି ପାଇଁ ସାରା ରାଜ୍ୟରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ଅଳ୍ପ ସମୟ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବି ବଢ଼ି ଚାଲିଛି। ଲକ୍ଷ ଲକ୍ଷ ଗାଡ଼ିକୁ ନଗଣ୍ୟ ଟେଷ୍ଟିଂ ସେଣ୍ଟର ସହ ଯେଉଁମାନଙ୍କ ନାମରେ ପୂର୍ବରୁ ଚାଲାଣ ରହିଥିଲା, ସେମାନଙ୍କୁ ବର୍ତ୍ତମାନ ଏହା ପୈଠ କରିବା ବାଧ୍ୟତାମୂଳକ କରାଯାଇଛି।

### ଆର୍ଥିକ ଚାପ...

ଅଧିକ ରହିଛି। ଏହା ପରିଶୋଧ କରିବା ପାଇଁ ଅଧିକ ଋଣର ଆବଶ୍ୟକତା ରହିଛି। ଏହା ବ୍ୟତୀତ ହରିୟାଣା ସରକାରଙ୍କୁ ମଧ୍ୟ ଋଣ ପରିଶୋଧ ପାଇଁ ଅଧିକ ଋଣ ନେବାକୁ ପଡ଼ିବ।

ମହାରାଷ୍ଟ୍ରର ବାର୍ଷିକ ଆୟ ୫.୬୩ ଲକ୍ଷ କୋଟି ଥିବାବେଳେ ୧୧.୫୦ ପ୍ରତିଶତ ରିଆତି ଏବଂ ଫ୍ରିବିଜରେ ଯାଉଛି।୫୫.୪୦ ପ୍ରତିଶତ ଦରମା, ଭତ୍ତା ଏବଂ ସୁଧରେ, ଋଣ ସୁଝିବାରେ ୧୦.୨୦ ପ୍ରତିଶତ ଯାଉଥିବାବେଳେ ୩୧.୪୦ ପ୍ରତିଶତ ରାଶି ବଳକା ରହୁଛି। ସେହିପରି ରାଜସ୍ଥାନର ବାର୍ଷିକ ଆୟ ୨.୯୪ ଲକ୍ଷ କୋଟି ଟଙ୍କା ରହିଛି। ଏଥିରୁ ୯.୯୦ % ରିଆତି-ଫ୍ରିବିଜ, ୫୩.୫୦% ଦରମା, ଭତ୍ତା ଏବଂ ସୁଧ, ୫୩.୪୦% ଋଣ ପରିଶୋଧରେ ଯାଉଥିବାବେଳେ କୌଣସି ଅର୍ଥ ବଳକା ରହୁନାହିଁ। ଏହା ବିୟୁକ୍ତ ୧୬.୭୦ % ରହିଛି। ହରିୟାଣାର ଆୟ ୧.୩୩ ଲକ୍ଷ କୋଟି ଥିବାବେଳେ ରିଆତିରେ ୨୧%, ଦରମା ଆଦିରେ ୫୬.୧୦%, ଋଣ ପରିଶୋଧରେ ୫୩.୧୦% ଗଲା ପରେ ସଞ୍ଚୟ ବିୟୁକ୍ତ ୩୦.୨୦% ରହିଛି। ପଞ୍ଜାବର ଆୟ ୧.୧୨ ଲକ୍ଷ କୋଟି ରହିଛି। ମାତ୍ର ରିଆତି,ମାଗଣା ଯୋଜନାରେ ୨୦%, ଦରମା ଆଦିରେ ୭୩,୧୦%, ଋଣ ପରିଶୋଧରେ ୭୯.୬୦ ପ୍ରତିଶତ ଯିବା ପରେ ସଞ୍ଚୟ ବିୟୁକ୍ତ ୭୨.୭୦ ପ୍ରତିଶତ ଅଛି। ଏହା ବ୍ୟତୀତ ବିହାରର ବାର୍ଷିକ ଆୟ ୨.୬୧ ଲକ୍ଷ କୋଟି ଥିବାବେଳେ ମାଗଣା ଘୋଷଣା ଆଦିରେ ୧୦.୫୦%, ଦରମା ଭତ୍ତାରେ ୪୧.୩୦ %, ଋଣ ପରିଶୋଧରେ ୮.୬୦ ଯାଇ ୩୯.୪୦ ପ୍ରତିଶତ ରାଶି ସଞ୍ଚୟ ହେଉଛି।

ମଧ୍ୟପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ବିହାର ଭଳି ରାଜ୍ୟରେ ଋଣ ଜିଡିପି ତୁଳନାରେ ଏକ ତୃତୀୟାଂଶ କିମ୍ବା ଅଧିକ ରହିଛି। ଏଭଳି ସ୍ଥିତିରେ ଆଗାମୀ ଦିନରେ ଋଣ ପରିଶୋଧ ପାଇଁ ରାଜ୍ୟଗୁଡ଼ିକ ଉପରେ ଚାପ ବଢ଼ିବ। ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ବିହାର ସରକାରଙ୍କ ପୁଞ୍ଜି ବ୍ୟୟ ୨୫ ଗୁଣ ବଢ଼ିପାରେ। ଏହା ଦ୍ୱାରା ରାଜ୍ୟ ଦେବାଳିଆ ହୋଇଯିବ। ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଆଦି ବଡ଼ ରାଜ୍ୟରେ ବିକାଶ ପାଇଁ ବହୁତ କମ ରାଶି ବଳୁଛି। ରାଜସ୍ଥାନ ସମେତ ଅନେକ ରାଜ୍ୟରେ ୪୫ ଗିଗାୱାଟର ସୌର, ପବନ ଶକ୍ତି କେନ୍ଦ୍ର ଅଟକି ରହିଛି। କାରଣ ସରକାର ବିଦ୍ୟୁତ କ୍ରୟ ପାଇଁ ଚୁକ୍ତି ସ୍ୱାକ୍ଷର କରିପାରୁ ନାହାନ୍ତି।

ପଶ୍ଚିମବଙ୍ଗରେ ଆୟର ୨୧.୨% ସୁଧ ପରିଶୋଧ କରିବାରେ ଖର୍ଚ୍ଚ ହେଉଛି। ଏଠାରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ୧୮.୭ ପ୍ରତିଶତ ବଜେଟ ରହିଛି। ରାଜସ୍ଥାନରେ ବ୍ୟୟ ବଢୁଥିବାରୁ ସ୍ୱାସ୍ଥ୍ୟ ବଜେଟ ଉପରେ ଖର୍ଚ୍ଚ ସ୍ଥିର ରହିଛି। ମଧ୍ୟପ୍ରଦେଶରେ ଲାଡଲି ବହନା ଭଳି ଯୋଜନା ପାଇଁ ଋଣ ବୋଝ ବଢ଼ିବାରେ ଲାଗିଛି। କର୍ଣ୍ଣାଟକରେ ଗ୍ୟାରେଣ୍ଟି ଯୋଜନା ପାଇଁ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଋଣ ଅଧିକ ନିଆଯାଇଛି। ଜୁନ୍‌ରେ ମହାରାଷ୍ଟ୍ରରେ ୯୦୩ ପ୍ରକଳ୍ପର ମଞ୍ଜୁରି ରଦ୍ଦ କରିଦିଆଯାଇଛି। ଏଥିରୁ ଅଧିକାଂଶ ଜଳସେଚନ ଏବଂ ବନ୍ଧ ନିର୍ମାଣ ସହ ଜଡ଼ିତ ଥିଲା। ଯଦି ପୁରୁଣା ସରକାର କରିଥିବା ଯୋଜନା ବନ୍ଦ ନ କରାଯାଏ ତେବେ ନୂଆ ଯୋଜନା ପାଇଁ ଅଧିକ ବୋଝ ବଢ଼ିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି। କିନ୍ତୁ ପୁରୁଣା ଯୋଜନା ବନ୍ଦ ହୋଇଗଲେ ଲୋକେ କ୍ଷୁବ୍ଧ ହୋଇଯିବେ ବୋଲି ସରକାର ଭୟ କରୁଛନ୍ତି। ଆସାମ ଏବେକାର ସରକାର ଏଥିରୁ ବର୍ତ୍ତିବା ଲାଗି ପୂର୍ବ ସରକାରଙ୍କ ଯୋଜନା ବନ୍ଦ କରିଦେଇଥିଲେ। ଅନ୍ୟ ସରକାରମାନେ ଏଭଳି କଲେ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

### ଇ-କେୱାଇସି ଅବଧି...

ନିଜ ଇ-କେୱାଇସି କରିସାରିଛନ୍ତି। ଆହୁରି ୧୩ ଲକ୍ଷ ୪୨ ହଜାର ୪୫୩ ଜଣଙ୍କ ଏହି ପ୍ରକ୍ରିୟା ବାକି ରହିଛି ବୋଲି ଗତ କିଛି ଦିନ ତେଳ ବିଭାଗ ପକ୍ଷରୁ କୁହାଯାଇଥିଲା। ରାଜ୍ୟ ବାହାରେ ରହୁଥିବା ୧ଲକ୍ଷ ୪୫ହଜାର ୪୪୬ ଜଣଙ୍କ ଇ-କେୱାଇସି କରାଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧ଲକ୍ଷ ୪୨ହଜାର ୩୫୭ ଜଣ, କଳାହାଣ୍ଡି ୭୧ ହଜାର, ବଲାଙ୍ଗୀର ୬୮ ହଜାର, ବାଲେଶ୍ୱର ୬୪ ହଜାର, ମୟୂରଭଞ୍ଜ ୭୧ ହଜାର, ପୁରୀ ୬୨ ହଜାର, ଯାଜପୁରରେ ୬୦ ହଜାର ଲୋକ ଏହି ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୬୪୫୩ ଜଣଙ୍କ ଇ-କେୱାଇସି ହୋଇନଥିବା ଜଣାପଡ଼ିଛି।

### ଦୁଇଟି 'ପ୍ରଳୟ'ର...

ଉତ୍କ୍ଷେପଣ ହୋଇଥିଲା। ଏହି ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣରୁ ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଂଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫ଶହରୁ ଏକ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ଧାରଣ କରି ଏହା ୩୫୦-୫୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଳୟର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ, ଭାରତୀୟ ବାୟୁ ସେନା ଓ ସ୍ଥଳ ସେନା, ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ରାଷ୍ଟ୍ରାୟତ ଉଦ୍ୟୋଗ ଏବଂ ଅନ୍ୟ ସହଯୋଗୀ ସଂସ୍ଥାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ବିଭାଗ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମତ ବୈଜ୍ଞାନିକଙ୍କ ସମେତ ସଫଳ ପରୀକ୍ଷଣରେ ଜଡିତ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଶ୍ରୀମନ୍ଦିର କ୍ୟାଲେଣ୍ଡରରେ...

କେମିତି? ନା ମନ୍ଦିର ପ୍ରଶାସନ କାହାକୁ ନ ପଚାରି କାହାର ମତାମତ ନ ନେଇ ମନଇଚ୍ଛା ଏହାକୁ ଛାପିଛି? ଗତ ୧୮ ତାରିଖରେ ଭୁବନେଶ୍ୱରରେ ଖୋଦ୍ ମୁଖ୍ୟମନ୍ତ୍ରୀ ଏହି କ୍ୟାଲେଣ୍ଡରର ଲୋକାର୍ପଣ କରିଥିଲେ। ସେଠାରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଉନ୍ମୋଚନ ପରେ କ'ଣ କାହାରି ନଜରରେ ଏହି ତ୍ରୁଟି ଆସି ନ ଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଭକ୍ତଙ୍କ ମଳରେ ଉଙ୍କି ମାରୁଛି।

ଅନ୍ୟପକ୍ଷରେ ଏଭଳି ତ୍ରୁଟିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। 'ଶହ ବର୍ଷ ତଳର ଏହା ଜଣେ ଚିତ୍ରକରଙ୍କର କଳାକୃତି। ଏହି ତାଳପତ୍ରରେ ଅଙ୍କିତ ଫଟୋ ଚିତ୍ରକୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରୁ ସଂଗ୍ରହ କରାଯାଇ ଇଂରାଜୀ ନବବର୍ଷ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି। କିନ୍ତୁ ଏହା ସାମ୍ପ୍ରତିକ ସ୍ଥିତି ନୁହେଁ। ଏହା ସେତେବେଳର ଜଣେ ଚିତ୍ରଶିଳ୍ପୀର ଚିତ୍ରକଳା। ଏହାକୁ ଜଗନ୍ନାଥପ୍ରେମୀ ଭୁଲ୍ ବୁଝିବେ ନାହିଁ ବୋଲି ଆଶା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା ସହ କ୍ୟାଲେଣ୍ଡର୍ ଗୁଡିକର ବିକ୍ରି ସ୍ଥଗିତ ରଖିବା ଲାଗି ମୁଖ୍ୟ ପ୍ରଶାସକ ଘୋଷଣା କରିଛନ୍ତି'। ତେବେ ଏଠାରେ ପ୍ରଶ୍ନଉଠୁଛି ପୁରୁଣା ଚିତ୍ରକଳାକୁ ସ୍ଥାନ ଦେବାବେଳେ କେହି କ'ଣ ଦେଖି ନ ଥିଲେ? ତା' ହେଲେ ମହାପ୍ରଭୁଙ୍କ କାମରେ ଏତେ ଖାମଖିଆଲି କ'ଣ ପାଇଁ ବୋଲି ପ୍ରଶ୍ନ ଉଠିଛି। ଯଦି ଠାକୁରଙ୍କ ସମ୍ମାନ ପାଇଁ ଏସବୁ ନଷ୍ଟ କରାଯାଇ ନୂତନ ଛପା ଯାଏ ତେବେ ସେ ବାବଦ ଆର୍ଥିକ କ୍ଷତି କାହାଠାରୁ ଭରଣା ହେବ? ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିକୃତ କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କି' କାର୍ଯ୍ୟାନୁଷ୍ଠାନ ହେବ? ଏ ସବୁର ପର୍ଦ୍ଦାଫାଶ ପାଇଁ ଜଗନ୍ନାଥଙ୍କ ନାମର ଦ୍ୱାହି ଦେଇ ଆସିଥିବା ସରକାର ତୁରନ୍ତ ଏହାରର ଉପଯୁକ୍ତ ତଦନ୍ତ କରି ଯେଉଁମାନଙ୍କ ଦାୟିତ୍ୱହୀନତା ପାଇଁ ଆଜି ଏଭଳି ତ୍ରୁଟି ହୋଇଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ ଦାବି କରିଛନ୍ତି।

### ଗ୍ୟାରେଜରେ ୨ ଯୁବକଙ୍କୁ...

ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ଦଉଡି, ପାଣି ବାଲଟି, ହାତୁଡି ଜବତ କରିଛି। ଅନ୍ୟପକ୍ଷରେ ୨ ମୃତଦେହକୁ ପୁଲିସ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଯଦିଓ ହତ୍ୟାକାଣ୍ଡର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ତଥାପି ଏହା ପଛରେ କୌଣସି ଅନୈତିକ କାର୍ଯ୍ୟକଳାପ ବା ଚୋରା କାରବାର ରହିଥିବା ସନ୍ଦେହ କରାଯାଉଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କ ଘର ସ୍ଥାନୀୟ ଅଞ୍ଚଳରେ ହୋଇଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ସେଠାରେ ଉକ୍ତ ପରିବାର ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣ କରିଛି। ଏଥି ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଜାରି ରହିଛି। ବର୍ଷ ଶେଷରେ ଏଭଳି ହତ୍ୟାକାଣ୍ଡ ଉଭୟ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

### ବସ୍ ଦୁର୍ଘଟଣାରେ...

ପାଇ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହିତ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁଇ ମୃତକଙ୍କ ପରିବାର ଓ ସାହି ଲୋକମାନେ କ୍ଷତିପୂରଣ ଦାବିକରି ପୁରୁଣା କଟକ-ସମ୍ବଲପୁର ରାସ୍ତା ମେଡିକାଲ ଛକ ଠାରେ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ଅବରୋଧ ହେବା ଦ୍ୱାରା ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଆଠଗଡ ପୁଲିସ ଓ ମାଜିଷ୍ଟ୍ରେଟ ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା କରିବା ପରେ ଅପରାହ୍ନରେ ରାସ୍ତା ଅବରୋଧ ହଟିଥିଲା। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଉଭୟ ମୃତକଙ୍କ ଶବ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।


n-222

**OFFICE OF THE HEADMISTRESS,**
**KASTURABA GANDHI BALIKA VIDYALAYA, PURUNAKATAK**
**At/Po- Purunakatak, Dist-Boudh, Pin-762013**

ସମଗ୍ର ଶିକ୍ଷା समग्र शिक्षा Samagra Shiksha

**Letter No. 27/25** **Dated 30.12.2025**

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of consumable items (Grocery) to Kasturaba Gandhi Balika Vidyalaya, Purunakatak Dist- Boudh (Odisha). Bids should be submitted in the envelope duly marked on the top **"Tender supply of Grocery items for Purunakatak KGBV"** Office of the Headmistress, KGBV Purunakatak Post- Purunakatak Block- Boudh, Dist: -Boudh, Pin- 762013 during office hours by 5.00 pm of Dt. **27.01.2026** through Speed Post /Registry Post/ Courier only. No other mode of submission should be accepted. The bid document shall be opened at 11.00AM on Dtd. **28.01.2026** in the office of the Headmistress, KGBV Purunakatak/District Project Coordinator, Samagra Shiksha, Boudh in the presence of the bidders or their authorized representatives and KGBV Procurement Committee. The terms and conditions for the tender can be downloaded from the official website **http.//www.osepa.odisha.gov.in** and **www.boudh.nic.in**.

**By the Order of DEO-cum-DPC**
**Headmistress**
**KGBV, Purunakatak**

**OIPR-**

C-1942 ପୌରପରିଷଦ କାର୍ଯ୍ୟାଳୟ,ପାରଳାଖେମୁଣ୍ଡି, ଗଜପତି

**OFFICE OF THE MUNICIPAL COUNCIL PARALAKHEMUNDI GAJAPATI**

Phone No.: 06815-222052 e-Mail: parala.mply@gmail.com

Letter No.4603 Date 30.12.2025

**QUOTATION CALL NOTICE**

Sealed quotations are invited from agency having relevant certificates and past experience for the work "Ward level wall painting on IEC activities relating to sanitation theme for wide awareness of ward habitants". The tender paper will be available on payment of Rs.3000/- (Rupees Three Thousand) only (which is non refundable) in shape of Demand Draft in any Nationalized Bank payable at Paralakhemundi in favour of Executive Officer, Paralakhemundi Municipality or payment of cash. The prescribed bid documents & related terms conditions can be downloaded from www.gajapati.odisha.gov.in or purchased from office from dated 01.01.2026. The Quotations with double cover must comprise with technical bid & the Financial bid. The quotations should reach this office on or before 09.01.2026 by 01.00 PM through Speed Post / Register Post only and the technical bid will be opened on 12.01.2026 at 11.00 AM and financial bid will be open on 16.01.2026 at 11.00 A.M. in presence of the agency or their authorized representative if any.

Quotation incomplete in any respect / received after due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

**Executive Officer**
**Paralakhemundi Municipality**

**OIPR-**

# ରୋଟାରୀ କ୍ଲବ୍ ଅଫ୍ ବାରିପଦା ମୟୂର୍ ପକ୍ଷରୁ କମ୍ବଳ ବଣ୍ଟନ



ବାରିପଦା,୩୧।୧୨(ସମିସ): ଶୀତ ଋତୁରେ ଗରିବ ଓ ଅସହାୟ ଲୋକଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ରୋଟାରୀ କ୍ଲବ୍ ଅଫ୍ ବାରିପଦା ମୟୂର୍ ପକ୍ଷରୁ ବାରିପଦାର ଦେବେନ୍ଦ୍ରପୁର ଗାଁରେ ଏକ ନିଃଶୁଳ୍କ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୨୦ ଜଣ ଗରିବ ଓ ଦୁର୍ବଳ ବର୍ଗର ଲୋକଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଇଂ ସୁବ୍ରତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱୟଂ କମ୍ବଳ ବଣ୍ଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ରୋଟାରୀ କ୍ଲବ୍‌ର ମାନବିକ ସେବାମୂଳକ କାର୍ଯ୍ୟକଳାପକୁ ଉଚ୍ଚ ପ୍ରଶଂସା କରି ସମାଜର ସମସ୍ତ ବର୍ଗକୁ ଏପରି ସେବାମୂଳକ କାର୍ଯ୍ୟରେ ଯୋଗଦେବା ପାଇଁ ଆହ୍ୱାନ ଜଣାଇଥିଲେ। କ୍ଲବ୍‌ର ପରାମର୍ଶଦାତା ରୋଟାରିୟନ ନିରୋଜ କୁମାର ପଣ୍ଡା, ସଭାପତି ରୋଟାରିୟନ ଡା ଜଗବନ୍ଧୁ ମିଶ୍ର, ସଚିବ ରୋଟାରିୟନ ଇଂ ସୌମ୍ୟରଞ୍ଜନ ମିଶ୍ର, ରୋଟାରିୟନ ଡା. ଏମ୍ ହିମାବିନ୍ଦୁ ଓ ରୋଟାରିୟନ ଡ. ଜୟଶ୍ରୀ ନନ୍ଦ ଓ ଅନ୍ୟାନ୍ୟ ସଦସ୍ୟ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ଭାବେ ସହଯୋଗ କରିଥିଲେ। ଶୀତ ଋତୁରେ ଆବଶ୍ୟକମନ୍ଦ ଲୋକଙ୍କୁ ସହାୟତା ଦେବା ମାଧ୍ୟମରେ 'ସର୍ଭିସ୍ ଏବଂ ସେଲ୍ଫ' ଭବିଷ୍ୟତରେ ମଧ୍ୟ ଏପରି ଜନହିତକର କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଜଣାଇଛି।


# ଖୁଣ୍ଟା ଓ ପଶୁଦା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ

କୁଆମରା ୩୧।୧୨(ସମିସ):



ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟା ଓ ପଶୁଦା ଲ୍ୟାମ୍ପସରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଖୁଣ୍ଟା ଲ୍ୟାମ୍ପସର ସଭାପତି ସୁକେଶ୍ୱର ମଡେଇ ମଣ୍ଡି କୁ ଉଦଘାଟନ କରିଥିଲେ। ନିର୍ଦ୍ଦେଶକ ସର୍ବେଶ୍ୱର ବେହେରା, ପ୍ରଦୀପ ଉପାଧ୍ୟାୟ, ଚାଷୀ ସଭ୍ୟ କମଳାକାନ୍ତ ମହାକୁଡ, ବିଶ୍ୱଜିତ ତରେଇ, ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲ୍ୟାମ୍ପସର ଏମ୍ ଡି ରଶ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ତାପସ ବେହେରା, ଶ୍ରୀତମ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଚଳିତ ବର୍ଷ ୧୩୪୦ ଜଣ ଚାଷୀ ଙ୍କ ଠାରୁ ୫୦ ହଜାର କ୍ୱିଣ୍ଟାଲ ଧାନ କିଣାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ଏମଡି ସୂଚନା ଦେଇଛନ୍ତି। ତେବେ ଖୁଣ୍ଟା ଠାରେ ସୋମ, ମଙ୍ଗଳ, ବୁଧ ଓ ରାଣୀବନ୍ଧ ଠାରେ ଶୁକ୍ର ଓ ଶନିବାର ଦିନ ଧାନ କିଣାଯିବାର ଚାଷୀ ଙ୍କୁ ପରାମର୍ଶ ଦିଆ ଯାଇଛି। ସେହିପରି ପଶୁଦା ଲ୍ୟାମ୍ପସରେ ଚଳିତ ଖରିଫ ଋତୁରେ ଚାଷ ହୋଇଥିବା ୫୪୭ ଚାଷୀ ଙ୍କ ଠାରୁ ୨୫ ହଜାର କ୍ୱିଣ୍ଟାଲ ଧାନ କିଣା ଯିବାର ଲକ୍ଷ୍ୟ ରହିଛି ବୋଲି ଏମ୍ ଡି ନିର୍ମଳ ଚନ୍ଦ୍ର ସେନ ସୂଚନା ଦେଇଛନ୍ତି। ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ଧାନ କିଣାଯିବ ବୋଲି କୁହାଯାଇଛି। ତେବେ ଆଜି ଉଦଘାଟନ ଉତ୍ସବରେ ଲ୍ୟାମ୍ପସର ସଭାପତି ମୁନୀ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଣ୍ଡି କୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା ନିର୍ଦ୍ଦେଶକ ନିର୍ମଳ ସେନ, ସଭ୍ୟ ଜୟନ୍ତ କୁମାର ବାରିକ, ପଞ୍ଚାନନ ବାରିକ, ସୁଶାନ୍ତ କୁମାର ପଣ୍ଡା, ଚାଷୀ କମିଟିର ସଭ୍ୟ ଗଜେନ୍ଦ୍ର ଫଦୁକାର, ରଜତ କଟୁଆଳ, ଆର ଏମ୍ ସିର କରୁଣାକର ନାୟକ, କର୍ମଚାରୀ ସଞ୍ଜୟ କୁମାର ବେନ୍ତାଳ, ରବୀନ୍ଦ୍ର ପ୍ରଧାନ, ଅଭିନବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଜି ୩ ଚାଷୀଙ୍କ ଠାରୁ ୨୧୦ କ୍ୱିଣ୍ଟାଲ ଧାନ କିଣାଯାଇ ଶୁଭାରମ୍ଭ ହୋଇଛି।

# ମୁକୁଳା ପଡ଼ିଛି ବିଦ୍ୟୁତ ଟ୍ରାନ୍ସଫର୍ମର



କୁଆମରା,୩୧।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ବିଦ୍ୟୁତ ଷ୍ଟକଚର ଅଧୀନରେ ଥିବା ସିକିଡିଆ ଓ ବାଲିଗଡିଆଠାରେ ସ୍ଥାପନ ହୋଇଛି ବିଦ୍ୟୁତ ଟ୍ରାସଫର୍ମର। ତେବେ ଟାଟା ପାୱାର ଶକ୍ତି ହାତକୁ ନେବାର ତିନି ବର୍ଷ ପରେ ବି ଟ୍ରାସଫର୍ମର ଚାରି ପାଖରେ ସୁରକ୍ଷା ବାଡ ନାହିଁ। ଏପରିକି ଅନେକ ସ୍ଥାନରେ ମୁକୁଳା ପଡ଼ିଛି। ଯାହା ଅନେକ ସମୟରେ ବିପଦକୁ ଆମନ୍ତ୍ରଣ କରୁଛି। ରାସ୍ତା ପାଶ୍ୱର୍ ରେ ଏହି ଟ୍ରାସଫର୍ମର ଗୁଡ଼ିକ ରହିଛି। ଟ୍ରାସଫର୍ମର ଭିତରୁ ଆସିଥିବା ତାର ଗୁଡିକ ମାଟି ଉପରୁ ମାତ୍ର ଦୁଇ ତିନି ଫୁଟ ଉଚ୍ଚ ରେ ରହିଥିବା ଯୋଗୁଁ କେତେବେଳେ କେଉଁ ବିପଦ ଆସିବ ତାହା କହିହେବ ନାହିଁ। ବୁଲା ଗୋରୁ ଗାଈ ପ୍ରାୟତଃ ଚୋରାବୁଲା କରୁଥିବା ବେଳେ ସେଠାରେ ଲାଗିଯିବାର ସମ୍ଭାବନା ରହିଛି। ତତ୍‌ସହିତ ଛୋଟ ଛୋଟ ପିଲା ମାନେ ମଧ ଖେଳା ବୁଲା କରୁଛନ୍ତି। ତେବେ ବିଭାଗୀୟ ଦାୟିତ୍ୱ ହୀନତାକୁ ସାଧାରଣ ରେ ନିନ୍ଦା କରାଯାଇଥିବା ବେଳେ ଏହାର ଚାରି ପାଖ ସୁରକ୍ଷା ବାଡ ବସାଇବାର ଦାବି ହେଉଛି।

# ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ବାରିପଦା,୩୧।୧୨(ସମିସ): ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସପ୍ତରଙ୍ଗ-୨୦୨୫ ପାଳିତ ହୋଇଯାଇଛି। ଅଧକ୍ଷ ଡ. ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଭାବେ ଅଧ୍ୟୟନ କରିବା ଏବଂ ଆଗାମୀ ଜୀବନରେ ବଡ଼ ମଣିଷ ହେବା ସହିତ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବାକୁ ପ୍ରେରଣା ଦେଇଥିଲେ। ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ଦୁଃଖବନ୍ଧୁ ନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉପଦେଷ୍ଟା ପ୍ରଫେସର ତୁଷାର କାନ୍ତି ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ସୁନାମ ପାଇଁ ତଥା ନିଜର ଉନ୍ନତି ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସଭା ପ୍ରାରମ୍ଭରେ ଇଂରାଜୀ ଅଧ୍ୟାପକ ସଂଜୀବ କୁମାର ଅତିଥିମାନଙ୍କୁ ମଞ୍ଚକୁ ଅମନ୍ତ୍ରଣ କରିଥିବା ବେଳେ ଅଧକ୍ଷ ଡ଼ଃ ପ୍ରବୋଧ କୁମାର ଦେ ପରିଚୟ ପ୍ରଦାନ କରିଥିଲେ। ନାଟ୍ୟ ପରିଷଦର ଉପସଭାପତି ପ୍ରଶାନ୍ତ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଇଂରାଜୀ ବିଭାଗର ଛାତ୍ରୀ ସୁଶ୍ରୀ ଅନୁଷ୍କା ପାତ୍ର ବିଶ୍ୱବିଦ୍ୟାଳୟସ୍ତରରେ ସର୍ବାଧିକ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ଓ ବିଭିନ୍ନ ସାଂସ୍କୃତିକ ଓ ଶୈକ୍ଷିକ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ସୁଶ୍ରୀ ସୌମ୍ୟା ଦାସ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ ସହାୟତା କରିଥିଲେ।

# ଜାମଡ଼ିହା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ

ପିଙ୍ଗୁ,୩୧।୧୨(ସମିସ): ଜାମଡ଼ିହା ଲ୍ୟାମ୍ପସ୍ ପକ୍ଷରୁ ଜାମଡ଼ିହା ପିପିସି ପ୍ରାଙ୍ଗଣରେ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଅବସରରେ ସ୍ଥାନୀୟ ସରପଞ୍ଚ ସବିତା ସିଂ, ପରିଚାଳନା ପରିଷଦର ସଭାପତି ପ୍ରସନ୍ନ କୁମାର ବିଶ୍ୱାଳ, ପରିଚାଳନା ପରିଷଦର ସଭ୍ୟ, ପରିଚାଳନା ନିର୍ଦ୍ଦେଶକ ଧାନକ୍ରୟ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଚାଷୀଙ୍କୁ ଏଫଏକ୍ୟୁ ମାନର ଧାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଧାନମଣ୍ଡି ଉଦ୍‌ଘାଟନ ଦ୍ୱାରା ପଞ୍ଜିକୃତ ଚାଷୀ ନିଜ ଉତ୍ପାଦିତ ଧାନକୁ ୩୧୦୦ ଟଙ୍କା ସରକାରୀ ଦରରେ ବିକ୍ରୟ କରିପାରିବେ। ଜାମଡ଼ିହା ଲ୍ୟାମ୍ପସ୍‌ର ୯ଟି ପଞ୍ଚାୟତରୁ ୧୭୦୦ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଥିବା ଲ୍ୟାମ୍ପସ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜାମଡ଼ିହା ଅଧୀନରେ ନୁଦଡ଼ିହା ପିପିସି, ଜାମଡ଼ିହା ପିପିସି ଓ ଗୌଡ଼ଗାଁ ପିପିସିରେ ଧାନ କ୍ରୟ କରାଯିବ ବୋଲି ସ୍ଥିର କରାଯାଇଛି।



# ଜାତୀୟ ଯୋଗାସନ ପ୍ରତିଯୋଗିତାରେ ନିହାରଙ୍କ କୃତିତ୍ୱ

ବାରିପଦା,୩୧।୧୨(ସମିସ): ରାଞ୍ଚିଠାରେ ଅନୁଷ୍ଠିତ ୫୦ ତମ ଜାତୀୟ ଯୋଗ ସ୍ପୋର୍ଟସ ଚାମ୍ପିଅନସିପରେ ମୟୂରଭଞ୍ଜର ନିହାର ରଞ୍ଜନ ସାହୁ ୮ରୁ ୧୦ ବର୍ଷ ବାଳକ ବିଭାଗରେ ୨ୟ ସ୍ଥାନ ଅଧିକାର କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରକାଶ ଥାଉକି କଟକ ଠାରେ ଅନୁଷ୍ଠିତ ୩୧ ତମ ରାଜ୍ୟ ସ୍ତରୀୟ ଯୋଗ ପ୍ରତିଯୋଗିତାରେ ବାରିପଦାର ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ପ୍ରସାଦ ବାରିକ, ନିହାର ରଞ୍ଜନ ସାହୁ, କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ ବାଳକ ବିଭାଗରେ ଏବଂ ବାଳିକା ବିଭାଗ ରେ ଜିଜ୍ଞାସା ମହାନ୍ତ କୃତିତ୍ୱ ହାସଲ କରି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି ଓ ସେମାନଙ୍କ ମଧ୍ୟରୁ ବାରିପଦାର ୩ନଂ ୱାର୍ଡ ସ୍ଥିତ ମାଇନିଂ କଲୋନୀ ନିବାସୀ ପ୍ରବୀର କୁମାର ସାହୁ ଓ ସସ୍ମିତା ସାହୁଙ୍କ ପୁତ୍ର ନିହାର ଜାତୀୟ ସ୍ତରରେ ଏହି କୃତିତ୍ୱ ହାସଲ କରିଛନ୍ତି। ନିହାର ବର୍ତ୍ତମାନ ଭଞ୍ଜପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୫ମ ଶ୍ରେଣୀର ଛାତ୍ର।



# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ଉଦଳା ୩୧।୧୨(ସମିସ): ଉଦଳା ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ସମାରୋହ ଭୀମତାଳି ପଞ୍ଚାୟତ ଅନ୍ତର୍ଗତ ପରିଡ଼ା ଜଗନ୍ନାଥ ଭିଲ୍ଲାଠାରେ କାର୍ଯ୍ୟକାରୀ ସଭାପତି ଡ. ସଚ୍ଚିଦାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଡେଇ ଯୋଗଦେଇ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ କପ୍ତିପଦା ଉପଖଣ୍ଡର ସର୍ବାଙ୍ଗୀନ ବିକାଶ ନିମନ୍ତେ ରେଳ ସଂଯୋଗ, ଦେବକୁଣ୍ଡ, ସମୀବୃକ୍ଷ, ଜୟବନ୍ଧ, ବାଘାଯତୀନ ପ୍ରତିମୂର୍ତ୍ତି ଓ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତି ଓ ବିଭିନ୍ନ ସଂଘ ତଥା ମନ୍ଦିରର ବିକାଶ ଦିଗରେ ନେଇଥିବା ବିଭିନ୍ନ ପଦକ୍ଷେପ ଓ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟର ବିକାଶ ଦିଗରେ ଦେଇଥିବା ଅନୁଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ ଏନଏସି ରାସ୍ତା, ନାଳ ଓ ଆଲୋକୀ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ସଂଘ ଗୃହର ପୂର୍ଣ୍ଣାଙ୍ଗ ଦିଗରେ ଦୃଷ୍ଟି ଦେବାକୁ ମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦିଲ୍ଲୀପ ଦୀକ୍ଷିତ ଯୋଗ ଦେଇଥିଲେ। ଉପସଭାପତି ସଚ୍ଚିଦାନନ୍ଦ ପରିଡା ଏନଏସିକୁ ପଲିଥିନ୍‌ମୁକ୍ତ ଓ ବରିଷ୍ଠ ନାଗରିକଙ୍କ କାର୍ଯ୍ୟାଳୟର ପୂର୍ଣ୍ଣାଙ୍ଗ କରିବା ପାଇଁ ମତ ପ୍ରଦାନ କରିଥିଲେ। ସଦସ୍ୟ ନରେନ୍ଦ୍ର ଜେନା ଭାଗବତ ଟୁଙ୍ଗୀ ଓ ସଂଘ ସଦସ୍ୟଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ।

ପୁରାତନ ସଦସ୍ୟ ପ୍ରଭାତ ପରିଡା ସାଇବର କ୍ରାଇମ୍ ସଚେତନତା, ଓଡିଆ ମାଧ୍ୟମ ବିଦ୍ୟାଳୟ ପ୍ରତି ଗୁରୁତ୍ୱ, ଏନଏସିର ବିକାଶ, ରେଳ ସଂଯୋଗ ଉପରେ ପ୍ରାଧାନ୍ୟ ଦିଆଯିବାକୁ କହିଥିଲେ। ଶ୍ରୀମତୀ ଶାନ୍ତିଲତା ପଣ୍ଡା (୧୦୬)ଙ୍କୁ ଉଦଳାର ଶତାୟୁ ମହିଳା ଭାବେ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ସହସମ୍ପାଦକ ଅଶୋକ ମହାନ୍ତି, କାଶୀନାଥ ଦାସ, ନରେନ୍ଦ୍ର ରାଉତ ଯୋଗଦେଇ ସଂଘ ବିକାଶର ଦିଗ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ପ୍ରାକ୍ତନ ସଭାପତି ଜୟଚନ୍ଦ୍ର ପତ୍ରୀ ଓ ଅନ୍ୟାନ୍ୟ ସଦସ୍ୟଙ୍କ ବିୟୋଗରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିବାବେଳେ ସହସମ୍ପାଦକ ଅଶୋକ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।



# ୩ଲକ୍ଷ ଟଙ୍କାର ସାଇବର ଠକେଇ

ବାରିପଦା,୩୧।୧୨(ସମିସ): ସାଇବର ଅପରାଧୀ ମାନେ ମୋବାଇଲ ଆପ୍ଲିକେସନ ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ୩ ଲକ୍ଷ ୪୫ହଜାର ଟଙ୍କା ଠକି ନେଇଛନ୍ତି। ଏନେଇ ଠକେଇ ଶିକାର ବଡ଼ସାହି ଥାନା ଅନ୍ତର୍ଗତ ଖାନୁଆ ଅଞ୍ଚଳର ପଲାଶବଣି ଗ୍ରାମର ଗଣେଶ୍ୱର ପାଣ୍ଡେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ସେ ମୋବାଇଲରେ ୟନୋ ଏସବିଆଇ ଆପ୍ଲିକେସନ ଡାଉନଲୋଡ କରିଥିଲେ। ଏହାର କିଛି ସମୟ ପରେ ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ନିଜକୁ ୟନୋ କର୍ମଚାରୀ କହି ପିନ, କାର୍ଡ ନମ୍ବର ଆଦି ତଥ୍ୟ ନେଇଥିଲେ। ଏହାପରେ ଏକ ଲିଙ୍କ କ୍ଲିକ କରିବାକୁ କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଲିଙ୍କ କ୍ଲିକ କରିବାରୁ କ୍ଷଣିକ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟରୁ ୩,୪୫,୦୦୦ଟଙ୍କା ଗାୟବ ହୋଇ ଯାଇଥିଲା। ଠକେଇ ନେଇ ଜାଣିବା ପରେ ତୁରନ୍ତ ବ୍ୟାଙ୍କକୁ ଜଣାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଉଦଳା,୩୧।୧୨(ସମିସ): ଇନ୍ଦିରାଗାନ୍ଧୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରହୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ସର୍ବ ପ୍ରଥମେ ଉଦଳା ୱାର୍ଡ ନଂ ୧ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀମାନେ ଉପସ୍ଥିତ ହୋଇ ପୂଜାର୍ଚ୍ଚନା ପୂର୍ବକ ଏକ ମଶାଲଯାତ୍ରାରେ ବାହାରିଥିଲେ। ସେଠାରେ ବସନ୍ତ କୁମାର ପରିଡା ମହାବିଦ୍ୟାଳୟର ପରିଚାଳନା କମିଟିର ପ୍ରଥମ ସଂପାଦକ ତଥା ଉଦଳାର ଜଣେ ବରିଷ୍ଠ ବ୍ୟକ୍ତି ନିମନ୍ତ୍ରିତ ଅତିଥି ରୂପେ ପତାକା ଉତ୍ତୋଳନ କରି ଛାତ୍ରୀମାନଙ୍କୁ କ୍ରୀଡାର ବିଶେଷତ୍ୱ ବିଷୟରେ ଅବଗତ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରୁଥିଲେ। ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିବା ଉଦଳା ବିଜ୍ଞାପିତ ପରିଷଦର ଅଧ୍ୟକ୍ଷ ପ୍ରମିଳା ପଣ୍ଡା ପାଠ ସହିତ କ୍ରୀଡା ମଧ୍ୟ ଜଣେ ଛାତ୍ରୀଙ୍କୁ ଦେଶ ବିଦେଶରେ ସମ୍ମାନୀତ କରି ପାରିବ ବୋଲି ଛାତ୍ରୀର ମହତ୍ୱ ଛାତ୍ରୀଙ୍କ ଜୀବନରେ ରହିଛି ଏବଂ ପାଠ ସହିତ କ୍ରୀଡ଼ାକୁ ଧ୍ୟାନ ଦେବା ଉଚିତ ବୋଲି ନିଜର ବକ୍ତ୍ୟବ ରଖିଥିଲେ। ଏହି ସଭାରେ ସମସ୍ତ କୃତୀ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କ୍ରୀଡା ଉତ୍ସବକୁ କ୍ରୀଡ଼ା ଶିକ୍ଷୟିତ୍ରୀ ଗୁଞ୍ଜନା ଭୂୟାଁ ପରିଚାଳନା କରିଥିଲେ। ଅଧ୍ୟାପକ ବିବେକାନନ୍ଦ ଦାସବାବୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ରାଇରଙ୍ଗପୁର,୩୧।୧୨(ସମିସ):



ରାଇରଙ୍ଗପୁର ମହୁଲଡ଼ିହା ସ୍ଥିତ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ଖେଳ ପଡ଼ିଆରେ ଆୟୋଜିତ ତିନି ଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଇରଙ୍ଗପୁର ପୌରରପାଳିକା ନଗରପାଳ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମ, ଜିଲ୍ଲା ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ର, ରାଇରଙ୍ଗପୁର ଜିଲ୍ଲା କୃଷି ଅଧିକାରୀ ରଶ୍ମିତା ମହାପାତ୍ର, ବହଳଦା ଜିଲ୍ଲା କୃଷି ଅଧିକାରୀ ଶ୍ରଦ୍ଧା ହୋତା, ସହକାରୀ ନିର୍ବାହୀ ଯନ୍ତ୍ରୀ ତରଣୀକାନ୍ତ ଦାସ, ବ୍ଲକ କୃଷି ଅଧିକାରୀ ଅଭିଜିତ ପ୍ରଧାନ, ସହକାରୀ କୃଷି ଅଧିକାରୀ ଧରିତ୍ରୀ ଟୁଡୁ ପ୍ରମୁଖ ଯୋଗେ ଥିଲେ। ପ୍ରଦୀପ ପ୍ରଜ୍?ଳନ କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅତିଥି ମାନେ ମେଳା ଷ୍ଟଲ ଗୁଡ଼ିକ ବୁଲି ଦେଖିଥିଲେ। ଡିସେମ୍ବର ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଉକ୍ତ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଛି। ଉନ୍ନତ ଚାଷ କାର୍ଯ୍ୟ ନିମନ୍ତେ ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ଆବଶ୍ୟକତା ରହିଛି। ଯାହାର ଉକ୍ତ ମେଳା ଜରିଆ ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ସରକାରୀ ଆର୍ଥିକ ସହାୟତା, କୃଷି ଓ ଆନୁସାଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗ ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀ ମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେନେଇ ଅତିଥି ମାନେ ମତପ୍ରକାଶ କରିଥିଲେ। ଅମଳ ତଥା ଅମଳ ବୃଦ୍ଧି ନିମନ୍ତେ ଉନ୍ନତ ଯାନ୍ତ୍ରିକକରଣ ବ୍ୟବସ୍ଥା ତଥା ଏଥିରେ ଚାଷୀ ମାନଙ୍କ ଭୂମିକା ସଂପର୍କରେ ଆଲୋଚନା କରିଥିଲେ। କୃଷିରେ ଉନ୍ନତ ଯାନ୍ତ୍ରିକୀକରଣ ଯୋଗୁ ଆଜିର ସମୟରେ ଉତ୍ପାଦନ ବଢିବା ଓ ଅମୃତ ଦେଶର ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ କରିବାକୁ ସହାୟକ ହେବ ବୋଲି ଚାଷୀ ମାନଙ୍କୁ ବିଭିନ୍ନ ଦିଗରୁ ଉଦାହରଣ ଦେଇ ବୁଝାଇଥିଲେ। ଚାଷୀ ମାନେ କିପରି ଏହାର ସୁବିଧା ନେଇପାରିବେ ସେ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅଗ୍ରଣୀ କୃଷକ ମାନଙ୍କୁ ପୁରସ୍କାର ଓ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା। ଷ୍ଟଲ ଦୋକାନୀ ଓ ଡିଲର ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଭିଏଡବ୍ଲୁ ରାଜ କୁମାର ମହାନ୍ତ, ଏଓ ନିଶିକାନ୍ତ ଧଳ, ଉତ୍ତମ କୁମାର ଗିରି, ମଳୟ କୁମାର ଗିରି, ଅନୀଲ କୁମାର ବିନ୍ଧାଣି, ସୁବାସ ଚନ୍ଦ୍ର ପାତ୍ର, ବୁଦ୍ଧଦେବ ଧଳ, ଦିଲ୍ଲୀପ କୁମାର ଦତ୍ତ, ପରମେଶ୍ୱର ମାଝୀ, ସୁଗୁଧା ମାଝୀ, ଶୈଳେଶ ପ୍ରଧାନ, ଅନିପା ସୋରେନ ସମେତ କୃଷକ ସାଥି ମାନେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବାସୁଲୀ ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକୋତ୍ସବ

ମହୁଲଡିହା,୩୧।୧୨(ସମିସ): ଠାକୁରମୁଣ୍ଡା ବ୍ଲକ୍‌ର ମା' ବାସୁଲୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷ ଅଜୟ ବିଜୟ ନନ୍ଦ ଶର୍ମାଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ପଦ୍ମ ଚରଣ ହାଇବୁରୁ ଯୋଗଦେଇ ସତ୍‌ଶିକ୍ଷା, ଗୁରୁଜନଙ୍କୁ ସମ୍ମାନ, ସାନକୁ ଆଦର କରିବା ବିଦ୍ୟାର୍ଥୀଙ୍କୁ ମାର୍ଜିତ କରିବା ସହିତ ସମାଜରେ ଜଣେ ଭଲମଣିଷ ଗଢ଼ିତୋଳିବାର ସହାୟକ ହୋଇଥାଏ ବୋଲି କହିଥିଲେ। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଶରତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଅଶୋକ ସାହୁ ଯୋଗଦେଇ ଶିକ୍ଷାକୁ ଗୁରୁତ୍ୱ ଦେଇ ଛାତ୍ର ଛାତ୍ରୀ ନିରନ୍ତର ସାଧନ କଲେ ନିଶ୍ଚିତ ସଫଳତା ମିଳିବ ଓ ଜୀବନରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହେବ। କେବଳ ପାଠ ପଢି ସଫଳତା ପାଇବାକୁ ହେଲେ କଳା ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ସମ୍ମାନ ଦେବା ଉଚିତ୍ ବୋଲି କହିଛନ୍ତି। ଛାତ୍ର ଛାତ୍ରୀ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ କପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ବିଭାଗରେ ଦେବଦତ୍ତ ପଲେଇ ଓ ଅନୁପମା ମହାନ୍ତ ଚାମ୍ପିଅନ ହୋଇଥିବା ବେଳେ କ୍ରୀଡ଼ା ବିଭାଗରେ ବିକ୍ରମ ହାଇବୁରୁ ଓ ଚାନ୍ଦିନୀ ସାମାଡ ଚାମ୍ପିଅନ ହୋଇଥିଲେ। ଅଧ୍ୟାପକ ଅନିଲ କୁମାର ପ୍ରଧାନ, ଅଧ୍ୟାପକ ଡଃ ମନୋରଞ୍ଜନ ଦ୍ୱିବେଦୀ,ଅଧ୍ୟାପକ ଗୋବର୍ଦ୍ଧନ ମହାନ୍ତ, ଅଧ୍ୟାପକ ଡଃ ପ୍ରକାଶ କୁମାର ତ୍ରିପାଠୀ, ଅଧ୍ୟାପକ ଡଃ ମାନସ କୁମାର ଜେନା ଓ କର୍ମଚାରୀ ଅଜୟ କୁମାର ନାୟକ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଜୟନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଚକଧର ପ୍ରକଳ୍ପ ବନ୍ଦ ଘୋଷଣା

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ସମନ୍ୱୟ ସମିତି



**ତେଲକୋଇ,୩୧।୧୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇସ୍ଥିତ ସମାକୋଇ ଚକଧର ଜଳ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିବାପରେ ସମାକୋଇ ଚକଧର ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଯାହାକୁ ନେଇ ଚକଧର ସମନ୍ୱୟ ସମିତି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ଏହି କୃତଜ୍ଞତା ବାର୍ତ୍ତା ଦେଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ସମଗ୍ର ତେଲକୋଇ ଅଞ୍ଚଳରେ ଖୁସିର ମହୋଲ ସୃଷ୍ଟି ହୋଇଛି। ଏହି ଘୋଷଣା ତେଲକୋଇ ବାସୀଙ୍କ ପାଇଁ ନୂଆ ବର୍ଷ ର ଭେଟି ବୋଲି କୁହାଯାଉଛି। ଫଳରେ ତେଲକୋଇବାସୀଙ୍କ ମଧ୍ୟରେ ବିସ୍ଥାପିତର ଯେଉଁ ଭୟ ରହିଥିଲା ତାହା ଉପରେ ଯବନିକା ପଡ଼ିବା ଗ୍ୟାରେଣ୍ଟି ହୋଇଛି। ତେବେ ପ୍ରକାଶ ଥାଉକି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ କରଦାଙ୍ଗୀସ୍ଥିତ ସମାକୋଇ ନଦୀର ତଳମୁଣ୍ଡ ଚକଧର ଠାରେ ପ୍ରସ୍ତାବିତ ସମାକୋଇ ଚକଧର ଜଳ ପ୍ରକଳ୍ପ ନିର୍ମାଣ ପାଇଁ ସରକାରଙ୍କ ପ୍ରଥମ ବଜେଟରେ ସ୍ଥାନ ପାଇଥିଲା। ଏହି ପ୍ରକଳ୍ପ ନିର୍ମାଣ ହେଲେ ତେଲକୋଇ ଅଞ୍ଚଳର ଇଞ୍ଚେ ଜମି ଜଳ ସେଚନ ହେବ ନାହିଁ ବରଂ ତେଲକୋଇ ବ୍ଲକର ୪୦ରୁ ଅଧିକ ଗ୍ରାମ ଜଳ ମଗ୍ନ ହୋଇଯିବ। ହଜାର ହଜାର ପରିବାର ଭିଟା ମାଟି ହରାଇ ବିସ୍ଥାପିତ ହେବେ। ନିଜର ଜୀବନ ଜୀବିକା ହରାଇବେ। କେନ୍ଦୁଝର ମାଟିକୁ ବୁଡାଇ ସରକାର ଅନୁଗୁଳ ରେଙ୍ଗାଳି ବୁଡି ଅଞ୍ଚଳ ବିସ୍ଥାପିତ ତଥା ଅନୁଗୁଳ ମାଟିର ପାଳ ଲହଡ଼ା ଓ କଣିହାଁ ବ୍ଲକର କେତେକ ଅଞ୍ଚଳ ଚାଷ ଜମିକୁ ଜଳ ଯୋଗାଇବାକୁ ଯୋଜନା କରିଥିଲେ। ଏହାକୁ ତେଲକୋଇ ଅଞ୍ଚଳବାସୀ ତୀବ୍ର ବିରୋଧ କରି ଆସୁଥିଲେ। ଚାରି ଦଶନ୍ଧି ହେବ ଲଢେଇ ଜାରି ରହିଥିଲା। ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ତେଲକୋଇ ଅଞ୍ଚଳବାସୀ ଏକତ୍ରିତ ହୋଇ ସମାକୋଇ ଚକଧର ସମନ୍ୱୟ ସମିତି ଗଠନ ହୋଇଥିଲା। ସମିତିର ଆହ୍ୱାନ କ୍ରମେ ତେଲକୋଇ ଅଞ୍ଚଳବାସୀ ୪ ଥର ଆନ୍ଦୋଳନକୁ ଉହ୍ଲାଇଥିଲେ।

ଏହି ଆନ୍ଦୋଳନ ପରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୨୮ ତାରିଖ ତେଲକୋଇ ସ୍ଥିତ ସିରିଗିଡା ଗସ୍ତରେ ଆସି ପ୍ରସ୍ତାବିତ ଚକଧର ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରିଥିବା ନେଇ ଘୋଷଣା କରିଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି କୈଳାସ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ, ସହ ସମ୍ପାଦକ ଅରକ୍ଷିତ ପ୍ରଧାନ, ଉପଦେଷ୍ଟା ବାବୁଲାଲ ପ୍ରଧାନ, ସଂଗ୍ରାମ ସମିତି ସଭାପତି କେଶରୀ ଚନ୍ଦ୍ର ରାଉତ, ଆଇନଜୀବୀ ନାରାୟଣ ପ୍ରଧାନ, ଆଇନଜୀବୀ ଅନିଲ କୁମାର ପ୍ରଧାନ, ସଂଗ୍ରାମୀ ସଦସ୍ୟ ଓ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଶିକ୍ଷାନୁଷ୍ଠାନ ପରିସରରେ ବୁଲାକୁକୁର, ଗୋରୁଗାଈ ନିୟନ୍ତ୍ରଣ ନେଇ ସଚେତନତା



**ବାରିପଦା,୩୧।୧୨(ସମିସ):** ଶିକ୍ଷାନୁଷ୍ଠାନ ପରିସର ମଧ୍ୟରେ ବୁଲା କୁକୁର ଓ ଗୋରୁଗାଈଙ୍କ ପ୍ରବେଶ ଓ ତତ୍‌ଜନିତ ଘଟିବାକୁ ଥିବା ସାମ୍ଭାବ୍ୟ ଦୁର୍ଘଟଣା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ନିଯୁକ୍ତ ନୋଡାଲ ଅଧିକାରୀ ଡକ୍ଟର ମନୋରଞ୍ଜନ ନାଏକ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ସଭାପତି ଡକ୍ଟର ସାଗରିକା ସିଂହ ମହାବିଦ୍ୟାଳୟ ପରିସରକୁ କିପରି ବୁଲା କୁକୁର ଓ ଗୋରୁଗାଈଙ୍କ ପ୍ରବେଶ ନ ହୋଇପାରିବ, ସେଥିପ୍ରତି ଆମେ ସମସ୍ତେ ଦାୟିତ୍ୱବାନ ହେବା ଆବଶ୍ୟକ। ଆମ ସଂସ୍କୃତିର ଆଦର୍ଶ 'ଜୀବେ ଦୟା' ଧର୍ମକୁ ମଧ୍ୟ ଅନୁପାଳନ କରିବା ଉଚିତ୍ ବୋଲି କହିଥିଲେ। ଅତିଥି ଭାବେ କୁକୁର ପ୍ରଶିକ୍ଷକ ଭୋଗାନ ହେମ୍ବ୍ରମ ଯୋଗଦେଇ ବୁଲା କୁକୁରଙ୍କ ବ୍ୟବହାର ଓ ତାଙ୍କ ଆକ୍ରମଣରୁ କିପରି ବଞ୍ଚି ହେବ, ତା'ର କୌଶଳ ସଂପର୍କରେ କହିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ସହଯୋଗୀ କାଉନସିଲର ରଜନୀକାନ୍ତ ଶଙ୍ଖୁଆ ବୁଲା କୁକୁର ଓ ଗୋରୁଗାଈଙ୍କ କବଳରୁ ମହାବିଦ୍ୟାଳୟର ଛାତ୍ରୀ ଓ କର୍ମଚାରୀମାନଙ୍କୁ ବର୍ତ୍ତିବାର କୌଶଳ ଓ ପ୍ରତିଷେଧକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ସଂପର୍କରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମନୀଷା ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ବୈଷ୍ଣବୀ ଦେବୀ ସିଂହ, ସଞ୍ଜିତା ନାୟକ ଓ ପାର୍ବତୀ ମୁଣ୍ଡାଲୋହାର ପ୍ରମୁଖ ସହଯୋଗ କରିଥିଲେ। ଡକ୍ଟର ଦେବାନନ୍ଦ ବେହେରା, ଡକ୍ଟର ଚନ୍ଦ୍ରଶେଖର ଦାସ, ଲକ୍ଷ୍ମଣ ମୁର୍ମୁ ଉପସ୍ଥିତ ଥିଲେ।

## ଶିକ୍ଷକ ଭବନରେ ଉପେନ୍ଦ୍ର ସମାରୋହ

**ସୋର, ୩୧।୧୨(ସମିସ):** ସୋର ପୌର ପାଳିକା ଅନ୍ତର୍ଗତ ଶିକ୍ଷକ ଭବନ ଠାରେ ଉପେନ୍ଦ୍ରନାଥ ପ୍ରଧାନ ସ୍ମୃତି ପରିଷଦ ଆନୁକୂଲ୍ୟରେ 'ଉପେନ୍ଦ୍ର ସମାରୋହ ୨୦୨୫' ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଧୀରେନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ସଭାରେ ଓଡ଼ିଶାର ବିଶିଷ୍ଟ ଜନନେତା ଲିଙ୍ଗରାଜ ଆଜାଦ୍ ଉପେନ୍ଦ୍ରଙ୍କ ଭଳି ପ୍ରତିଭା ଆଜିର ଦୁନିଆରେ ବିରଳ ବୋଲି ମତ ପ୍ରକାଶ କରିବା ସହ ଭାରତବର୍ଷରେ ବିକାଶ ଆଜି ଦିଗଭ୍ରଷ୍ଟ ହୋଇଯାଇଛି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ବିଶିଷ୍ଟ ବ୍ୟଙ୍ଗକାର ଓ ସୁସାହିତ୍ୟିକ ଶ୍ରୀ ସତ୍ୟନାଶ ସାମାଜିକ ସ୍ଖଳନ, ଶିକ୍ଷାର ଅଧୋଗତି ଓ ସରକାରଙ୍କ ଅପାରଗତାକୁ ନେଇ ବ୍ୟଙ୍ଗ କରିବା ସହ ସ୍ୱଲିଖିତ କେତୋଟି ପେରୋଡ଼ି ଗାନ କରିଥିଲେ। ଉପେନ୍ଦ୍ରନାଥଙ୍କ ପରିବାର ସଦସ୍ୟ ଭାବେ ବସନ୍ତ କୁମାର ପ୍ରଧାନ ବକ୍ତବ୍ୟ ରଖିଥିବା ବେଳେ ଖଗେନ୍ଦ୍ର କୁମାର ପ୍ରଧାନ ଉପେନ୍ଦ୍ରଙ୍କ ସହ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ୨୦୨୫ ମସିହା ଲାଗି ଉପେନ୍ଦ୍ରନାଥ ସମ୍ମାନ ବଂଶୀଧର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ମାନସ କୁମାର ପୁହାଣ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶୈଳବାଳା ପଣ୍ଡା। ଅଞ୍ଜଳି ମହାପାତ୍ର ଓ ଆରତୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ସଫଳତା



**ବାରିପଦା,୩୧।୧୨(ସମିସ):** କଟକଠାରେ ଅନୁଷ୍ଠିତ ୭୧ତମ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ଖେଳାଳିମାନେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏ ନେଇ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି। ଟିମ ମ୍ୟାନେଜର ଶାନ୍ତିଲତା ରାଜ ଓ ନରେଶ ଚନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିବା ଦଳର ବିନ୍ଦି ସିଂ (୧୮ ବର୍ଷରୁ କମ) ଡିସ୍କସ ଥ୍ରୋ ରେ, ବାଲହି ମୁର୍ମୁ (୧୮ ବର୍ଷରୁ କମ) ୧୦୦୦ମି ଦୌଡ଼ରେ, ସନ୍ଧ୍ୟା ମୁର୍ମୁ (ମହିଳା ବର୍ଗ) ୧୦ ହଜାର ମିଟର ଦୌଡ଼ରେ ଓ ପୂର୍ଣ୍ଣିମା ହେମ୍ବ୍ରମ (ମହିଳା ବର୍ଗ) ହେପ୍‌ଟାଥଲୋନରେ ୧ମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ରାଜେଶ୍ୱରୀ ସିଂ (୨୩ ବର୍ଷରୁ କମ) ୪୦୦ ମି ଦୌଡରେ, ନାମସି ସମାଦ (୨୩ ବର୍ଷରୁ କମ) ୫ ହଜାର ଓ ୧୦ ହଜାର ମିଟର ଦୌଡ଼ରେ ୨ୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଏବଂ ସନ୍ଧ୍ୟା ମୁର୍ମୁ (ମହିଳା ବର୍ଗ) ୫ ହଜାର ମିଟର ଦୌଡ଼ରେ, କମଳିନୀ ମାର୍ଣ୍ଡି (୧୪ ବର୍ଷରୁ କମ) ଟ୍ରାଇଥୋଲନରେ, ପପାଲୀ ସିଂ (୧୬ ବର୍ଷରୁ କମ) ଓ ବିନ୍ଦି ସିଂ (୧୮ ବର୍ଷରୁ କମ) ସଟପୁଟ ଥ୍ରୋ ରେ, ମାଣ୍ଡୁଇ ପୂର୍ତ୍ତି (ମହିଳା ବର୍ଗ) ହେପଟାଥାଲୋନରେ, ସଳକ ସଞ୍ଜୟ (୨୦ ବର୍ଷରୁ କମ) ୫ ହଜାର ମିଟର ୱାକିଙ୍ଗରେ ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି ଓ ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସଏ ନିଜ କାର୍ଯ୍ୟାଳୟରେ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ହରପ୍ରସାଦ ପାତ୍ର, ଅମ୍ବିକା ରାଉତ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ରାଜ୍ୟ ଭଲିବଲ ଉପ ସଭାପତି ମନୋରଞ୍ଜନ ଜୀଉ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ଦଲନ ଚନ୍ଦ୍ର କୁଁଅର ଦେଓ ଉପସ୍ଥିତ ଥିଲେ ଓ ଶେଷରେ ଟିମ ମ୍ୟାନେଜର ଶ୍ରୀ ହେମ୍ବ୍ରମ ଜିଲ୍ଲାପାଳ ତଥା ଆସୋସିଏସନର ସଭାପତି ହେମକାନ୍ତ ସଏଙ୍କୁ ମୟୁରଭଞ୍ଜର ପତାକା ହସ୍ତାନ୍ତର କରିଥିଲେ।


## ବାଇକ୍-ବୋଲେରୋ ଧକ୍କା; ଜଣେ ଗୁରୁତର

**ତୁରୁମୁଙ୍ଗା,୩୧।୧୨(ସମିସ):** ପାଟଣା ବ୍ଲକ୍ ମୁଖ୍ୟାଳୟ ପାଟଣା ବଜାର ଅଞ୍ଚଳ ସାଧୁପଡା ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବୋଲେରୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଗୋବରାବେଡାରୁ ପାଟଣା ଆସୁଥିବା ଏକ ବୋଲେରୋ ସହ ଗୋବରାବେଡା ଯାଉଥିବା ଗୋଟିଏ ବାଇକ୍ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ଜଣକ ଗୁରୁତର ହୋଇଛନ୍ତି। ଗୁରୁତର ଚାଳକ ଘଟଗାଁ ଥାନା ଅଞ୍ଚଳ ସରାସପଶି ପଞ୍ଚାୟତ ଗୋବରାବେଡା ଗ୍ରାମର ଭୁଜରାଜ ପାତ୍ରଙ୍କ ପୁଅ ଦିପୁ ପାତ୍ର ବୋଲି ଜଣାପଡିଛି। ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରାଯାଇ ପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା ବୋଲେରୋ ଓ ଦୁର୍ଘଟଣାଗ୍ରସ୍ତ ବାଇକକୁ ପୁଲିସ ଜବତ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ମାନସ କୁମାର ମହାକୁଳ ସୂଚନା ଦେଇଛନ୍ତି।




## ରାଇରଙ୍ଗପୁର ଧାନମଣ୍ଡି ଉଦ୍‌ଘାଟିତ

**ରାଇରଙ୍ଗପୁର,୩୧।୧୨ (ସମିସ):** ଚାଷୀଙ୍କ ଠାରୁ ଖରିଫ ଧାନ ସଂଗ୍ରହ ନେଇ ରାଇରଙ୍ଗପୁର ଲ୍ୟାମ୍ପ୍ସ ପରିସରରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଲ୍ୟାମ୍ପସ୍ ଏମ୍‌ଡି ଲୋପାମୁଦ୍ରା ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଭାପତି ସୁଗଦା ମାର୍ଣ୍ଡି, ଆର୍‌ଏମ୍‌ସି ସମ୍ପାଦକ ମନୋରଞ୍ଜନ ବେହେରା, ଏମ୍‌ଆଇ ନିତିକା ନାଏକ, ଏମ୍‌ଏନ୍‌ଓ ଉତ୍ତମ କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ। ଧାନ ମଣ୍ଡି ଫିତା କାଟି ଶୁଭାରମ୍ଭ କରିଥିଲେ। ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଅତିଥିମାନେ ସମସ୍ତ ଚାଷୀଙ୍କୁ ମଣ୍ଡିକୁ ସ୍ୱାଗତ କରିଥିଲେ। ଏହାସହିତ ମଣ୍ଡିରେ ପ୍ରଦାନ ହେଉଥିବା ସରକାରୀ ସହାୟତା ବାବଦରେ ଚାଷୀଙ୍କୁ ଅତିଥି ମାନେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରୀମତୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରାଇରଙ୍ଗପୁର ଲ୍ୟାମ୍ପସ କର୍ମଚାରୀ ପରିଚାଳନା କରିଥିଲେ। ଚଳିତବର୍ଷ ଧାନ ମଣ୍ଡିରେ ୧୫୦୨ ଜଣ ଚାଷୀ ଧାନ ପ୍ରଦାନ ନେଇ ପଞ୍ଜୀକୃତ କରିଥିବା ବେଳେ ୬୦ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଛି।




## ଘନକୁହୁଡ଼ି ଯୋଗୁଁ ଗାଡ଼ି ଚଳାଚଳ ପ୍ରଭାବିତ

**ତୁରୁମୁଙ୍ଗ,୩୧।୧୨(ସମିସ):** କେନ୍ଦୁଝର ଜିଲ୍ଲାରେ ଶୀତର ଲହରୀ ଲାଗି ରହିଥିବା ବେଳେ ବୁଧବାର ସକାଳୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଘନକୁହୁଡ଼ି ଯୋଗୁଁ ଜିଲ୍ଲା ଦେଇ ଯାଇଥିବା ୨୦ ନମ୍ବର ଏବଂ ୪୯ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳରେ ସମସ୍ୟା ଦେଖା ଦେଇଥିଲା। ଫଳରେ ରାଜପଥ କଡ଼ରେ ଅନେକ ମାଲବାହି ଗାଡ଼ି ଅଟକି ରହିଥିଲା। ପ୍ରବଳ ଥଣ୍ଡା ସାଙ୍ଗକୁ ଏଭଳି ଘନକୁହୁଡ଼ି, ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା। ସକାଳୁ ଲୋକଙ୍କର ଘରୁ ବାହାରିବା ଏକ ପ୍ରକାର ମୁସ୍କିଲ ହୋଇପଡ଼ିଥିଲା ବେଳେ ପ୍ରାତଃ ଭ୍ରମଣ ସାଙ୍ଗକୁ ଛାତ୍ରଛାତ୍ରୀ ସ୍କୁଲ ଯିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାରେ ଗତ କିଛି ଦିନ ହେବ ହାଡ଼ଭଙ୍ଗା ଶୀତ ଲାଗି ରହିଥିବା ବେଳେଘନ କୁହୁଡି ଯୋଗୁଁ ଅନେକ ସମସ୍ୟାରେ ପଡ଼ିଥିଲେ।

## ହାଡ଼ଭଙ୍ଗା ଶୀତରେ ଜନଜୀବନ ଅସ୍ତବ୍ୟସ୍ତ

**ରାସଗୋବିନ୍ଦପୁର,୩୧।୧୨ (ସମିସ):** ରାସଗୋବିନ୍ଦପୁର ଅଞ୍ଚଳରେ ଅତ୍ୟଧିକ ଶୀତ ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ସକାଳ ଓ ସନ୍ଧ୍ୟା ସମୟରେ ଅତ୍ୟଧିକ ଶୀତ ହେତୁ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଗତ ଦୁଇଦିନ ହେଲା ଅତ୍ୟଧିକ ଭାବେ ଶୀତ ଲହରୀ ପ୍ରବାହିତ ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହାଇପଡ଼ିଛି। ଥଣ୍ଡା ସାଙ୍ଗକୁ ଶୀତୁଆ ପବନ ବହୁଥିବାରୁ ଦୁଇଦିନ ହେବ ରାସ୍ତାଘାଟ, ବଜାର ଜନଶୂନ୍ୟ ହୋଇପଡ଼ିଛି। ଲୋକେ ନିଆଁ ଜାଳି ଉତ୍ତାପ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି। ପୂର୍ବବର୍ଷ ତୁଳନାରେ ଏ ବର୍ଷ ଶୀତ ଅଧିକ ଥିବାରୁ ବଜାରରେ ଗ୍ରାହକ ସଂଖ୍ୟା କମିଯାଇଛି।





# ନାକେଦମ୍ କଲାଣି ଦନ୍ତା; ଜଙ୍ଗଲ ନଯାଇ ଗାଁରେ ପଶୁଛି

ଆନନ୍ଦପୁର,୩୧।୧୨(ସମିସ)



ଜଙ୍ଗଲରେ ରହିବାକୁ ନାରାଜ ଦନ୍ତା। ଏବେ ଜଙ୍ଗଲ ନୁହେଁ ବରଂ ଗାଁ, ସହର ବଜାରରେ ବୁଲୁଛି। ବୁଧବାର ସକାଳୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳରେ ଦନ୍ତା ବୁଲୁଥିବା ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ସୂଚନା ଅନୁଯାୟୀ, ଏହି ହାତୀଟି ହଦଗଡ଼ ଅଞ୍ଚଳରୁ ହାଟଡିହି ଆସି ସକାଳୁ ଆନନ୍ଦପୁର ବ୍ରିଜଛକ ଗୋଲେଇରେ ପହଞ୍ଚି ଥିଲା। ପରେ ରିଙ୍ଗରୋଡ୍ ଆସି ବୈତରଣୀ ନଦୀରେ ପାର୍ ହୋଇ ଆନନ୍ଦପୁର ୧୩ ନମ୍ବର ୱାର୍ଡ ର ଜଅଁରା ରାସ୍ତା ପାର୍ ହୋଇଥିଲା। ହାତୀ, ରାସ୍ତାରେ ଚାଲୁଥିବାରୁ ବନ ବିଭାଗ ହାତୀ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛି। ହାତୀ ଦେଖିବାକୁ ପ୍ରବଳ ଲୋକଙ୍କର ଗହଳି ଦେଖିବାକୁ ମିଳିଛି। ଦୁଇଦିନ ଧରି ବନବିଭାଗକୁ ନାକେଦମ କଲାଣି ଏହି, ହାତୀଟି ବାଲେଶ୍ୱରରୁ ଆସି ହଦଗଡ଼ ହସ୍ତୀ ଅଭୟାରଣ୍ୟ ର ବିଭିନ୍ନ ଗାଁ ବୁଲିବା ପରେ ଘସିପୁରା ବ୍ଲକ ତାଳଗାଁ ଓ ପରେ ଖାଲିଆମେଣ୍ଟା ଗ୍ରାମରେ ପଶି ଥିଲା। ଆନନ୍ଦପୁର ଡ଼ିଏଫ ଓ ପ୍ରଶାନ୍ତ କୁମାର ପଣ୍ଡା ରେଞ୍ଜର ନବ ନାୟକ ଓ ବନକର୍ମଚାରୀମାନେ ବନ ବିଭାଗ ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇଦେଇଥିଲେ। ପୁଣି ଜଙ୍ଗଲରୁ ବାହାରି ଏବେ ଜାନବସତି ମୁହାଁ ହୋଇଛି ଆନନ୍ଦପୁର ବନଅଧିକାରୀ ନବ ନାୟକ କହିଛନ୍ତି। ହଡଗଡ଼ ରେଞ୍ଜର ମାର୍ଶାଲ କିସ୍କୁ ଓ ବନ ବିଭାଗ କର୍ମଚାରୀ ମାନେ ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଥିବା ବେଳେ ଶହ ଶହ ଲୋକ ହାତୀ ପଛରେ ଥିବାରୁ ପୋଲିସ ପକ୍ଷରୁ ଲୋକଙ୍କୁ ହାତୀର ନିକଟତର ନହେବାକୁ ବାରଣ କରାଯାଉଛି।

## ଘନ କୁହୁଡ଼ି ବଳୟରେ ତେଲକୋଇ




ତେଲକୋଇ,୩୧।୧୨(ସମିସ): ହାଡ଼ଭଙ୍ଗା ଜାଡ଼ରେ ସମଗ୍ର ରାଜ୍ୟ ଥରୁଥିବା ବେଳେ କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରେ ଶୀତର ପ୍ରକୋପ ଜାରି ରହିଛି। ଏହି କିଛି ଦିନ ହେବ ଭୋରୁ ସମୟରୁ ସାମାନ୍ୟ କୁହୁଡ଼ି ମାଡ଼ି ଆସୁଥିବାବେଳେ ଦିନ ୧୦ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ବଳୟରେ ତେଲକୋଇ ବୁଡି ରହିଥିଲା। ରାସ୍ତାରେ ୫୦ ମିଟର ଦୂରକୁ ଦେଖା ଯିବା ମୁସ୍କିଲ ହୋଇ ପଡ଼ିଥିଲା। ଫଳରେ ଲୋକଙ୍କ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା।

## ଅନ୍ୟଧର୍ମର ହୋଇଥିବାରୁ ଗାଁ ଶ୍ମଶାନରେ ସମାଧି ଦେବାକୁ ମନା



ତୁରୁମୁଙ୍ଗା,୩୧।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବାଇଦବଜାରେ ଡିସେମ୍ବର ୧୬ରେ ଟିବି ରୋଗାରେ ଆକ୍ରାନ୍ତ ଭିନ୍ନ ଧର୍ମ ଗ୍ରହଣ କରିଥିବା ମକୁରୁ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ସେ ଭିନ୍ନ ଧର୍ମର ହୋଇଥିବାରୁ ସେତେବେଳ ଗାଁ ଶ୍ମଶାନରେ ଶେଷକୃତ୍ୟ କରିବାକୁ ତାଙ୍କ ଭାଇ ମିଚିରାୟଙ୍କୁ ବାରଣ କରାଯାଇଥିଲା। ଏହାପରେ ମୃତ୍ୟୁର ୩୫ଘଣ୍ଟା ପରେ ଡିସେମ୍ବର ୧୮ ରେ ପୁଲିସ ଓ ପ୍ରଶାସନଙ୍କ ଉପସ୍ଥିତିରେ ନିଜ ଜମିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମକୁରୁଙ୍କ ମୃତ୍ୟର ୧୫ଦିନ ପରେ ମଙ୍ଗଳବାର ଅପରାହ୍ନରେ ମକୁରୁଙ୍କ ସମାଧି ନିର୍ମାଣକୁ ନେଇ ଉତ୍ତେଜନା ଓ ବିବାଦ ପୁନର୍ବାର ପ୍ରକାଶ ପାଇଥିଲା। ବୁଧବାର ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କ ଅଧକ୍ଷତାରେ ଅନାଥ ଆଶ୍ରମ ନିକଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା, ଏସ୍ଆଇ ଅନୁପ କୁମାର ଲୁଗୁନ, ୱାର୍ଡମେମ୍ବର ବାବୁଲି ମୁଣ୍ଡାଙ୍କ ଉପସ୍ଥିତିରେ ସଭା କରାଯାଇ ମିଚରାୟ ନିଜ ଜମିରେ ମକରୁଙ୍କ ସମାଧି ନିର୍ମାଣ କରିବେ। ସୂଚନା ଯେ ମକୁରୁ ଓ ତାଙ୍କ ବଡ଼ ଭାଇ ମିଚରାୟ ୧ବର୍ଷ ପୂର୍ବେ ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ହିନ୍ଦୁଲୋକମାନେ ନିଜ ସମାଧିସ୍ଥଳରେ ଶବପୋତିବାକୁ ବିରୋଧ କରିଥିଲେ।

## 'ଯୋଗମଗ୍ନା' ପୁସ୍ତକ ଉନ୍ମୋଚିତ



ଆନନ୍ଦପୁର,୩୧।୧୨(ସମିସ): କବୟିତ୍ରୀ ସବିତା ଦେବୀଙ୍କ ''ଯୋଗମଗ୍ନା' ପୁସ୍ତକ ଉନ୍ମୋଚନ ସ୍ଥାନୀୟ ପ୍ରଣାବଲ୍ଲଭ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଭା ପ୍ରଣାମ ମଞ୍ଚ ତରଫରୁ ଅନୁଷ୍ଠିତ ଏ ସଭାରେ ମଞ୍ଚର ଆବାହକ ରତ୍ନାକର ଦାସ ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟକ ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରମାକାନ୍ତ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ କବି ଡ.ଅଶୋକ ପୁହାଣ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଲେଖିକା ସବିତା ଦେବୀଙ୍କୁ ମଞ୍ଚପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। କବି ପୁଷ୍ପମଞ୍ଜରୀ କର ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। କବି ପ୍ରଫୁଲ୍ଲ ଚକ୍ର, ବିଷ୍ଣୁଚରଣ ମିଶ୍ର, ନାରାୟଣ ସାହୁ, ସୁରେନ୍ଦ୍ର ନାଥ ଜେନା, ଚତୁର୍ଭୁଜ ପହୀ, ଅର୍ଚ୍ଚିତା ଜେନା, ଦେବସ୍ମିତା ଜେନା, ଜନନୀ ଦେହୁରୀ, ସୁଜିତ ମିଶ୍ର, କବି ନିରଞ୍ଜନ ସାହୁ, ଗୋବର୍ଦ୍ଧନ ନାୟକ ପ୍ରମୁଖ ଉନ୍ମୋଚିତ ପୁସ୍ତକର କବିତାମାନ ଆବୃତ୍ତି କରିଥିଲେ। ଅମରନାଥ ଜ୍ୟୋତିର୍ମୟ ରଥ ଓ ଦେବବ୍ରତ ପଣ୍ଡା ମଞ୍ଚ ସଂଯୋଜନାରେ ସହଯୋଗ କରିଥିଲେ। ବୈଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କିରଣ ପ୍ରସାଦ ସାହୁ ନୂତନ ଥାନା ଅଧିକାରୀ



ତୁରୁମୁଙ୍ଗା,୩୧।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମାନସ ମହାକୁଳଙ୍କ ଜିଲ୍ଲା ପୁଲିସ କାର୍ଯ୍ୟାଳୟକୁ ବୁଧବାର ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ନୂତନ ଥାନା ଅଧିକାରୀ ଭାବରେ କିରଣ ପ୍ରସାଦ ସାହୁଙ୍କୁ ତୁରୁମୁଙ୍ଗା ଥାନାରୁ ବଦଳି କରାଯାଇଛି। ଶ୍ରୀ ସାହୁ ପୂର୍ବରୁ ରାଉରକେଲାର ବିଭିନ୍ନ ଥାନା ସହ ତୁରୁମୁଙ୍ଗା ଥାନାରେ କାର୍ଯ୍ୟ କରୁଥିଲେ। ତାଙ୍କୁ ପାଟଣା ଥାନା ଅଧିକାରୀ ଭାବରେ ଜିଲ୍ଲା ଆରକ୍ଷୀ ନିତିନ କୁଶଳ କର ଦାଗୁଡ଼ୁ ବଦଳି କରିଛନ୍ତି। ଶ୍ରୀ ସାହୁ ପାଟଣା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦେବାସହ ବେଆଇନ ଗୋ ଚାଲାଣ ବାଲି ଚୋରା ଚାଲାଣ ଉପରେ ଅଙ୍କୁଶ ଲଗାଇବେ ବୋଲି କହିଛନ୍ତି।

## ପାଣ୍ଡୁଆରେ ଶୀତବସ୍ତ୍ର ବଣ୍ଟନ



ଆନନ୍ଦପୁର,୩୧।୧୨(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅଞ୍ଚଳରେ ଯଜ୍ଞ ପ୍ରସାଦ ସାହୁଙ୍କ ଉଦ୍ୟମରେ ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟ ଜାରି ରହିଛି। ଆଜି ପଣ୍ଡୁଆ ପଞ୍ଚାୟତର ୭୨ ଜଣ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ବିଧବା ଓ ଘରେ ଶଯ୍ୟାଶାୟୀ ଥିବା ବ୍ୟକ୍ତିଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ସିରାଜୁଦ୍ଦିନ ଖାନଙ୍କ ତତ୍ତ୍ୱାବଧାନରେ ପଣ୍ଡୁଆ ସଂଖ୍ୟାଲଘୁ ସମ୍ପ୍ରଦାୟ ସାଂସ୍କୃତିକ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଯଜ୍ଞ ପ୍ରସାଦ ସାହୁ ଯୋଗଦେଇ ଗରିବ ଲୋକଙ୍କୁ କମ୍ବଳ ସହଯୋଗ କରିଥିଲେ। ବରିଷ୍ଠ ନେତା ବ୍ରହ୍ମାନନ୍ଦ ପଟ୍ଟନାୟକ, ରାଜେଶ୍ ମଲ୍ଲିକ ଉପସ୍ଥିତ ରହି ଗରିବ ଲୋକଙ୍କୁ ଏହି କମ୍ବଳ ପ୍ରଦାନ କରିଥିଲେ। ବସନ୍ତ ଚକ୍ର, ଅବଦୁଲ ମଜିଦ୍, ମେହମୁଦ୍ ଖାନ୍, ଅଜୟ ଜେନା, ବିଦେଶୀ ଜେନା, ଗୋଲକବିହାରୀ ଜେନା, ବାଇନ ଦେହୁରୀ, ଶଙ୍କର୍ଷଣ ଦେହୁରୀ, ମଦନ ପ୍ରଧାନ, ଗଣନାଥ ଦେହୁରୀ, ଜୟଦା ବିବି, ଶୟଦା ବିବି, ୟୁନୁସ ଖାନ୍, ବସିର ଅହମଦ ଖାନ୍ ପ୍ରମୁଖ କମ୍ବଳ ପ୍ରଦାନରେ ସହଯୋଗ କରିଥିଲେ।

## ଭଗାନଇରେ ମୁନିସମାଜର ଆଧ୍ୟାତ୍ମିକ ସମ୍ମିଳନୀ



ଆନନ୍ଦପୁର,୩୧।୧୨(ସମିସ): ମୁନିସମାଜ ଆନୁକୂଲ୍ୟରେ ଆଧ୍ୟାତ୍ମିକ ସଭା କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଭଗାନଇ ଠାରେ ଅନୁଷ୍ଠିତ ହୋଇଯାଇଛି। ଭଗାନଇ ଗ୍ରାମର ଶରତ ଚନ୍ଦ୍ରଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ମୁନିସମାଜର ଅଧକ୍ଷ ଲୋକନାଥ ମୁନି, ସମ୍ପାଦକ ବାଇଧର ମୁନି ଓ ଯୋଗଗୁରୁ ମୁନିମତି ଇତିନାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଶ୍ରାଦ୍ଧାଳୁମାନେ ଉପସ୍ଥିତ ରହି ଯୋଗାଚାର୍ଯ୍ୟ ଓ ଅତିଥି ମାନଙ୍କଠାରୁ ଶରୀରକୁ ଯୋଗ ମାଧମରେ କିପରି ଆରୋଗ୍ୟ କରି ନିଜ ପରିବାର, ସମାଜ ଓ ପରିବେଶକୁ ସୁସ୍ଥ ରଖି ପରିବା ଏସବୁ ଦିଗଦର୍ଶନ ଗ୍ରହଣ କରିଥିଲେ।

## ଦେଓଗାଁର ବିସ୍ମୟ ବାଳକ ଦେବାଦିତ୍ୟ




ଆନନ୍ଦପୁର,୩୧।୧୨(ସମିସ): ଦେବାଦିତ୍ୟ ଦାସ ବୟସ ମାତ୍ର ଛଅ ବର୍ଷ। ସାଧାରଣ ଓଡ଼ିଆ ପରିବାରରେ ଜନ୍ମ ଗ୍ରହଣ କରିଥିବା ଦେବାଦିତ୍ୟ ଦେଖିବାକୁ ଯେପରି ତାଙ୍କ ଇଂରାଜୀ କହିବା ଶୈଳୀ ମଧ ସେହିପରି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଦେଓଗାଁ ସ୍ଥିତ ମା' ଅଲକା ପାଢ଼ୀ ଓ ବାପା କଳ୍ପତରୁ ଦାସଙ୍କ ଏକ ମାତ୍ର ପୁଅ ଦେବାଦିତ୍ୟ ଦାସ। ଦୁଇ ତିନି ବର୍ଷ ବୟସରୁ ବିନା ପ୍ରଶିକ୍ଷଣରେ ଫରେନର ମାନଙ୍କ ପରି ଅନର୍ଗଳ ବିଭିନ୍ନ ପ୍ରକାର ନିର୍ଭୁଲ ଇଂରାଜୀ ଶବ୍ଦ ଓ ବାକ୍ୟ କହିଚାଲନ୍ତି ଦେବାଦିତ୍ୟ। ତାଙ୍କ ଇଂରାଜୀ ଭାଷା ସାଧାରଣରେ ବୁଝିବା କଷ୍ଟକର ହୋଇଥାଏ କରଣ ସେ ଆମେରିକାନ ଇଂଲିଶ କହିବାରେ ବେସ ପାରଙ୍ଗମ। ଏଭଳି ପ୍ରତିଭାର ବିକଶିତ ନିମନ୍ତେ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ପ୍ରୋତ୍ସାହନ ମିଳିଲେ ସେ ନିଜ ଅନନ୍ୟ ପ୍ରତିଭା ମାଧମରେ ଭବିଷ୍ୟତରେ ନିଜ ଅଞ୍ଚଳ ସହିତ ରାଜ୍ୟ ଓ ଦେଶର ମଧ ଗୌରବ ଆଣିପାରିବେ।

## ରାଷ୍ଟ୍ରୀୟ ସେବା ଯୋଜନାର ୭ ଦିନିଆ ଶିବିର



କେନ୍ଦୁଝର,୩୧।୧୨(ସମିସ): କେନ୍ଦୁଝର ସଦର ବ୍ଲକ୍ ଅଧୀନ ଝାଡବେଲଦା ସ୍ଥିତ ସନ୍ତୋଷୀ ମା' ଆଞ୍ଚଳିକ ମହାବିଦ୍ୟାଳୟ ଏନ୍.ଏସ୍.ଏସ୍ ଶାଖା ପକ୍ଷରୁ ପୋଷ୍ୟ ଗ୍ରାମ ଝାଡବେଲଦା ରୋଟାରୀ କ୍ଲବଠାରେ ଚାଲିଥିବା ସେବା ଯୋଜନା ର ୭ଦିନିଆ ଶିବିର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମକୁ ଅଧକ୍ଷ ସୁରେନ୍ଦ୍ର କୁମାର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପୋଷ୍ୟ ଗ୍ରାମର କ୍ଲବ ପ୍ରାଙ୍ଗଣରେ ସଫାସୁତୁରା କରାଯାଇଥିଲା। ଦ୍ୱିତୀୟଦିନ ଠାରୁ ଏନ୍ଏସ୍ଏସ୍‌ର କାର୍ଯ୍ୟସୂଚୀ ଅନୁଯାୟୀ ଶିବିର ଜୀବନର ଉପକାରିତା, କନ୍ୟାସନ୍ତାନଙ୍କୁ ପ୍ରାଧାନ୍ୟ ଓ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ, ଅଧାରୁ ପାଠଛାଡି ଥିବା ଯୁବକ ଯୁବତୀଙ୍କୁ ପାଠର ମହତ୍ୱ ଏବଂ ବୃକ୍ଷର ଉପଦେୟତା ବିଷୟରେ ସଚେତନ କରାଯାଇଥିଲା। ଆଇସେବା ପ୍ରାଧିକରଣ ସେବାର ଅକ୍ଷୟ କୁମାର ଚକ୍ର, ସମାଜସେବୀ ସଞ୍ଜୀବ ସାହୁ, ପୂର୍ବତନ ସରପଞ୍ଚ ଜୟନ୍ତୀ ସିଂ, ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ହୃଷିକେଶ ମହାନ୍ତ, ସମାଜସେବୀ ତଥା ସହିଦ ସଂଗଠନର କର୍ମକର୍ତ୍ତା, ଜିଲ୍ଲା ନିଯୁକ୍ତି ମନ୍ତ୍ରଣାଳୟର ବିଶାଳ ସିଂହ ଶିବିର ସଞ୍ଚାଳନ କରିଥିଲେ। ମହାବିଦ୍ୟାଳୟର ଏନ୍ଏସ୍ଏସ୍. ପ୍ରଗାମ ଅଫିସର ବିଜୟିନୀ ଆଚାର୍ଯ୍ୟ, ଡିଗ୍ରୀ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ସାମିଲ ଥିଲେ।

## ମହିଳା ସୁରକ୍ଷା କମିଟି ସଦସ୍ୟ ହେଲେ ରତିକାନ୍ତ



ହାଟଡିହୀ,୩୧।୧୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ମହିଳା ସୁରକ୍ଷା କମିଟିର ସଦସ୍ୟ ଭାବେ ବ୍ଲକ୍ ଉପାଧକ୍ଷ ତଥା ସମାଜସେବୀ ରତିକାନ୍ତ ରାଉତ ପୁନଃମନୋନୀତ ହୋଇଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ, ଆନନ୍ଦପୁର ଏସ୍‌ଡିପିଓ, ନନ୍ଦିପଦା, ଆନନ୍ଦପୁର, ସୋସୋ ଥାନା ଅଧିକାରୀଙ୍କୁ ଚିଠି ମାଧମରେ ଜଣାଇ ଦିଆଯାଇଛି। ସିଡିପିଓ ଉମାମଣି ମହାପାତ୍ର କମିଟିର ଅଧକ୍ଷ ଥିବାବେଳେ ସମାଜସେବୀ ରତିକାନ୍ତ ରାଉତ ସଦସ୍ୟ ଆବାହକ, ବଞ୍ଚୋ ଆର୍ଆଇ ଦୀପ୍ତିମୟୀ ସାହୁ ଓ ଜେଆରଏ କ୍ରିଷ୍ଣା କୁମାରୀ ପଣ୍ଡା ସଦସ୍ୟ ଅଛନ୍ତି। ଶ୍ରୀ ରାଉତ କମିଟିର କାର୍ଯ୍ୟଧାରା ଅନୁଯାୟୀ କାମ କରିବେ ବୋଲି କହିବା ସହ ଏଥିପାଇଁ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

## ବିଜୟଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ



ଆନନ୍ଦପୁର,୩୧।୧୨(ସମିସ): ମୁମ୍ବାଇରେ ଅବସ୍ଥାପିତ ଆନନ୍ଦପୁର କଲେଜର ପୁରାତନ ଛାତ୍ର ଡ.ବିଜୟ କୁମାର ମହାରଣାଙ୍କୁ କିଛିଦିନ ତଳେ ଜାତୀୟ ଚିକିତ୍ସା ଗୌରବ ସମ୍ମାନ-୨୦୨୫ ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚୁସନ୍ କ୍ଲବ ଅଫ୍ ଇଣ୍ଡିଆରେ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାରୁ ଯୋଗରେ ଡକ୍ଟରେଟ୍ ପାଇବାରେ ବିଜୟ ହେଉଛନ୍ତି ପ୍ରଥମ ଓଡ଼ିଆ। ବିଭିନ୍ନ ରାଜ୍ୟରୁ ମୁମ୍ବାଇ ଟାଟା ମେମୋରିଆଲ ହସ୍‌ପିଟାଲକୁ ଯାଉଥିବା ରୋଗୀମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରି ତାଙ୍କ ମୁହଁରେ ହସ ଫୁଟାଇବାରେ ସକ୍ଷମ ହୋଇଛନ୍ତି। ଏଥିପାଇଁ ତାଙ୍କୁ ଚିକିତ୍ସା ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଏଥିପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ଅଧ୍ୟାପକ ସନ୍ତୋଷ ମିଶ୍ର ମଧ ବିଜୟଙ୍କୁ ଏହି ସମ୍ମାନପାଇଁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ରାଜ୍ୟ ଯୁବ ପୁରସ୍କାର, ଜାତୀୟ ଯୁବ ପୁରସ୍କାର, ଅନ୍ତର୍ଜାତୀୟ ଯୁବ ପୁରସ୍କାର ସହିତ ଅନେକ ସମ୍ମାନର ଅଧିକାରୀ ହୋଇଛନ୍ତି। ଘସିପୁରା ବ୍ଲକ୍ ଖାଳିଆମେଣ୍ଟା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଙ୍ଗାଧର ମହାରଣା, ଜାନକୀ ଦେବୀଙ୍କ ଜ୍ୟୋଷ୍ଠପୁତ୍ର ବିଜୟ ପୁର୍ବରୁ ସାମ୍ବାଦିକ ଭାବେ କାର୍ଯ୍ୟରତ ଥିଲେ।

## ବଜରଙ୍ଗ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଚଉଠିଆ ଚାମ୍ପିଅନ



ଝୁମ୍ପୁରା,୩୧।୧୨(ସମିସ): ଝୁମ୍ପୁରା ବ୍ଲକ୍ ଟୁକୁଡ଼ିହା ବଜରଙ୍ଗ କ୍ଲବ୍ ଆନୁକୂଲ୍ୟରେ ୩ୟ ବାର୍ଷିକ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଫିଲ୍ଡମାଷ୍ଟର ଏକାଦଶ ଚଉଠିଆ ଓ ଆର୍ଏମ ବ୍ରଦର୍ସ ଟୁକୁଡ଼ିହା ନୂଆସାହି ମଧରେ ହୋଇଥିଲା। ଏହି ମ୍ୟାଚରେ ଚଉଠିଆ ୨-୦ ରେ ଟୁକୁଡ଼ିହା ନୂଆସାହି କୁ ପରାସ୍ତ କରିଥିବାବେଳେ ଅର୍ଶଳା ୩ୟ ଓ ବେନାମୁଦା ୪ର୍ଥ ସ୍ଥାନ ଅଧିକାର କରିଥିଲେ। ରେଫରି ମଙ୍ଗଳ ସିଂହ ମୁଣ୍ଡାରୀ, ସମ୍ରାଟ୍ ହେମ୍ବ୍ରମ୍, ଉତ୍କଳ କେଶରୀ ବେହେରା, ରତ୍ନାକର ସୋରେନ୍ ମ୍ୟାଚ୍ ପରିଚାଳନ କରିଥିବାବେଳେ ବୁଲବୁଲ ଆପଟ୍, କ୍ଷୀରୋଦ କୁମାର ଗିରି ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ୩୨ ଟି ଦଳ ଅଂଶଗ୍ରହଣ କରିଥିଲେ ଓ ଏହା ତିନିଦିନ ଧରି ଚାଲିଥିଲା। ଉଦ୍‌ଘାଟନୀ ମ୍ୟାଚରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ପୂର୍ବତନ ବିଜେପି ଜିଲ୍ଲା ସଭାପତି ସବୁଜ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଉଦ୍‌ଯାପନୀ ସମାରୋହରେ ଉଖୁଣ୍ଡା ବୃହତ ଶାନ୍ତି କମିଟିର ସଭାପତି ନାରାୟଣ ସାହୁ ମୁଖ୍ୟ ଅତିଥି, ପୂର୍ବତନ ବିଜେପି ଜିଲ୍ଲା ସମ୍ପାଦକ ହେମ ରଞ୍ଜନ ବାରିକ, କଂଗ୍ରେସ୍ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ରାଉତ, ଉଖୁଣ୍ଡା ମଣ୍ଡଳ ସଭାପତି ଲକ୍ଷ୍ମୀଧର ମହାନ୍ତ, ପୂର୍ବତନ ମଣ୍ଡଳ ସଭାପତି ପ୍ରବୀର ରଞ୍ଜନ ନାୟକ, ପାଟଣା ବିଧାୟକ ପ୍ରତିନିଧି ଝୁମ୍ପୁରା ବ୍ଲକ୍ ପର୍ଶୁରାମ ମହାନ୍ତ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ପ୍ରତିନିଧି ସଞ୍ଜୀବ ବେହେରା ଡମ୍ବରୁ ଧର ବାରିକ, ପୂର୍ବତନ ସରପଞ୍ଚ ରୁଦ୍ରୁନା ନାଏକ, ରମେଶ ମହାନ୍ତ, ପୁଷ୍ପକ କୁମାର ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ନବକିଶୋର ବେହେରା ମଞ୍ଚ ପରିଚାଳନା କରିଥିଲେ। ବଜରଙ୍ଗ କମିଟିର ସଭାପତି ଡମ୍ବରୁ ଧର ମହାନ୍ତ, ସମ୍ପାଦକ ଡମ୍ବରୁ ଧର ବେହେରା, କୋଷାଧକ୍ଷ ନବ କିଶୋର ବେହେରା ଓ କମିଟି ସଦସ୍ୟ ଛୋଟରାୟ ମହାନ୍ତ, ବିଦ୍ୟାଧର ଲୋହାର୍, କୈବଲ୍ୟ ଗିରି, ନିରଞ୍ଜନ ବେହେରା, ଦିଲ୍ଲୀପ ବେହେରା, ଯଦୁମଣି ବେହେରା, କୁଶଧର ବେହେରା, ବାଳକୃଷ୍ଣ ବେହେରା, ପ୍ରଶାନ୍ତ ବେହେରା, ବନମାଳୀ ବେହେରା, ନୀଳମଣି ବେହେରା, ମାୟାଧର ବେହେରା, ବଳଭଦ୍ର ନାଏକ, ସୁରେନ୍ ବେହେରା, ଘନଶ୍ୟାମ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ପାଦ ଥାପିଲା ୨୦୨୬




ବିଦାୟ ନେଇଛି ବର୍ଷ ୨୦୨୫। ନୂଆବର୍ଷ ୨୦୨୬ କ୍ୟାଲେଣ୍ଡର ପୃଷ୍ଠାରେ ପାଦଥାପି ତା'ର ଅସ୍ତିତ୍ୱ ଜାହିର୍ କରିଛି। ବିଦାୟ ଓ ଆଗମନ ମଧ୍ୟରେ ବ୍ୟବଧାନର ଅନ୍ତ ଘଟିଛି । ସ୍ମୃତି ଛାଡ଼ିଯାଇଛି ୨୦୨୫, ଆଉ ନୂଆ ଆଶା ଓ ସମ୍ଭାବନା ନେଇ ଆସିଛି ୨୦୨୬ । ପ୍ରବଳ ଉତ୍ସାହ, ଉଦ୍ଦୀପନା ଏବଂ ନୂତନ ଆଶାର ଆଲୋକରେ ଉଦ୍ଭାସିତ ହେବା ପାଇଁ ନୂଆବର୍ଷ ୨୦୨୬କୁ ସ୍ୱାଗତ କରିଛି ସାରା ବିଶ୍ୱ। ପୁରୁଣା ବର୍ଷକୁ ବିଦାୟ ଦେଇ, ବିଦାୟୀ ବର୍ଷର ଦୁଃଖ, ଖରାପ ସ୍ମୃତିକୁ ଭୁଲି କିଛି ଅଭୁଲା ଅନୁଭୂତିକୁ ସାଥେ ନେଇ ନୂଆବର୍ଷରୁ ନୂଆ ଆରମ୍ଭ କରିବାକୁ ସମସ୍ତେ ସଂକଳ୍ପ ନେଉଛନ୍ତି। ନୂତନ ବର୍ଷ କିପରି ଫଳଦେବ ସେଥିପାଇଁ ସମସ୍ତେ ସନ୍ଦିହାନ। ତେବେ ବି ଏକ ନୂତନ ଆଶା ଉଙ୍କି ମାରିଛି ସମସ୍ତଙ୍କ ମନରେ। ୩୧ ଡିସେମ୍ବର ମଧ୍ୟରାତ୍ରିରେ ଭାରତରେ ନବବର୍ଷକୁ ସ୍ୱାଗତ କରାଯାଇଛି। କାଶ୍ମୀରରୁ କନ୍ୟାକୁମାରୀ କଚ୍ଛରୁ କୋହିମା ସବୁଠି ନୂଆବର୍ଷର ଉତ୍ସାହ ଦେଖିବାକୁ ମିଳିଛି । ନ୍ୟୁଜିଲାଣ୍ଡ ବିଶ୍ୱର ପ୍ରଥମ ଦେଶ, ଯେଉଁଠି ପ୍ରଥମେ ନୂଆବର୍ଷକୁ ସ୍ୱାଗତ କରାଯାଇଛି। ଭାରତୀୟ ସମୟ ସାଢ଼େ ୪ଟାରେ ଏଠାରେ ନୂ ଆ ବର୍ଷକୁ ସ୍ୱାଗତ କରାଯାଇଛି। ନୂଆବର୍ଷର ଆଗମନ ସହ ଅକଲାଣ୍ଡ ସହରରେ ଥିବା ସ୍କାଏ ଟାୱାର ରଙ୍ଗୀନ ଆଲୋକମାଳାରେ ଝଲସି ଉଠିଛି । ଆଉ ସେଠି ଉପସ୍ଥିତ ଥିବା ହଜାର ହଜାର ଲୋକ ପରସ୍ପରକୁ ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ନ୍ୟୁଜିଲାଣ୍ଡ ଭଳି ଅଷ୍ଟ୍ରେଲିଆରେ ବି ବେଶ୍ ଧୂମ୍‌ଧାମ୍‌ରେ ନୂଆବର୍ଷକୁ ସ୍ୱାଗତ କରାଯାଇଛି । ସିଡ୍‌ନୀ ସହରରେ ରଙ୍ଗାରଙ୍ଗ ଆତସବାଜି ଏବଂ ଆଲୋକମାଳା ଭିତରେ ନୂଆ ବର୍ଷକୁ ସ୍ୱାଗତ କରାଯାଇଛି। ଭାରତୀୟ ସମୟ ସାଢ଼େ ୬ଟାରେ ଏଠାରେ ନୂଆ ବର୍ଷକୁ ସ୍ୱାଗତ କରାଯାଇଛି। ଶୀତ ରାତି ଆଉ ଶୀତଳ ପରିବେଶରେ ନୂଆବର୍ଷକୁ ସ୍ୱାଗତ କରିଛନ୍ତି କୋଟି କୋଟି ବିଶ୍ୱବାସୀ । ଜିରୋ ନାଇଟ୍ ସେଲିବ୍ରେସନ୍‌ରେ କମ୍ପିଛି ଗାଁରୁ ସହର । ନୂଆବର୍ଷର ସ୍ୱାଗତ ପାଇଁ ବିଭିନ୍ନ ହୋଟେଲ ଓ ପବ୍‌ମାନଙ୍କରେ ଜମିଥିଲା ଭିଡ଼। ନାଚ, ଗୀତ ସହ ଜମିଥିଲା ଖିଆପିଆ। ରାତି ୧୨ଟାରେ ଲୋକେ ପରସ୍ପରକୁ ନବ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଆତସବାଜିର ରଙ୍ଗୀନ ଆଲୁଅରେ ଆଲୋକିତ ହୋଇ ପଡ଼ିଥିଲା ଆକାଶ। ସେହିଭଳି ନୂଆବର୍ଷର ପ୍ରଥମ ଦିନରେ ଉଦିତ ସୂର୍ଯ୍ୟର ପହିଲି କିରଣ ଦେଖିବାକୁ ଦେଶର ପ୍ରମୁଖ ବେଳାଭୂମିଗୁଡ଼ିକରେ ପ୍ରବଳ ଗହଳି ଦେଖିବାକୁ ମିଳିଛି। ବଡ଼ି ଭୋରରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ କରିଛନ୍ତି। ସମସ୍ତଙ୍କ ମନରେ ଗୋଟିଏ ଭାବନା ଯେ, ନବ ବର୍ଷ ସମସ୍ତଙ୍କ ପାଇଁ ସୁଖମୟ ହେଉ ।

ଫେସ୍‌ବୁକ୍ ଫେରାଇଲା ସ୍ମରଣ ଶକ୍ତି

# ୨୭ବର୍ଷ ପରେ ଗାଁକୁ ଫେରିଲେ ଜିତେନ୍ଦ୍ର

୨୭ବର୍ଷ ତଳେ କାମଧନ୍ଦା ଖୋଜିବାକୁ ଗାଁ ଛାଡିଥିଲେ ଜିତେନ୍ଦ୍ର। ଆଶା ଥିଲା ରୋଜଗାର ଭଲ ରୋଜଗାର କରିବା ପରିବାରକୁ ଭଲରେ ରଖିବେ। ନିଜ ପାଇଁ ସୁନାର ସଂସାର ଗଢିବେ। ହେଲେ ଏକ ସଡ଼କ ଦୁର୍ଘଟଣା ସବୁ ସ୍ୱପ୍ନ ଚୁର୍‌ମାର କରିଦେଲା। ୨୭ବର୍ଷ ପରେ ଫେସ୍‌ବୁକ୍ ଫେରାଇଦେଲା ସ୍ମରଣଶକ୍ତି ଓ ଗାଁକୁ ଫେରିଛନ୍ତି ଜିତେନ୍ଦ୍ର। ମାତ୍ର ଏବେ ସବୁକିଛି ଓଲଟ ପାଲଟ ହୋଇଯାଇଛି। ନିଜର ଜନ୍ମ କଲା ବାପା ମା' ଆରପାରିକୁ ଚାଲିଯାଇଥିବା ବେଳେ ବୟସ ବଢ଼ିଯିବାରୁ ନିଜପାଇଁ ଜୀବନ ସାଥୀଟିଏ ଯୋଗାଡ଼ କରିନପାରି ୪୯ବର୍ଷ ବୟସରେ ନିଃସଙ୍ଗ ଜୀବନ ବିତାଉଛନ୍ତି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଧରାକୋଟ ପଞ୍ଚାୟତ ଚାଞ୍ଚରାପଲ୍ଲୀ ଗାଁରେ।

ଚାଞ୍ଚରାପଲ୍ଲୀର ପାର୍ବତୀ ଜେନା ଓ ପୀତାମ୍ବର ଜେନାଙ୍କ ୫ ପୁଅ-ଝିଅ ମଧ୍ୟରୁ ତୃତୀୟ ସନ୍ତାନ ଜିତେନ୍ଦ୍ର। ୧୯୯୮ ମସିହାରେ ଗୁଜୁରାଟର ସୁରଟ ସହରକୁ କାମ ଅନ୍ୱେଷଣରେ ଯାଇଥିଲେ। ସେଠାରେ ସୂତାକଳରେ କାମ କରୁଥିବା ବେଳେ ୨୦୦୨ରେ ଗୋଧ୍ରା ଦଙ୍ଗା ସମୟରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ସେଠାକାର ସିଭିଲ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଦୁର୍ଘଟଣାରେ ତାଙ୍କର ମୁଣ୍ଡ, ହାତ, ପେଟ, ଛାତିରେ ଗଭୀର ଆଘାତ ଲାଗିଥିଲା। ଦୀର୍ଘ ୨ବର୍ଷ ଧରି ସେ ମେଡ଼ିକାଲରେ ରହି ଶାରୀରିକ ସୁସ୍ଥତା ଲାଭ କରିଥିଲେ ମଧ୍ୟ ସ୍ମରଣଶକ୍ତି ହରାଇ ବସିଥିଲେ। ସୁରଟରେ ସେ ଭୀମ ସିଂ ଓ ପ୍ରମିଳା ବେହେନଙ୍କ ନିକଟରେ ପ୍ରଥମରୁ ରହି ଆସୁଥିବାରୁ ସେମାନେ ଜିତେନ୍ଦ୍ରଙ୍କ ଦେଖାଶୁଣା କରୁଥିଲେ। ଦୀର୍ଘ ୧୮ବର୍ଷ ପରେ ଗତ ୨୦୨୨ମସିହାରେ ତାଙ୍କର ସ୍ମରଣ ଶକ୍ତି ଧୀରେ ଧୀରେ ଫେରିଆସିଲା। ହେଲେ ନିଜ ଗାଁ ପରିବାର ବିଷୟରେ ତାଙ୍କର ମନେପଡ଼ିନଥିଲା। ସେହିବର୍ଷ ସେ ସୁରଟରୁ ରାଜସ୍ଥାନ ଚାଲିଯାଇ ସେଠାରେ ମେକାନିକ୍ କାମ ଶିଖିବା ସହ ଏକ ବୋଲେରୋ ଗାଡ଼ି କିଣି ନିଜେ ଚଳାଉଥିଲେ। ହଠାତ ରାଜସ୍ଥାନରେ ରହଣୀ କାଳରେ ମୋବାଇଲରେ ଫେସ୍‌ବୁକ ଦେଖୁଥିବା ବେଳେ ଧରାକୋଟ ଅଞ୍ଚଳର କିଛି କାହାଣୀକୁ ଦେଖି ତାଙ୍କର ଗାଁ ଓ ପରିବାର କଥା ମନେ ପଡ଼ିଥିଲା। ସେ ସେଥିରୁ ନମ୍ବର ସଂଗ୍ରହ କରି ଫୋନ କରିବା ପରେ ଧରାକୋଟ ଆର୍‌ଏସ୍ ହୋଟେଲ ମାଲିକ ପ୍ରଦୀପ ପାଣିଗ୍ରାହୀ ଓ ଶାନ୍ତିଝର ଉନ୍ନୟନ କମିଟି ସଭାପତି ସୁନିଲ କୁମାର ଚୌଧୁରୀଙ୍କ ସଂସ୍ପର୍ଶରେ ଆସିବା ପରେ ନିଜ ଗାଁ କଥା ପଚାରି ବୁଝିଥିଲେ। ନିଜ ଗାଁ ଓ ପରିବାର କଥା ଶୁଣିବା ପରେ ସେ ଗାଁକୁ ଫେରିବାକୁ ବ୍ୟାକୁଳ ହେବା ସହ ତୁରନ୍ତ ଟ୍ରେନ ଯୋଗେ ଧରାକୋଟ ଆସି ସେଠାରୁ ନିଜ ଜନ୍ମମାଟି ଚାଞ୍ଚରାପଲ୍ଲୀରେ ପହଞ୍ଚିଥିଲେ। ଦୀର୍ଘ ୨୭ବର୍ଷ ପରେ ଜିତେନ୍ଦ୍ରଙ୍କୁ ପରିବାର ଲୋକେ ଦେଖିବା ପରେ ଖୁସିରେ ଅଭିଭୂତ ହୋଇପଡ଼ିଥିଲେ ମଧ୍ୟ ନିଜକୁ ବିଶ୍ୱାସ କରିପାରି ନଥିଲେ ଜେ ତାଙ୍କର ହଜିଲା ପୁଅ, ଭାଇ ଫେରିଆସିଛି। ପରିବାର ସହ ଗାଁ ଲୋକେ ମଧ୍ୟ ସହଜରେ ଏହି ଘଟଣାକୁ ଗ୍ରହଣ କରିପରିନଥିଲେ। ସବୁକିଛି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଘଟଣା ଯେ ସତ ଓ ଗାଁର ପୁଅ ଜିତେନ୍ଦ୍ର ଗାଁକୁ ଫେରି ଆସିଥିବାରୁ ଏବେ ସମଗ୍ର ଗାଁରେ ଖୁସିର ମାହୋଲ୍।



# ଆସୁଛି 'ପ୍ରଳୟ'

## ପୁଣି ଏକାଠି ହେବେ ରଣବୀର-ଆଲିଆ!

ବଲିଉଡ୍ ଅଭିନେତା ରଣବୀର ସିଂହ 'ଧୁରନ୍ଧର'ର ସଫଳତା ପରେ ଏବେ ସେ କିଛି ଆଗଧାଡ଼ିର ନିର୍ଦ୍ଦେଶକଙ୍କ ସହ କାମ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଇତିମଧ୍ୟରେ ସେ 'ଡନ୍ ୩'ରୁ ଓହରିଯିବା କଥା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏବେ ରଣବୀରଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ରଣବୀର ଏବେ ଜୟ ମେହେତାଙ୍କ ଜମ୍ବି ଥ୍ରୀଲର୍ ଫିଲ୍ମ 'ପ୍ରଳୟ' ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଜ ଣା ପ ଡ଼ି ଛି । ଏହାର ସୁଟିଂ ଆସନ୍ତା ଅଗଷ୍ଟ ମାସରୁ ଆରମ୍ଭ ହେବ। ତେବେ ଏଥିରେ ଆଲିଆ ଭଟ୍ଟଙ୍କୁ ରଣବୀରଙ୍କ ବିପକ୍ଷରେ ନେବା ପାଇଁ ଜୟ ଯୋଜନା କରିଥିବା ଜଣାପଡ଼ିଛି। ଏଥିପାଇଁ ଆଲିଆଙ୍କ ସହ କଥାବାର୍ତ୍ତା ମଧ୍ୟ ସେ ଆରମ୍ଭ କରି ଦେଇଛନ୍ତି। 'ରକି ଔର୍ ରାନୀ କୀ ପ୍ରେମ୍ କାହାନୀ'ର ଏହି ଯୋଡ଼ିକୁ ପୁଣି ଥରେ ପରଦା ଉପରେ ଦେଖିବା ପାଇଁ ଦର୍ଶକେ ଅନେକ ଦିନରୁ ଅପେକ୍ଷା କରିଥିଲେ। ଯଦି ଏହି ଫିଲ୍ମ ପାଇଁ ରଣବୀର ଓ ଆଲିଆଙ୍କୁ ଫାଇନାଲ କରାଯାଉଛି ତେବେ ଏହି ଯୋଡ଼ିଙ୍କର ଏହା ତୃତୀୟ ଫିଲ୍ମ ହେବ। ଏହାପୂର୍ବରୁ ଏହି ଯୋଡ଼ିଙ୍କୁ 'ଗଲି ବୟ' ( ୨୦୧୯), 'ରକି ଔର୍ ରାନୀ କୀ ପ୍ରେମ୍ କହାନୀ (୨୦୨୩)ରେ ଏକାଠି ଦେଖିବାକୁ ମିଳିଥିଲା।



## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଦାନ ଧର୍ମ କରନ୍ତୁ।

**ବୃଷ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କଳାକାରଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ନିବେଶରୁ ଲାଭ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିପାରନ୍ତି।

**ବିଛା:** ଇଚ୍ଛା ପୂରଣ ହେବ। ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

## ଆଜିର ଇତିହାସ

- ୧୬୬୪-ଛତ୍ରପତି ଶିବାଜୀ ମହାରାଜ ସୁରଟ ଅଭିଯାନ ଆରମ୍ଭ କଲେ।
- ୧୮୬୨- ଭାରତୀୟ ଦଣ୍ଡ ସଂହିତା ଲାଗୁ କରାଗଲା।
- ୧୯୪୯-କାଶ୍ମୀରରେ ଯୁଦ୍ଧ ବିରତି ଘୋଷଣା କରାଗଲା।
- ୧୯୫୫- ଭୁଟାନ୍‌ରେ ପ୍ରଥମ ଥର ପାଇଁ ଡାକଟିକଟର ପ୍ରଚଳନ ଆରମ୍ଭ ହେଲା।
- ୧୯୭୧- ଟେଲିଭିଜନ ପରଦାରେ ସିଗାରେଟ୍ ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲଗାଗଲା।
- ୧୯୯୯- ୟୁରୋପର ୧୧ଟି ଦେଶରେ ୟୁରୋ ପ୍ରଚଳନ ଆରମ୍ଭ।

## ଫୋନ୍ ପାଇଁ ଗ୍ଲୋଭସ୍



ସାଧାରଣତଃ ଶୀତଦିନେ ଲୋକେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ସ୍ୱେଟର୍, ମଫଲର୍, ଗ୍ଲୋଭସ୍ ଆଦି ପିନ୍ଧିଥାନ୍ତି। ତେବେ ହାତରେ ଗ୍ଲୋଭସ୍ ପିନ୍ଧି ଫୋନ୍ ଚଲାଇବା ଆଦୌ ସମ୍ଭବ ହୋଇ ନ ଥାଏ। ତେଣୁ ଫୋନ୍ ବ୍ୟବହାର କରିବା ସମୟରେ ହାତରୁ ଗ୍ଲୋଭସ୍ ବାହାର କରିବାକୁ ପଡ଼ିଥାଏ। ଏଣିକି ଗ୍ଲୋଭସ୍ ପିନ୍ଧି ଫୋନ୍ ବ୍ୟବହାର କରିହେବ। ସାମାଜିକ ଗଣମାଧ୍ୟମରେ ଏମିତି ଏକ ଭିଡିଓ ସେୟାର୍ କରାଯାଇଛି, ଯେଉଁଥିରେ ଜଣେ ଯୁବତୀ ହାତରେ ଗ୍ଲୋଭସ୍ ପିନ୍ଧି ବେଶ୍ ସହଜରେ ଫୋନ୍ ଚଲାଇ ପାରୁଥିବା ଦେଖିବାକୁ ମିଳିଛି। ଯୁବତୀ ଜଣକ ହାତରେ ନୀଳ ରଙ୍ଗର ଉଲ୍ ଗ୍ଲୋଭସ୍ ପିନ୍ଧିଛନ୍ତି ଓ ହାତରେ ଫୋନ୍ ଧରିଛନ୍ତି। ଗ୍ଲୋଭସ୍‌ର ବୃଦ୍ଧା ଓ ଅନାମିକା ଅଙ୍ଗୁଳିର ଉଲ୍‌ର ଟିପ ଧଳା ରଙ୍ଗ ଥିବାବେଳେ ଅନ୍ୟ ଅଙ୍ଗୁଳି ସବୁ ନୀଳ ରଙ୍ଗ ରହିଛି। ପ୍ରଥମେ ଯୁବତୀ ଜଣକ ଏହାକୁ ଡିଜାଇନ୍ ବୋଲି ଭାବୁଥିଲେ, ହେଲେ ଦୁଇ ଅଙ୍ଗୁଳିର ଉଲ୍‌ରେ ଫୋନ୍ ଚାଲିବା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି।














## ବିଜୟ ହଜାରେ ଟ୍ରଫି: ନୂଆବର୍ଷରେ ବଡ଼ ଭେଟି

# ଦିଲ୍ଲୀକୁ ହରାଇ ଓଡ଼ିଶା ଗ୍ରୁପ୍ ଶୀର୍ଷରେ



କଟକ,୩୧।୧୨(ସମିସ):

ନୂଆବର୍ଷ ପୂର୍ବରୁ ରାଜ୍ୟ କ୍ରିକେଟକୁ ବଡ଼ ଭେଟି ଦେଇଛି ଓଡ଼ିଶା ସିନିଅର ପୁରୁଷ ଦଳ। ବିଜୟ ହଜାରେ ଟ୍ରଫିରେ ବୁଧବାର ଓଡ଼ିଶା ୭୯ ରନରେ ଶକ୍ତିଶାଳୀ ଦିଲ୍ଲୀକୁ ପରାସ୍ତ କରି ଏଲିଟ ଗ୍ରୁପ-ଡି'ର ଶୀର୍ଷ ସ୍ଥାନକୁ ଉଠିଛି। ୮ବର୍ଷ ପରେ ଓଡ଼ିଶା ଦଳ ବିଜୟ ହଜାରେ ଟ୍ରଫିରେ ତାରକା ଖଚିତ ଦିଲ୍ଲୀ ବିପକ୍ଷରେ ବିଜୟର ସ୍ୱାଦ ଚାଖିଛି। ଚଳିତ ସିଜନରେ ଓଡ଼ିଶାର ଏହା ହ୍ୟାଟ୍ରିକ ବିଜୟ। ଅପରପକ୍ଷରେ ଦିଲ୍ଲୀର ହ୍ୟାଟ୍ରିକ ବିଜୟରେ ବ୍ରେକ୍ ଦେଇଛି ଓଡ଼ିଶା। ଆସନ୍ତା ୩ରେ ଓଡ଼ିଶା ପରବର୍ତ୍ତୀ ମୁକାବିଲାରେ ହରିୟାଣାକୁ ଭେଟିବ।

ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଦିଲ୍ଲୀ ଅଧିନାୟକ ରିଷଭ ପନ୍ତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ନବଦୀପ ସଇନି, ପ୍ରିନ୍ସ ଯାଦବଙ୍କ ଭଳି ଘାତକ ପେସ୍ ବୋଲରଙ୍କୁ ସହଜରେ ୱିକେଟ ନଦେଇ ଓଡ଼ିଶା ଓପନିଂ ଭାଗିଦାରୀରେ ୫୮ ରନ ସଂଗ୍ରହ କରିଥିଲା। ଦୁଇ ଓପନର ଓମ ଟି ମୁଣ୍ଡେ(୨୬ରନ) ଏବଂ ସ୍ୱସ୍ତିକ ସାମଲ(୨୮ ରନ) କ୍ରିଜରେ ତିଷ୍ଠି ଆସୁଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ ଖେଳୁଥିବା ସ୍ପିନର ହ୍ରିତିକ ଶୋକିନ୍ ଗୋଟିଏ ଓଭର ବ୍ୟବଧାନରେ ଉଭୟଙ୍କୁ ଆଉଟ କରି ଓଡ଼ିଶାକୁ ଡବଲ୍ ଝଟକା ଦେଇଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧୩ ରନରେ ପ୍ୟାଭିଲିୟନ ଫେରିଥିଲେ। ଗୋବିନ୍ଦ ପୋଦ୍ଦାର ୩୫, ପ୍ରୟାସ ସିଂହ ୮, ଆଶୀର୍ବାଦ ସ୍ୱାଇଁ ୧୩ ରନରେ ଆଉଟ ହେବା ଯୋଗୁଁ ଓଡ଼ିଶାର ଦଳୀୟ ସ୍କୋର ୧୯୭/୬ରେ ପହଞ୍ଚିଥିଲା। ତେବେ ଗୋଟିଏ ପାର୍ଶ୍ୱରୁ ଅପରାଜିତ ରହିଥିବା ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଉପରେ ଓଡ଼ିଶା ଶିବିର ଭରସା କରିଥିଲା। ନିମ୍ନକ୍ରମର ବ୍ୟାଟରଙ୍କୁ ସାଥୀ କରି ବିପ୍ଳବ ସ୍କୋରବୋର୍ଡରେ ରନ୍ ସଂଖ୍ୟା ବଢ଼ାଇ ଚାଲିଥିଲେ। ବିପ୍ଳବ ୭୪ବଲରୁ ୩ଟି ଚୌକା ଏବଂ ୪ଟି ଛକା ବଳରେ ୭୨ ରନ କରି ଆଉଟ ହୋଇଥିଲେ। ଅପରପଟେ ସମ୍ବିତ ବରାଳ ଏବଂ ରାଜେଶ ମହାନ୍ତି ଉଭୟେ ୧୭ ରନ ଲେଖାଏ ସଂଗ୍ରହ କରିଥିଲେ। ଦେବବ୍ରତ ପ୍ରଧାନ ୯ବଲରୁ ୨୧ରନର ଦ୍ରୁତ ଅପରାଜିତ ପାଳି ଖେଳିବା ସହ ଓଡ଼ିଶା ୮ ୱିକେଟ ହରାଇ ୨୭୨ରନ କରିବାକୁ ସମର୍ଥ ହୋଇଥିଲା। ହ୍ରିତିକ ସର୍ବାଧିକ ୪ଟି ଏବଂ ପ୍ରିନ୍ସ ୨ଟି ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ହ୍ୟାଟ୍ରିକ ବିଜୟ ଲାଭ କରିଥିବା ଦିଲ୍ଲୀ ଏହି ଲକ୍ଷ୍ୟକୁ ସହଜରେ ହାସଲ କରିନେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଓଡ଼ିଶା ଦ୍ରୁତ ବୋଲରମାନେ ୧୯ ଓଭର ମଧ୍ୟରେ ଦିଲ୍ଲୀର ଅଧିନାୟକ ଋଷଭ ପନ୍ତ (୨୪ ରନ)ଙ୍କ ସମେତ ୬ଜଣ ବ୍ୟାଟରଙ୍କୁ ଆଉଟ୍ କରି ମ୍ୟାଚକୁ ଏକପାଖିଆ କରିଦେଇଥିଲେ। ତେବେ ନିମ୍ନକ୍ରମରେ ହର୍ଶ ତ୍ୟାଗୀ ୪୩, ହ୍ରିତିକ ୩୨, ଦିଭିଜ ମେହେର ୨୭ ରନ କରି କିଛିଟା ଲଢ଼େଇ କରିଥିଲେ ମଧ୍ୟ ଦିଲ୍ଲୀ ୪୨.୩ ଓଭରରେ ୧୯୩ ରନରେ ଅଲଆଉଟ୍ ହୋଇଥିଲା। ଓଡ଼ିଶା ପକ୍ଷରୁ ଦେବବ୍ରତ ଓ ସମ୍ବିତ ବରାଳ ୩ଟି ଲେଖାଏ ଏବଂ ରାଜେଶ ମହାନ୍ତିଙ୍କୁ ୨ଟି ୱିକେଟ୍ ମିଳିଥିଲା। ବିପ୍ଳବକୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

## କୋମାରେ ଅଷ୍ଟ୍ରେଲିଆନ କ୍ରିକେଟର ମାର୍ଟିନ

**ବ୍ରିସବେନ,୩୧।୧୨(ଏଜେନ୍ସି):** ନୂଆବର୍ଷ ଅବ୍ୟବହିତ ପୂର୍ବରୁ କ୍ରିକେଟପ୍ରେମୀଙ୍କ ପାଇଁ ଏକ ଦୁଃସମ୍ବାଦ ଆସିଛି। ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ଡାମିଏନ ମାର୍ଟିନ କୋମା ଅବସ୍ଥାକୁ ଚାଲିଯାଇଛନ୍ତି। ୫୪ ବର୍ଷୀୟ ମାର୍ଟିନଙ୍କୁ ମେନିଞ୍ଜାଇଟିସ୍ (ମସ୍ତିଷ୍କ ପରଦା ପ୍ରବାହ) କାରଣରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେଣୁ ସେ କୋମା ଅବସ୍ଥାକୁ ଚାଲି ଚାଇଛନ୍ତି ବୋଲି ହସ୍ପିଟାଲ ତରଫରୁ କୁହାଯାଇଛି। ତାଙ୍କୁ ବ୍ରିସ୍‌ବେନ୍‌ର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବକ୍ସିଂ ଡେ'ରେ ଅର୍ଥାତ ଡିସେମ୍ବର ୨୬ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ି ଯାଇଥିଲା। ପୂର୍ବତନ କ୍ରିକେଟର ଆଡାମ ଗୀଲଖ୍ରୀଷ୍ଟ ତାଙ୍କ ଅସୁସ୍ଥତା ନେଇ ସୂଚନା ଦେଇଥିଲେ। ମାର୍ଟିନ ତାଙ୍କ ସମୟରେ ବିଶ୍ୱର ଜଣେ ଶ୍ରେଷ୍ଠ ଟପ୍ ଅର୍ଡର ବ୍ୟାଟର ଥିଲେ। ସେ ୧୯୯୯ ଓ ୨୦୦୩ ଦିନିକିଆ ବିଶ୍ୱକପ୍ ବିଜୟ ଅଷ୍ଟ୍ରେଲିଆ ଦଳର ସଦସ୍ୟ ଥିଲେ। ଅଷ୍ଟ୍ରେଲିଆ ପାଇଁ ସେ ୬୭ ଟେଷ୍ଟ, ୨୦୮ଟି ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୪୪୬୦ ଓ ୫୩୪୬ ରନ ସଂଗ୍ରହ କରିଛନ୍ତି।



## ହାତରେ ବିୟର ଧରି ଗୋଆ ରାସ୍ତାରେ ସାରା

**ପଣଜୀ, ୩୧।୧୨ (ଏଜେନ୍ସି):** ମହାନ କ୍ରିକେଟର୍ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକରଙ୍କ ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେଉଛି। ଯେଉଁଥିରେ ୨୮ ବର୍ଷୀୟା ସାରା ଗୋଆର ଆରୋସିମ ବିଚ୍ ରାସ୍ତାରେ ହାତରେ ବିୟର ବୋତଲ ଧରି ବୁଲୁଥିବାର ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ସାରା ତାଙ୍କ ବନ୍ଧୁମାନଙ୍କ ସହ ନୂଆ ବର୍ଷ ପାଳନ କରିବାକୁ ଗୋଆ ଯାଇଛନ୍ତି। ସାରାଙ୍କ ସହ ଏହି ଭିଡିଓରେ ଅଭିନେତା ସିଦ୍ଧାର୍ଥ କେଲକର ଓ ସଚିନଙ୍କ ବୋହୂ ହେବାକୁ ଯାଉଥିବା ସାନିଆ ଚାଦୋକଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମରେ ସର୍ବଦା ଚର୍ଚ୍ଚାରେ ରହୁଥିବା ସାରାଙ୍କ ଏହି ଭିଡିଓକୁ ନେଇ ୟୁଜରମାନେ ମିଶ୍ରିତ ମନ୍ତବ୍ୟ ଦେଇଛନ୍ତି। କିଛି ୟୁଜର ଟ୍ରୋଲ କରି ଲେଖିଛନ୍ତି ଯେ 'ସଚିନ ତାଙ୍କ କ୍ୟାରିୟରରେ କେବେ କୌଣସି ଧୂମପାନ କିମ୍ବା ଆଲକହଲ୍‌ର ପ୍ରଚାରପ୍ରସାର କରିନାହାନ୍ତି। କିନ୍ତୁ ତାଙ୍କ ଝିଅ ସାରା ମଦ ବୋତଲ ଧରି ଗୋଆ ରାସ୍ତାରେ ବୁଲୁଛନ୍ତି।' ଆଉ କିଛି ୟୁଜର ସାରାଙ୍କ ସମର୍ଥନରେ ବାହାରିଛନ୍ତି। ସେମାନେ ଲେଖିଛନ୍ତି ଯେ ସେ ତାଙ୍କ ଇଚ୍ଛା ଅନୁସାରେ ଛୁଟି ଉପଭୋଗ କରିପାରିବେ।



## ଟି-୨୦ ବିଶ୍ୱକପ୍ | ରଶିଦଙ୍କୁ ଆଫଗାନିସ୍ତାନ ଦଳର ନେତୃତ୍ୱ

**କାବୁଲ, ୩୧।୧୨ (ଏଜେନ୍ସି):** ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ବୁଧବାର ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ସ୍ପିନ ଅଲ୍‌ରାଉଣ୍ଡର ରଶିଦ ଖାନଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଏହି ସମାନ ୧୫ ଜଣିଆ ଦଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ହେବାକୁ ଥିବା ୩ ଟିକିଆ ଟି-୨୦ ସିରିଜରେ ମଧ୍ୟ ଖେଳିବେ। ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବ। ଏଥିରେ ଆଫଗାନିସ୍ତାନ ପୁଲ୍-ଡି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଆଫଗାନିସ୍ତାନ ସହ ନ୍ୟୁଜିଲାଣ୍ଡ, ଦକ୍ଷିଣଆଫ୍ରିକା, ୟୁଏଇ ଓ କାନାଡା ରହିଛନ୍ତି। ଫେବୃଆରୀ ୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଆଫଗାନିସ୍ତାନ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।



ଆଫଗାନିସ୍ତାନ ଦଳ: ରଶିଦ ଖାନ (ଅଧିନାୟକ), ଇବ୍ରାହିମ ଜର୍ଦାନ (ଉପ-ଅଧିନାୟକ), ରହମନୁଲ୍ଲା ଗୁରବାଜ, ମହମ୍ମଦ ଇଶାକ (ୱିକେଟ୍‌କିପର), ସେଦିକୁଲ୍ଲା ଅଟଳ, ଡାରୱିଶ ରସୋଲି, ଶାହିଦୁଲ୍ଲା କମଳ, ଅଜମାତୁଲ୍ଲା ଓମାରଜାଇ, ଗୁଲାବଦିନ ନାଇବ, ମହମ୍ମଦ ନବି, ନୁର୍ ଅହମ୍ମଦ, ମୁଜିବ୍ ଉର୍ ରେହମାନ, ନବୀନ ଉଲ୍ ହକ୍, ଫଜଲ ହକ୍ ଫାରୁକି ଓ ଅବଦୁଲ୍ଲା ଅହମଦଜାଇ।

## ଓଡ଼ିଶା-ପଣ୍ଡିଚେରୀ ମ୍ୟାଚ୍ ଡ୍ର'

**ଭୁବନେଶ୍ୱର, ୩୧।୧୨ (ସମିସ):** ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ଓ ପଣ୍ଡିଚେରୀ ମଧ୍ୟରେ ଚାଲିଥିବା ମ୍ୟାଚ୍ ଡ୍ର ରହିଛି। ତେବେ ଓଡ଼ିଶା ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ହାସଲ କରିଛି। ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ପାଳିରେ ୬ ୱିକେଟ୍‌ରେ ୩୦୫ ରନ ଓ ପଣ୍ଡିଚେରୀ ୨୮୭ରେ ସୀମିତ ରହିଥିଲା। ଏହାପରେ ୩ୟ ଦିବସରେ ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ୍‌ରେ ୬୨ ରନ କରିଥିଲା।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ | ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ

**ଯାଜପୁର, ୩୧।୧୨(ସମିସ):** ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବୋର୍ଣ୍ଣ କ୍ରିକେଟ୍ କ୍ଲବ ମିଳିତ ଆନୁକୂଲ୍ୟରେ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲ୍‌ୱେ (ଖୋର୍ଦ୍ଧା) ଫାଇନାଲରେ ପହଞ୍ଚିଛି। ବୁଧବାର ପ୍ରଥମ ସେମିଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ ୩୩ ରନ୍‌ରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ (ଇନ୍ଦୁପୁର)କୁ ପରାସ୍ତ କରିଛି। ଟସ୍ ଜିତି ରେଲୱେ ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ୍ ହରାଇ ୧୯୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାୱନ ପାହେରିଆ ୪୦ ଓ ଓମ୍‌କାର ଥୋରାଟ ୩୩ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ଇଜହାରୁଦ୍ଦିନ ଓ ସାହିଲ ୨ଟି ଲେଖାଏ ୱିକେଟ୍ ଅକ୍ତିୟାର କରିଥିଲେ। ଜବାବରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ୍ ୨୧.୨ ଓଭର ଖେଳି ୧୫୮ ରନରେ ଅଲ୍‌ଆଉଟ୍ ହୋଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ୩୭ ଓ ଆଦିତ୍ୟ ଆନନ୍ଦ ୩୨ ରନ୍ ସଂଗ୍ରହ କରିଥିଲେ। ବିଜୟୀ ରେଲୱେର ପ୍ରଶାନ୍ତ ସାହୁ ୫ ଓ ସମୀର ମହାନ୍ତି ୩ଟି ଲେଖାଏ ୱିକେଟ୍ ଅକ୍ତିୟାର କରିଥିଲେ। ପ୍ରଶାନ୍ତ ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ମେଲବର୍ଣ୍ଣ କ୍ରିକେଟ୍ କ୍ଲବର ପୂର୍ବତନ କ୍ରିକେଟର ତଥା ବରିଷ୍ଠ ବ୍ୟବସାୟୀ ରତିକାନ୍ତ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚକୁ ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଶ୍ରୀଜୟ ମହାପାତ୍ର, ଦିବାକର କର, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ଅୟସକାନ୍ତ ଧଳ, ଭୂପତି ମିଶ୍ର, ସୁଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଅମ୍ପାୟାର୍ ଶାରଦ ମହାପାତ୍ର, ଓ ସତ୍ୟବ୍ରତ ଯେନା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିବାବେଳେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ସ୍କୋରିଂରେ ସହଯୋଗ କରିଥିଲେ।








## ସର୍ଫରାଜଙ୍କ ବିସ୍ଫୋରକ ଶତକ

**ଜୟପୁର, ୩୧।୧୨ (ଏଜେନ୍ସି):** ବିଜୟହଜାରେ ଟ୍ରଫିର ଗ୍ରୁପ୍-ସି'ରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ମୁମ୍ବାଇ ୮୭ ରନରେ ଗୋଆକୁ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ସର୍ଫରାଜ ଖାନଙ୍କ ବିସ୍ଫୋରକ ଶତକ ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୪୪୪ ରନ କରିଥିଲା। ସର୍ଫରାଜ ନିଜର ୩ୟ ଲିଷ୍ଟ-ଏ ଶତକୀୟ ପାଳିରେ ୭୫ ବଲରେ ୧୫୭ ରନ କରିଥିଲେ। ଯେଉଁଥିରେ ୧୪ଟି ଛକା ଓ ୯ଟି ଚୌକା ମାରିଥିଲେ। ଜବାବରେ ଗୋଆ ଅଭିନବ ତେଜରାଣାଙ୍କ ୧୦୦ ରନ ସତ୍ତ୍ୱେ ୯ ୱିକେଟ୍‌ରେ ୩୫୭ ରନ କରି ପରାସ୍ତ ହୋଇଥିଲା। ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଓପନିଂ ଆସି ୨୭ ବଲରେ ୨୪ ରନ କରିଥିଲେ। ମୁମ୍ବାଇ କ୍ରମାଗତ ୪ର୍ଥ ବିଜୟ ସହ ୧୬ ପଏଣ୍ଟ ସହ ଗ୍ରୁପ୍-ସି ଶୀର୍ଷରେ ରହିଛି।

## ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍

## ବୁମ୍‌ରା ଶୀର୍ଷରେ ସ୍ଥିର

**ଦୁବାଇ,୩୧।୧୨(ଏଜେନ୍ସି):** ଆଇସିସି ପକ୍ଷରୁ ବୁଧବାର ପ୍ରକାଶିତ ଟେଷ୍ଟ ମାନ୍ୟତାରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଖେଳାଳିମାନେ ଲାଭବାନ ହୋଇଛନ୍ତି। ଆସେସ ସିରିଜର ଚତୁର୍ଥ ଟେଷ୍ଟ ପରେ ଏହି ତାଲିକା ପ୍ରକାଶିତ ହୋଇଛି। ତେବେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପୂର୍ବପରି ବୋଲିଂ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆରେ ମିଚେଲ ଷ୍ଟାର୍କ ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟରେ ରହିଛନ୍ତି। ପାକିସ୍ତାନ ସ୍ପିନର ନୋମାନ ଅଲି ଦୁଇଟି ପାହାଚ ଉପରକୁ ଉଠି ତୃତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ପ୍ୟାଟ କୁମିନ୍ସ ଦ୍ୱିତୀୟରୁ ୪ର୍ଥ ସ୍ଥାନକୁ ଖସିଯାଇଛନ୍ତି। ବ୍ୟାଟିଂ ତାଲିକାରେ ଇଂଲଣ୍ଡର ଜୋ ରୁଟ ଓ ହାରୀ ବ୍ରୁକ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତର ଯଶସ୍ୱୀ ଜୟସ୍ୱାଲ ୮ମ ଓ ଅଧିନାୟକ ଶୁବମାନ ଗିଲ ଗୋଟିଏ ସ୍ଥାନ ଉପରକୁ ଉଠି ୧୦ ସ୍ଥାନରେ ରହି ଶ୍ରେଷ୍ଠ-୧୦ରେ ସ୍ଥାନିତ ହୋଇଛନ୍ତି। ଅପରପକ୍ଷରେ ଦିନିକିଆରେ ବିରାଟ କୋହଲି ଓ ରୋହିତ ଶର୍ମା ଆଧିପତ୍ୟ ବଜାୟ ରଖି ଯଥାକ୍ରମେ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।










PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS